# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, August 2/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



STATE'S HIGHEST SUCCESS RATE* at NEET consistently

*CONDITIONS APPLY

# YUVODAYA
## IIT-JEE/MEDICAL
Advanced Classes

FRESHERS-2021



SUBHAM IIT BOMBAY

STATE RANK 5 SOUMESH AIIMS BHUBANESWAR 690

ANKIT AIIMS RAIPUR 673

BIPLAB SCB CUTTACK 656

ARYAN SCB CUTTACK 654

SOM AIIMS DEOGHAR 640

NEET-2021: 45 out of 119 Govt. Medical College Selects

Raghunath AIIMS, KALYANI; Satyadish SCB, CUTTACK (AIIMS QUALIFIED); Sonali SCB, CUTTACK (AIIMS QUALIFIED); Pratik SCB, CUTTACK (AIIMS QUALIFIED); Sitish SCB, CUTTACK (AIIMS QUALIFIED); Manas SCB, CUTTACK (AIIMS QUALIFIED); Sambit Nayak AIIMS, BBSR; Sambit Behera SCB, CUTTACK (AIIMS QUALIFIED); Alok SCB, CUTTACK (AIIMS QUALIFIED)

Prabhudutta SCB, CUTTACK (AIIMS QUALIFIED); Gulsan SCB, CUTTACK; Sudesna MKCG, BRAHMAPUR; Nitesh VIMSAR, BURLA; Debashish VIMSAR, BURLA; Radhamohan SCB, CUTTACK; Lalit Mohan VIMSAR, BURLA; Sachidananda VIMSAR, BURLA; Bikash Bhoi MKCG, BRAHMAPUR

Abhilash VIMSAR, BURLA; S.M. Soumyadarshi MKCG, BRAHMAPUR; Paresh VIMSAR, BURLA; S. Chidananda MKCG, BRAHMAPUR; Anshuman VIMSAR, BURLA; Ayesha VIMSAR, BURLA; Suraj VIMSAR, BURLA; Swasti Sagarika BBMC, BALANGIR; Ashish VIMSAR, BURLA

Pritam VIMSAR, BURLA; Subodh BBMC, BALANGIR; Satyasundar BBMC, BALANGIR; Samikshya SJMC, PURI; Verolina BBMC, BALANGIR; Sandeep FMMC, BALASORE; Deepak BBMC, BALANGIR; Sananda SJMC, PURI; Bikash SJMC, PURI

Dipti SCB, CUTTACK; Suman BBMC, BALANGIR; Badal SLNMC, KORAPUT; Nicky SCB, CUTTACK; Rajlaxmi SCB, CUTTACK; Anshuman MKCG, BRAHMAPUR; Priyadarshini MKCG, BRAHMAPUR; Sweety VIMSAR, BURLA; Sourav Bhoi BBMC, BALANGIR

JEE MAIN SESSION-1 SCORES : 2022

Nikhil Kedia 99.37; Spandan Mishra 99.20; Satya Prangya Jew 98.47; Bikash Naik 98.39; Ritisnigdha Dash 98.31; Debabrata Parhi 97.56

Tridev Sahu 97.54; Durgesh Khatua 97.05; Nilesh Agrawal 96.60; Sobhan Kumar Dash 96.24; Rama Sahu 96.21; Jyotiranjan Panda 96.06

Chularanjan Seth 96.06; Rashmita Pradhan 94.64; Noumis Rana 92.79; Prabeen Kumar Bhoi 91.73; Bablu Meher 91.61; Khileswari Juria 84.65

| Factors | So called Big Brands | Yuvodaya Classes |
|---|---|---|
| Motive | Commercially driven | Passionately operated |
| Faculty | Dedication missing | Fully dedicated |
| Individual Attention | Not possible owing to huge student base | 100% assured because of limited students |
| Result Orientation | Duty bound attitude | Being derived from within |
| Success Rate | Very low | Highest in the state |
| Doubt Resolution | Superfluous | Prioritised & immediate |
| Accessibility | Restricted access to Head of Centre | Head of Centre instantly accessible |
| Personal Care | Unanswerable attitude | 24x7 highly alert (Home-away-home) |
| Transformation of average performers | No instances of meticulous grooming | Proven track record of deriving awesome results from average students |
| Revision | Out of their scope | Integrated part of the education delivery |
| All Good Faculty for All Subjects | Balanced approach. Some subject faculties are good | Specific chapters are allocated to respective chapter experts |
| Student Discipline | Neglected | Properly managed |
| Ranks | Results of outside students are advertised | Top ranks of the state by genuine students of Yuvodaya |

## ADMISSIONS ARE ON FULL SWING FOR ONE YEAR IIT-JEE (M&A)/NEET

| BHUBANESWAR | BERHAMPUR | BALANGIR |
|---|---|---|
| Jayadev Vihar, Biju Pattnaik College Road | Utkal Ashram Road, Opp. Pani Tanki | Hatisal Pada, Near Treasury Office |
| 9437330577 / 7381064208 | 9437338316 / 9437091905 | 9777884488 / 9938086842 |
| 7077983222 / 7381013202 | 7008150867 / 9827088108 | 9437367867 / 9776287762 |



STATE TOPPER

PHYSICS: 180/180
NEET: 73 (682 MARKS)
AIIMS-AIR: 221

No 1 AIIMS & NEET 2019

ASHUTOSH

NEST CHAMPS - 2022: Spandan Mishra; Harshita Deheri; Nandita Dash; Tridev Sahu; Pragyan Parimita; Nikhil Kedia; Durgesh Khatua; Nilesh Agrawal; Subrat Kumar Sahu

JEE CHAMPS - 2021: JYOTIRAJ IIT, MADRAS; AMAN NIT, RAIPUR; GOURA S. NIT, ROURKELA

BALANGIR CBSE WING 2022

Prabeen Kumar Bhoi 97%; Animesh Sahoo 94%; Spandan Mishra 93.4%; Nikhil Kedia 93.4%; Chularanjan Seth 93.4%; Sainee Sahoo 92%; Ayush Tripathy 92%; Shrutirekha Biswal 92%; Khileswari Juria 91%

Saswat Kumar Harpal 91%; Swaraj Thakur 91%; Charchit Nanda 90.4%; Shiv Sukalyan Padhan 90%; Astha Choudhury 90%; Yash Rana 90%; Rahul R Nair 90%; Ananya Satpathy 90%; Saswat Anubhav Mishra 90%; Suman Kumar Halwai 90%

For CBSE XI Science Admission, Call - 9556279240 (Bhubaneswar) / 9437338316 (Berhampur) / 9777884488 (Balangir)

BALANGIR CHSE - 2022 AT A GLANCE

| | | | |
|---|---|---|---|
| Highest Mark - 95.16 % | First Divisions - 318 / 327 nos. | Botany : 50 - 3 nos. / 49 - 8 nos. | HIGHEST A-1s (90%) IN WESTERN ODISHA CONSISTENTLY |
| 500 + marks - 115 nos. | Physics : 100 - 8 nos. / 99 - 5 nos. | Zoology : 50 - 3 nos. / 49 - 9 nos. | 2022 (32 nos.) 2021 (49 nos.) |
| 80% + marks - 168 / 327 nos. | Chemistry : 95 above - 7 nos. | English : 85 above - 8 nos. | 2020 (4 nos.) |
| 70% + marks - 295 / 327 nos. | Math : 100 - 2 nos. / 99 - 3 nos. | MIL : 95 above - 24 nos. | 2019 (3 nos.) |

100% RESULTS



ବଲିଉଡ ସୁପରଷ୍ଟାର ସଲ୍‌ମାନ ଖାନ୍‌ଙ୍କୁ ବନ୍ଧୁକ ଲାଇସେନ୍ସ ମିଳିଛି। ହତ୍ୟା ଧମକ ମିଳିବା ପରେ ଆତ୍ମରକ୍ଷା ଲାଗି ସେ ବନ୍ଧୁକ ଲାଇସେନ୍ସ ପାଇଁ ଆବେଦନ କରିଥିଲେ। ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ତାଙ୍କୁ ହତ୍ୟା ଧମକ ଦେଇଥିଲା। ଏହା ପରେ ସଲମାନ ମୁମ୍ବାଇ ପୋଲିସ କମିଶନର ବିବେକ ଫନ୍‌ସଲକାରଙ୍କୁ ଭେଟିଥିଲେ। ସୂଚନାଯୋଗ୍ୟ, ଗତ ମେ' ୨୯ରେ ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କୁ ହତ୍ୟା କରାଯିବା ପରେ ଜୁନ୍ ୫ରେ ସଲମାନ ଓ ତାଙ୍କ ବାପା ସଲିମ୍ ଖାନ୍‌ଙ୍କ ନିକଟକୁ ହତ୍ୟା ଧମକ ଚିଠି ଆସିଥିଲା।

## ସଂକ୍ଷେପରେ

### କ୍ଷମା ମାଗିଲେ ମହାରାଷ୍ଟ୍ର ରାଜ୍ୟପାଳ

**ମୁମ୍ବାଇ,୧।୮:** ଗୁଜରାଟୀ ଓ ରାଜସ୍ଥାନୀ ଚାଲିଗଲେ ମୁମ୍ବାଇ ଆର୍ଥିକ ରାଜଧାନୀର ମାନ୍ୟତା ହରାଇବ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଥିବା ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶ୍ୟାରି ସୋମବାର କ୍ଷମା ମାଗିଛନ୍ତି। ମୁମ୍ବାଇର ବିକାଶ ପାଇଁ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଅବଦାନକୁ ପ୍ରଶଂସା କରିବା ତାଙ୍କର ଭୁଲ୍ ଥିଲା ବୋଲି ସେ କହିଛନ୍ତି। କେବଳ ମହାରାଷ୍ଟ୍ର ନୁହେଁ ଦେଶର ବିକାଶରେ ସମସ୍ତଙ୍କର ସ୍ୱତନ୍ତ୍ର ଅବଦାନ ରହିଛି। ସୂଚନାଯୋଗ୍ୟ ଜୁଲାଇ ୨୯ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କୋଶ୍ୟାରି ମହାରାଷ୍ଟ୍ର ବିଶେଷ କରି ମୁମ୍ବାଇର ବିକାଶରେ ଗୁଜରାଟୀ ଓ ରାଜସ୍ଥାନୀଙ୍କ ଅବଦାନର ପ୍ରଶଂସା କରିବା ସହ ସେମାନେ ଚାଲିଗଲେ ମୁମ୍ବାଇ ଆର୍ଥିକ ରାଜଧାନୀ ମାନ୍ୟତା ହରାଇବ କହିଥିଲେ। ଶିବସେନା ଓ ଅନ୍ୟ ଦଳଗୁଡ଼ିକ ତାଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ମରାଠୀଙ୍କୁ କ୍ଷମା ମାଗିବା ପାଇଁ ଦାବି କରିଥିଲେ।

### ମଙ୍କିପକ୍ସ ସ୍ଥିତି ଅନୁଧ୍ୟାନ ଲାଗି ଟାସ୍କଫୋର୍ସ

**ନୂଆଦିଲ୍ଲୀ,୧।୮:** ଭାରତରେ ପ୍ରଥମ ମଙ୍କିପକ୍ସ ରୋଗୀଙ୍କ ମୃତ୍ୟୁ ପରେ ସରକାର ଅଧିକ ସଜାଗ ହୋଇଛନ୍ତି। ଦେଶରେ ମଙ୍କିପକ୍ସ ସଂକ୍ରମଣ ସ୍ଥିତି ଉପରେ କଡ଼ା ନଜର ରଖିବା ଲାଗି ଟାସ୍କଫୋର୍ସ ଗଠନ କରାଯାଇଛି। ସଂକ୍ରମଣ ରୋକିବା ଲାଗି କ'ଣ ପଦକ୍ଷେପ ନିଆଯିବ, ସେ ସମ୍ପର୍କରେ ଟାସ୍କଫୋର୍ସ ନିଷ୍ପତ୍ତି ନେବ। ଦେଶରେ ନିଦାନ ସୁବିଧା ବଢ଼ାଇବା, ମଙ୍କିପକ୍ସ ପାଇଁ ଟିକା ପ୍ରସ୍ତୁତି ଆଦି ସମ୍ପର୍କରେ ଟାସ୍କଫୋର୍ସ ସରକାରଙ୍କୁ ଗାଇଡ୍‌ଲାଇନ ଦେବ। ଗତ ସପ୍ତାହରେ କେରଳରେ ମଙ୍କିପକ୍ସ ଲକ୍ଷଣ ଥିବା ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିଲା। ସେ ମଙ୍କିପକ୍ସ ସଂକ୍ରମିତ ଥିଲେ ବୋଲି ସୋମବାର ସ୍ପଷ୍ଟ ହୋଇଛି। ଟାସ୍କଫୋର୍ସ ଗଠନ ଲାଗି ଗତ ୨୬ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ ଟାସ୍କଫୋର୍ସର ଅଧ୍ୟକ୍ଷ ରହିବେ। ମଙ୍କିପକ୍ସ ସଂକ୍ରମଣ ସମ୍ପର୍କରେ ଠିକ୍ ସମୟରେ ରିପୋର୍ଟ କରିବା, ରୋଗ ଚିହ୍ନଟ ଓ ପରିଚାଳନା ଦିଗରେ ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂଗଠନ ଏବଂ ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ କାର୍ଯ୍ୟ କରିବାକୁ କୁହାଯାଇଛି।

### ତଦନ୍ତରେ ସହଯୋଗ କରୁନାହାନ୍ତି ପାର୍ଥ: ଇଡି

**କୋଲକାତା,୧।୮:** ପଶ୍ଚିମବଙ୍ଗରେ ବହୁ କୋଟି ଟଙ୍କାର ସ୍କୁଲ୍ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପୂର୍ବତନ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ତଦନ୍ତରେ ସହଯୋଗ କରୁ ନ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କହିଛି। ବୁଧବାର ସ୍ୱତନ୍ତ୍ର ଅଦାଲତରେ ତାଙ୍କୁ ହାଜର କଲା ବେଳେ ଇଡି ଏ ସମ୍ପର୍କରେ ବିଚାରପତିଙ୍କୁ ଜଣାଇବା ସହ ହାଜତ ମିଆଦ ବଢ଼ାଇବା ପାଇଁ ଆବେଦନ କରିବ ବୋଲି ଜଣାପଡ଼ିଛି। ପାର୍ଥଙ୍କୁ ଜେରା ସମୟର ଭିଡିଓ ରେକର୍ଡିଂ କରାଯିବା ସହ ଅନ୍ୟ ସମୟରେ ତାଙ୍କ ଆଚରଣକୁ ମଧ ରେକର୍ଡ କରାଯାଇଛି। ସେ ଔଷଧ ଏବଂ ଡାଏଟ୍ ଚାର୍ଟ ଅନୁଯାୟୀ ଖାଦ୍ୟ ଖାଉ ନାହାନ୍ତି। ଉକ୍ତ ଭିଡିଓକୁ କୋର୍ଟରେ ଉପସ୍ଥାପନ କରାଯିବ ବୋଲି ଇଡିର ଜଣେ ଅଧିକାରୀ କହିଛନ୍ତି। ଅନ୍ୟ ପକ୍ଷରେ ପାର୍ଥଙ୍କ ଘନିଷ୍ଠ ସହଯୋଗୀ ଅର୍ପିତା ମୁଖାର୍ଜୀ ତଦନ୍ତରେ ସହାୟତା କରୁଥିବା ସେ କହିଛନ୍ତି। ଇଡି ଚଢ଼ାଉ ବେଳେ ଅର୍ପିତାଙ୍କ ଘରୁ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା, ୫ କୋଟି ଟଙ୍କାର ସୁନା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଥିଲା।

# ଲୋକ ସଭାରେ ଦରବୃଦ୍ଧି ତାତି



■ମାନ୍ଦାବସ୍ଥା ଆସିବା ପ୍ରଶ୍ନ ଉଠୁନି: ଅର୍ଥମନ୍ତ୍ରୀ
■ପ୍ରତିବାଦରେ କଂଗ୍ରେସର କକ୍ଷତ୍ୟାଗ
■ଦର ନିୟନ୍ତ୍ରଣ ଲାଗି ସରକାରଙ୍କ ହସ୍ତକ୍ଷେପ ଦାବି କଲା ବିଜେଡି

ନୂଆଦିଲ୍ଲୀ,୧।୮

ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧିକୁ ନେଇ ଲୋକ ସଭାରେ ସୋମବାର ଆଲୋଚନା ବେଳେ ପ୍ରବଳ ହଙ୍ଗାମା ହୋଇଛି। ବିତର୍କର ଜବାବରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଦେଶରେ ଆର୍ଥିକ ସ୍ଥିତିର ଏକ ହିସାବ ରଖିବା ସହ ମାନ୍ଦାବସ୍ଥା ଆସିବାର ପ୍ରଶ୍ନ ଉଠୁନାହିଁ ବୋଲି କହିଥିଲେ। କେତେକ ଖବରକାଗଜରେ ପ୍ରକାଶ ପାଇଥିବା ମାନ୍ଦାବସ୍ଥା ସମ୍ପର୍କିତ ରିପୋର୍ଟକୁ ସେ ଖଣ୍ଡନ କରିଥିଲେ। ବ୍ଲୁମ୍‌ବର୍ଗ ସର୍ଭେ ଅନୁଯାୟୀ ଦେଶରେ ମାନ୍ଦାବସ୍ଥା ଆସିବା ସମ୍ଭାବନା ନାହିଁ। ଅନେକ ଦେଶଠାରୁ ଭାରତର ଅର୍ଥନୀତି ଭଲ ରହିଛି ଏବଂ ଏହା ଦ୍ରୁତ ଅଭିବୃଦ୍ଧି କରୁଛି ବୋଲି ସୀତାରାମନ କହିଥିଲେ। ତେବେ ମନ୍ତ୍ରୀଙ୍କ ଉତ୍ତର ସନ୍ତୋଷଜନକ ନୁହେଁ ଦର୍ଶାଇ ଆଲୋଚନା ଅଧାରୁ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ।

ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବଢ଼ିଚାଲିଥିବାବେଳେ ଏହା ଉପରେ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକ ମୌସୁମୀ ଅଧିବେଶନ ଆରମ୍ଭରୁ ଜୋର୍‌ଦାର ଦାବି କରିଆସୁଥିଲେ। ଏହାକୁ ନେଇ ୧୦ଦିନ ଧରି ଗୃହରେ ହଙ୍ଗାମା ଓ ଅଚଳାବସ୍ଥା ଲାଗି ରହିଥିବାବେଳେ ସୋମବାର ଏହା ଉପରେ ଆଲୋଚନା ପାଇଁ ସରକାର ରାଜି ହୋଇଥିଲେ। ଅର୍ଥମନ୍ତ୍ରୀ କହିଛନ୍ତି, କୋଭିଡ୍ ମହାମାରୀ ଓ ଏହାର ଦ୍ୱିତୀୟ ଲହର, ଓମିକ୍ରନ, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ସତ୍ତ୍ୱେ ମୁଦ୍ରାସ୍ଫୀତି ୭ ପ୍ରତିଶତରୁ କମ୍ ରହିଛି, ଯାହାକୁ ସ୍ୱୀକାର କରିବାକୁ ପଡ଼ିବ। ୨୦୦୪ରୁ ୨୦୧୪ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ସମୟରେ ମୁଦ୍ରାସ୍ଫୀତି ଦୁଇଅଙ୍କରେ ପହଞ୍ଚିଥିଲା। କ୍ରମାଗତ ୨୨ ମାସ ଧରି ମୁଦ୍ରାସ୍ଫୀତି ୯ ପ୍ରତିଶତରୁ ଅଧିକ ରହିଥିଲା।

ଦରବୃଦ୍ଧି ଆଲୋଚନାରେ ବିଭିନ୍ନ ଦଳର ପ୍ରାୟ ୩୦ ଜଣ ଏମ୍‌ପି ଭାଗ ନେଇଥିଲେ। ବିଜେଡି, ୱାଇଏସ୍‌ଆର୍ କଂଗ୍ରେସ ଭଳି ସମଭାବାପନ୍ନ ଦଳଗୁଡ଼ିକ ମୁଦ୍ରାସ୍ଫୀତି ରୋକିବାରେ ସରକାରଙ୍କ ହସ୍ତକ୍ଷେପ ଲାଗି ଦାବି କରିଥିଲେ। କଂଗ୍ରେସ ଏମ୍‌ପି ମନୀଷ ତିୱାରୀ ଆଲୋଚନା ଆରମ୍ଭ କରି ବିମୁଦ୍ରୀକରଣ, ତ୍ରୁଟିପୂର୍ଣ୍ଣ ଜିଏସ୍‌ଟି ନୀତି ଓ ଭାଜପା ନେତୃତ୍ୱାଧୀନ ସରକାରଙ୍କ ଆର୍ଥିକ ପରିଚାଳନାରେ ବିଫଳତା ଯୋଗୁ ଦରଦାମ୍ ବଢୁଥିବା ସେ କହିଥିଲେ। ଜିଏସ୍‌ଟି ବଢ଼ାଇ ସରକାର ତାଙ୍କ ବଜେଟକୁ ବଢ଼ାଇ ଚାଲିଥିବାବେଳେ ଜନସାଧାରଣଙ୍କ ବଜେଟ ବିପର୍ଯ୍ୟସ୍ତ ହେବାରେ ଲାଗିଛି ବୋଲି ତିୱାରୀ କହିଥିଲେ। ଆଲୋଚନାରେ ଭାଗନେଇ ବିଜେଡି ଏମ୍‌ପି ପିନାକୀ ମିଶ୍ର କହିଥିଲେ, ବିମୁଦ୍ରୀକରଣ ପରେ ଦେଶରେ ନଗଦ ଅର୍ଥ ପରିମାଣ ଦୁଇଗୁଣ ହୋଇଛି। ସରକାର ତାଙ୍କ ଆର୍ଥିକ ନୀତିର ଆତ୍ମସମୀକ୍ଷା କରିବା ଆବଶ୍ୟକ ବୋଲି ସେ କହିଥିଲେ। କଂଗ୍ରେସ ସରକାର ସମୟରେ କିଣାଯାଇଥିବା ଇନ୍ଧନ ବଣ୍ଡ୍ ପାଇଁ ତେଲ ଦର ବଢୁଛି ବୋଲି କେନ୍ଦ୍ର କହିଥିବାବେଳେ ପିନାକୀ ଏହାକୁ ଖଣ୍ଡନ କରି ସରକାର ତେଲରୁ ୨୭.୨୭ ଲକ୍ଷ କୋଟି ଟଙ୍କା ଟିକସ ସଂଗ୍ରହ କରୁଥିବା କହିଥିଲେ।

## ଗଣବିଧ୍ୱଂସୀ ଅସ୍ତ୍ର ପାଇଁ ପାଣ୍ଠି ଯୋଗାଣ ନିଷେଧ ହେବ

**ପାର୍ଲାମେଣ୍ଟରେ ବିଲ୍ ଗୃହୀତ**

ନୂଆଦିଲ୍ଲୀ,୧।୮(ପି.ଟି.)

ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ନିର୍ମାଣରେ ପୁଞ୍ଜିନିବେଶ ବନ୍ଦ କରିବା ଲାଗି ସୋମବାର ପାର୍ଲାମେଣ୍ଟରେ ବିଲ୍ ଗୃହୀତ ହୋଇଛି। ଏଭଳି କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କ ଆର୍ଥିକ ସମ୍ପତ୍ତି ଏବଂ ଆର୍ଥିକ ଉତ୍ସକୁ ଜବତ କରିବା କିମ୍ବା ବାଜ୍ୟାପ୍ତ କରିବା ଲାଗି ବିଲ୍‌ରେ କେନ୍ଦ୍ର ସରକାରଙ୍କୁ କ୍ଷମତା ଦିଆଯାଇଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗଣବିଧ୍ୱଂସୀ ଅସ୍ତ୍ର ଓ ସେଗୁଡ଼ିକର ଯୋଗାଣ ବ୍ୟବସ୍ଥା (ବେଆଇନ କାର୍ଯ୍ୟକଳାପ ନିରୋଧୀ) ସଂଶୋଧନ ବିଲ୍, ୨୦୨୨ ଉପସ୍ଥାପନ କରିଥିଲେ। ଆତଙ୍କବାଦ ଭଳି ଗଣବିଧ୍ୱଂସୀ ଅସ୍ତ୍ର ଦେଶ ପାଇଁ ବଡ଼ ବିପଦ ଏହା ସବୁ ସଦସ୍ୟ ସ୍ୱୀକାର କରୁଥିବା ଜୟଶଙ୍କର କହିଥିଲେ। ବର୍ତ୍ତମାନର ଆଇନରେ ଅସ୍ତ୍ର ବ୍ୟବସାୟ ଉପରେ କଟକଣା ଥିବାବେଳେ ଏହାର ନିର୍ମାଣରେ ପୁଞ୍ଜିନିବେଶ ଲାଗି କୌଣସି କଟକଣା ନାହିଁ। ତେଣୁ ଏଥିପାଇଁ ଆଇନର ଆବଶ୍ୟକତା ରହିଛି। ମନିଲଣ୍ଡରିଂ ମାମଲାରେ ଶିବସେନା ଏମ୍‌ପି ସଞ୍ଜୟ ରାଉତ ଗିରଫ ହେବା ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକର ହୋହାଲ୍ଲା ମଧ୍ୟରେ ରାଜ୍ୟ ସଭାରେ ବିଲ୍ ବାଚନିକ ମତରେ ଗୃହୀତ ହୋଇଥିଲା। ଗତ ଏପ୍ରିଲରେ ଉକ୍ତ ବିଲ୍ ଲୋକ ସଭାର ଅନୁମୋଦନ ଲାଭ କରିଥିଲା।

## ବାଇଗଣ କାମୁଡ଼ିଲେ ଏମ୍‌ପି



ଦରଦାମ୍ ବୃଦ୍ଧିକୁ ବିରୋଧ କରି ଟିଏମ୍‌ସି ଏମ୍‌ପି କାକୋଳି ଘୋଷ ଦସ୍ତିଦାର ସୋମବାର ଲୋକସଭାରେ ବକ୍ତବ୍ୟ ରଖୁଥିବାବେଳେ ସେ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ବିରୋଧ କରି କଞ୍ଚା ବାଇଗଣ ଚୋବାଇଥିଲେ। ଏମ୍‌ପି କାକୋଳି କହିଥିଲେ, ଗ୍ୟାସ୍ ସିଲିଣ୍ଡର ଦର ଏତେ ମହଙ୍ଗା ହୋଇଛି ଯେ ସାଧାରଣ ଲୋକ ରୋଷେଇ କରି ଖାଇବା ଅବସ୍ଥାରେ ନାହାନ୍ତି। ସିଲିଣ୍ଡର ପିଛା ମୂଲ୍ୟ ୬୦୦ ଟଙ୍କାରୁ ବଢ଼ି ଏବେ ୧,୧୦୦ ଟଙ୍କାରେ ପହଞ୍ଚିଲାଣି। ତେଣୁ ପନିପରିବାକୁ କଞ୍ଚା ଖାଇବାକୁ ପଡୁଛି। ଏହା କହି ସେ ହାତରେ ଧରିଥିବା ଏକ କଞ୍ଚା ବାଇଗଣକୁ କାମୁଡ଼ିଥିଲେ। ଜଣେ ଗରିବ ଏବଂ ଶ୍ରମିକ କିପରି ଏତେ ମହଙ୍ଗାରେ ସିଲିଣ୍ଡର କିଣିପାରିବ ବୋଲି ସେ ପ୍ରଶ୍ନ କରିଥିଲେ। ସରକାର ସେମାନଙ୍କୁ କଞ୍ଚା ପରିବା ଖାଇବା ପାଇଁ ବାଧ୍ୟ କରୁଛନ୍ତ ବୋଲି ସେ କହିଥିଲେ।



ରାଷ୍ଟ୍ରପତି ଭବନରେ ସିଜେଆଇ ଜଷ୍ଟିସ୍ ଏନ୍.ଭି. ରମନା ଓ ତାଙ୍କ ସ୍ତ୍ରୀ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟୁଛନ୍ତି।

## ପଶ୍ଚିମବଙ୍ଗରେ ୭ ନୂଆ ଜିଲା ହେବ

କୋଲକାତା,୧।୮

ପଶ୍ଚିମବଙ୍ଗରେ ୭ ନୂତନ ଜିଲା ଗଠନ ହେବାକୁ ଯାଉଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର ଘୋଷଣା କରିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଜିଲା ସଂଖ୍ୟା ୩୦ରେ ପହଞ୍ଚିବ। ବୁଧବାର ତାଙ୍କ କ୍ୟାବିନେଟର ସମ୍ପ୍ରସାରଣ ହେବାକୁ ଥିବା ମମତା ସୂଚନା ଦେଇଛନ୍ତି। ୪ରୁ ୫ ଜଣ ନୂଆ ମନ୍ତ୍ରୀ କ୍ୟାବିନେଟରେ ସାମିଲ ହୋଇପାରନ୍ତି। ବିଭିନ୍ନ ବିଭାଗରେ ମନ୍ତ୍ରୀ ନାହାନ୍ତି। ଏକୁଟିଆ ସେସବୁ ବିଭାଗର ଦାୟିତ୍ୱ ବୁଝିବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ। ପଞ୍ଚାୟତିରାଜ, ଜନସ୍ୱାସ୍ଥ୍ୟ ଇଞ୍ଜିନିୟରିଂ, ଖାଉଟି ବ୍ୟାପାର ଓ ସ୍ୱୟଂସହାୟକ ଗୋଷ୍ଠୀ ବିଭାଗ ଏବେ ମମତାଙ୍କ ଅଧୀନରେ ରହିଛି। ଦୁର୍ନୀତି ମାମଲାରେ ପାର୍ଥ ଚାଟାର୍ଜୀ ମନ୍ତ୍ରିମଣ୍ଡଳରୁ ବିଦା ହେବା ପରେ ତାଙ୍କ ଅଧୀନରେ ଥିବା ଶିଳ୍ପ, ସଂସଦୀୟ ବ୍ୟାପାର ଆଦି ବିଭାଗ ମୁଖ୍ୟମନ୍ତ୍ରୀଙ୍କ ହାତକୁ ଆସିଛି।

## ଏନ୍‌ଟିଆର୍‌ଙ୍କ ଝିଅଙ୍କ ଆତ୍ମହତ୍ୟା

**ଘରୁ ଝୁଲନ୍ତା ଅବସ୍ଥାରେ ମୃତଦେହ ମିଳିଲା**
**ମାନସିକ ଚାପରେ ଥିଲେ**

ହାଇଦ୍ରାବାଦ୍,୧।୮

ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଏନ୍‌ଟି ରାମା ରାଓ (ଏନ୍‌ଟିଆର୍)ଙ୍କ ଝିଅ କେ. ଉମା ମାହେଶ୍ୱରୀ ସୋମବାର ଆତ୍ମହତ୍ୟା କରିଛନ୍ତି। ହାଇଦ୍ରାବାଦ ସ୍ଥିତ ତାଙ୍କ ବାସଭବନରେ ସିଲିଂ ଫ୍ୟାନ୍‌ରେ ଲାଗିଥିବା ଏକ ରଶିରେ ଉମାଙ୍କ ମୃତଦେହ ଝୁଲୁଥିବାର ତାଙ୍କ ଝିଅ ପ୍ରଥମେ ଦେଖିଥିଲେ। ଏହାପରେ ସେ ଘଟଣା ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। କିଛିଦିନ ହେବ ଉମାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିଲା। ଅସୁସ୍ଥତା କାରଣରୁ ତାଙ୍କର ଚିକିତ୍ସା ଜାରିଥିଲେ ହେଁ ସେ ମାନସିକ ଚାପରେ ଥିଲେ ବୋଲି କୁହାଯାଉଛି। ସ୍ଥାନୀୟ ଥାନାରେ ଏ ନେଇ ଏତଲା ହୋଇଛି। ବ୍ୟବଚ୍ଛେଦ ପାଇଁ ଉମାଙ୍କ ମୃତଦେହ ଜୁବିଲି ହିଲ୍ସ ସ୍ଥିତ ଓସମାନିଆ ହସ୍ପିଟାଲ ନିଆଯାଇଛି।

ତେଲୁଗୁ ଦେଶମ ପାର୍ଟି (ଟିଡିପି)ର ପ୍ରତିଷ୍ଠାତା ଏନ୍‌ଟି ରାମା ରାଓଙ୍କ ୪ ଝିଅଙ୍କ ଭିତରୁ ଉମା ସବୁଠାରୁ ସାନ ଥିଲେ। ତେବେ ଉମାଙ୍କ ମୃତ୍ୟୁ ଖବର ମିଳିବା ପରେ ଭାଜପା ନେତା ଦଗ୍ଗୁବତି ପୁରନ୍ଦେଶ୍ୱରୀ, ଟିଡିପି ସଭାପତି ଏନ୍.ଚନ୍ଦ୍ରବାବୁ ନାଇଡୁ, ପୁଅ ନାରା ଲୋକେଶ ଏବଂ ପରିବାରର ଅନ୍ୟ ସଦସ୍ୟ ଉମାଙ୍କ ଶେଷ ଦର୍ଶନ ପାଇଁ ତାଙ୍କ ଘରେ ପହଞ୍ଚିଥିଲେ।



## ସିଙ୍ଗାପୁରରେ ନାନ୍ସି ପେଲୋସି

**ଆଜି କରିପାରନ୍ତି ତାଇୱାନ ଗସ୍ତ**

କୁଆଲାଲମ୍ପୁର, ୧।୮

ଆମେରିକା କଂଗ୍ରେସ ସ୍ପିକର ନାନ୍ସି ପେଲୋସିଙ୍କ ଏସିଆ ଗସ୍ତ ଆରମ୍ଭ ହୋଇଛି। ସୋମବାର ସେ ଏକ ପ୍ରତିନିଧି ମଣ୍ଡଳୀ ସହ ସିଙ୍ଗାପୁରରେ ପହଞ୍ଚିଛନ୍ତି। ତାଙ୍କ ଗସ୍ତର ବିବରଣୀ ରିପୋର୍ଟ କରିବାକୁ କୌଣସି ଗଣମାଧ୍ୟମକୁ ଅନୁମତି ମିଳିନାହିଁ। ନାନ୍ସି ସିଙ୍ଗାପୁର ରାଷ୍ଟ୍ରପତି ହାଲିମାହ ୟାକୋବ, ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୋଙ୍ଗ୍ ଏବଂ କ୍ୟାବିନେଟ ମନ୍ତ୍ରୀଙ୍କୁ ଭେଟିଛନ୍ତି। ସିଙ୍ଗାପୁରରେ ଥିବା ଆମେରିକାନ୍ ଚାମ୍ବର ଅଫ୍ କମର୍ସରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତାଙ୍କ ତାଇୱାନ୍ ଗସ୍ତକୁ ନେଇ ସସ୍‌ପେନ୍ସ ଜାରିରହିଛି। ବିଧିବଦ୍ଧ ଭାବେ ଏ ନେଇ କୌଣସି ଘୋଷଣା ହୋଇ ନ ଥିଲେ ହେଁ ମଙ୍ଗଳବାର ରାତିରେ ନାନ୍ସି ତାଇୱାନରେ ପହଞ୍ଚିପାରନ୍ତି ବୋଲି କୁହାଯାଉଛି। ପୂର୍ବରୁ ନାନ୍ସିଙ୍କ ତାଇୱାନ ଗସ୍ତକୁ ବିରୋଧ କରି ସାମରିକ କାର୍ଯ୍ୟାନୁଷ୍ଠାନ ଧମକ ଦେଇଥିବା ଚାଇନା ଏହା ଉପରେ କଡ଼ା ନଜର ରଖିଛି।



ନାନ୍ସି ପେଲୋସି ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୋଙ୍ଗ୍‌ଙ୍କୁ ଭେଟୁଛନ୍ତି।

## ୪ ଯାଏ ଇଡି ହାଜତକୁ ଗଲେ ସଞ୍ଜୟ ରାଉତ

ମୁମ୍ବାଇ,୧।୮



ଜମି ଦୁର୍ନୀତି ମାମଲାରେ ଗିରଫ ଶିବସେନା ଏମ୍‌ପି ସଞ୍ଜୟ ରାଉତଙ୍କୁ ରବିବାର ୪ ଦିନିଆ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇ ଦିଆଯାଇଛି। ଇଡି ୮ ଦିନ ହେପାଜତକୁ ନେବାକୁ ଚାହୁଁଥିବାବେଳେ ସ୍ୱତନ୍ତ୍ର ଅଦାଲତ ୪ ଦିନ ମଞ୍ଜୁର କରିଥିଲେ। ଇଡି ହାଜତରେ ତାଙ୍କୁ ଘରରନ୍ଧା ଖାଦ୍ୟ ଏବଂ ଔଷଧ ମିଳିବ। ସେ ଅସୁସ୍ଥ ଥିବାରୁ ଆବଶ୍ୟକ ଚିକିତ୍ସା କରାଯିବା ସହ ଜେରା ସମୟରେ ଏଥିପ୍ରତି ଯତ୍ନ ନେବାକୁ ଅଦାଲତ କହିଛନ୍ତି। ଇଡି ସଞ୍ଜୟଙ୍କୁ ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ) କୋର୍ଟ ଜଜ୍ ଏମ୍.ଜି. ଦେଶପାଣ୍ଡେଙ୍କ ନିକଟରେ ହାଜର କରି ୮ ଦିନ ହେପାଜତକୁ ନେବାଲାଗି ଆବେଦନ କରିଥିଲା। ଜମି ଦୁର୍ନୀତି ମାମଲାରେ ସଞ୍ଜୟ ଓ ତାଙ୍କ ପରିବାର ପ୍ରତ୍ୟକ୍ଷ ଲାଭ ଉଠାଇଥିବା ଇଡି ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହିତେନ ଭେନେଗାଓଁକର କହିଥିଲେ। ଦୁର୍ନୀତି ମାମଲାରେ ତାଙ୍କୁ ୪ ଥର ସମନ ହୋଇଥିଲେ ହେଁ ସେ ଗୋଟିଏ ଥର ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ ଏବଂ ସେହି ସମୟ ମଧ୍ୟରେ ସେ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ। ସଞ୍ଜୟ ଜଣେ ହୃଦ୍‌ରୋଗୀ ହୋଇଥିବାରୁ ତାଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜେରା କରାଯିବା ଉଚିତ ନୁହେଁ ବୋଲି ତାଙ୍କ ଓକିଲ ଅଶୋକ ମୁଣ୍ଡାର୍ଗି କୋର୍ଟଙ୍କୁ ଜଣାଇଥିଲେ।

ଉତ୍ତର ମୁମ୍ବାଇର ଗୋରେଗାଓଁ ଅଞ୍ଚଳରେ ଅବସ୍ଥିତ 'ପାତ୍ର ଚଲ୍'ର ପୁନଃବିକାଶରେ ଆର୍ଥିକ ଅନିୟମିତତା ଏବଂ ସଞ୍ଜୟଙ୍କ ସ୍ତ୍ରୀ ଓ ଅନ୍ୟ ସହଯୋଗୀଙ୍କ ମଧ୍ୟରେ ଆର୍ଥିକ ସମ୍ପତ୍ତି କାରବାର ଅଭିଯୋଗରେ ରବିବାର ରାତିରେ ଇଡି ଶିବସେନା ଏମ୍‌ପିଙ୍କୁ ଗିରଫ କରିଥିଲା। ତାଙ୍କ ରାଜନୈତିକ କ୍ୟାରିୟର ଶେଷ କରିଦେବା ଲାଗି ଏହା ଏକ ଚକ୍ରାନ୍ତ ବୋଲି କୋର୍ଟରୁମ୍‌କୁ ଯିବା ପୂର୍ବରୁ ସଞ୍ଜୟ ଗଣମାଧ୍ୟମକୁ କହିଥିଲେ।

### ସେନାକୁ ଧ୍ୱଂସ ଲାଗି ଷଡ଼ଯନ୍ତ୍ର: ଉଦ୍ଧବ

ମନିଲଣ୍ଡରିଂ ମାମଲାରେ ଏମ୍‌ପି ସଞ୍ଜୟ ରାଉତଙ୍କୁ ଗିରଫ କରି ଶିବସେନାକୁ ଧ୍ୱଂସ କରିଦେବାର ଚକ୍ରାନ୍ତ ହେଉଥିବା ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିଛନ୍ତି। ଏବେ ପ୍ରତିଶୋଧ ରାଜନୀତି ମାନସିକତା ଚାଲିଛି ବୋଲି ଶିବସେନା ନେତା କହିଛନ୍ତି। ୧.୦୩୪ କୋଟି ଟଙ୍କାର ପାତ୍ର ଚଲ୍ ଦୁର୍ନୀତି ମାମଲାରେ ସଞ୍ଜୟ ରାଉତଙ୍କୁ ଗିରଫ କରାଯାଇଛି। ସୋମବାର ଉଦ୍ଧବ ତାଙ୍କ ପରିବାରକୁ ଭେଟିବା ପରେ ଗଣମାଧ୍ୟମକୁ କହିଛନ୍ତି, କଂଗ୍ରେସର ୬୦ରୁ ୬୫ ବର୍ଷର ଶାସନରେ ଏଭଳି ହେଉ ନ ଥିଲା। ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ରଖାଇ ଦିଆଗଲା ନାହିଁ। ଭାଜପା ସମସ୍ତ ଆଞ୍ଚଳିକ ଶକ୍ତିକୁ ମୂଳପୋଛ କରିଦେବାକୁ ଯୋଜନା କରୁଥିବା ଉଦ୍ଧବ କହିଛନ୍ତି। ଆଞ୍ଚଳିକ ଦଳଗୁଡ଼ିକ ଏକାଠି ହେବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, August 2/2022 | Page 14 | ପୃଷ୍ଠା-୧




## ଘୋଷାଲ ସେମିଫାଇନାଲରେ

ସୌରଭ ଘୋଷାଲ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍କ୍ୱାଶ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୨

୦୯

## ‘ଲାଲ୍ ସିଂ ଚଡ୍ଢା’: ରିଲିଜ୍ ପୂର୍ବରୁ ବିବାଦ

ବଲିଉଡ୍ ଅଭିନେତା ଆମିର ଖାନ୍‌ଙ୍କ ଦ୍ୱାରା ଅଭିନୀତ ‘ଲାଲ୍ ସିଂ ଚଡ୍ଢା’କୁ ନେଇ ଟୁଇଟରରେ ବଏକଟ୍ ଟ୍ରେଣ୍ଡ ଆରମ୍ଭ ହୋଇଛି।





୫ଲକ୍ଷ ଟଙ୍କାର ଜୀବନ ବୀମା, ମାସିକ ୧ହଜାର ଟଙ୍କା ଭତ୍ତା, ପିଲାଙ୍କୁ ଶିକ୍ଷା ସୁବିଧା ସମେତ ବିଜୁ ପକ୍କାଘର, ଋଣ, ଜମି ଆଦି ୭ ଦଫା ଦାବି ନେଇ ସୋମବାର ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

# ଚାରା ରୋପଣରେ ଦୁର୍ନୀତି

## ବାଡ଼ ନିର୍ମାଣରେ ଖାଇଗଲେ ୧୫ କୋଟି

### ସିଏଜି ରିପୋର୍ଟ

ଭୁବନେଶ୍ୱର,୧।୮(ବ୍ୟୁରୋ)

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ବଡ଼ ଆହ୍ୱାନ ହୋଇଛି। ଜଙ୍ଗଲ ଧ୍ୱଂସ ଏହାର ଏକ ପ୍ରମୁଖ କାରଣ। ବନୀକରଣ ଉପରେ ସବୁସ୍ତରରେ ଜୋର ଦିଆଯାଉଛି। କିନ୍ତୁ ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ହେଉଥିବା ଅନିୟମିତତା ରାଜ୍ୟର ବନୀକରଣକୁ ବିପର୍ଯ୍ୟସ୍ତ କରିଛି। ଏଥିପାଇଁ ଚାରା ରୋପଣର ଯୋଜନା ପ୍ରସ୍ତୁତ କରିବାରେ ବିଫଳ, ଉପଯୁକ୍ତ ସ୍ଥାନ ଓ ଜଳ ବାୟୁ ସହ ଖାପଖୁଆଉ ଥିବା ଚାରା ନ ଲଗାଇବା, ସେଗୁଡ଼ିକୁ ଲଗାଇବା ପରେ ଯତ୍ନ ନ ନେବା, ନିୟମକୁ ଉଲ୍ଲଂଘନ କରିବା, ଚାରା ରୋପଣର ରେକର୍ଡ ନ ରଖିବା, ପିସିସିଏଫ୍ ଓ ବନଖଣ୍ଡ ସ୍ତରରେ ତାଳମେଳ ନ ରହିବାକୁ ଦାୟୀ କରାଯାଉଛି। କମ୍ପଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ(ସିଏଜି) ଏନେଇ ପ୍ରଶ୍ନ ଉଠାଇଛନ୍ତି। ସୋମବାର ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟ (ସମ୍ପାଦନ ଓ ଅନୁପାଳନ ସମୀକ୍ଷା)- ୨୦୨୦ରୁ ବିଭାଗରେ ଅର୍ଥ ହରିଲୁଟ୍ ଓ ଅନିୟମିତତା ହୋଇଥିବା ସ୍ପଷ୍ଟ ହୋଇଛି।

ସିଏଜି ଦର୍ଶାଇଛନ୍ତି ଯେ ସହରାଞ୍ଚଳ ଚାରା ରୋପଣ, ବାଡ଼ ନିର୍ମାଣ ଓ ରକ୍ଷଣାବେକ୍ଷଣରେ ଅନିୟମିତତା ଯୋଗୁ ସରକାରଙ୍କୁ ୧୪.୮୨ କୋଟି ଟଙ୍କାର ରାଜସ୍ୱ ହରାଇବାକୁ ପଡିଛି। ବନ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ରାସ୍ତାକଡ଼ ବନୀକରଣ ନଷ୍ଟ ହୋଇଥିଲା। ଚାରାରୋପଣ ପାଇଁ ଭୁଲ ସ୍ଥାନ ଚୟନ ଓ ଅନୁପଯୁକ୍ତ ପରିଚାଳନା ଯୋଗୁ ୨୫୧ ସ୍ଥାନରେ ଚାରା ରୋପଣ ସମ୍ପୂର୍ଣ୍ଣ ଫେଲ ମାରିଛି। ରାଉରକେଲା ବନଖଣ୍ଡ ଡିଭିଜନରେ ୨୦୧୫ରୁ ୨୦୧୬ ମଧ୍ୟରେ ପାନପୋଷ, କୁଆଁରମୁଣ୍ଡା, ରାଜଗାଙ୍ଗପୁର ସହରାଞ୍ଚଳ ଚାରାରୋପଣରେ ଜଳ ସିଞ୍ଚନ ପାଇଁ ବିନା ଟେଣ୍ଡରରେ ୬୯.୧୨ ଲକ୍ଷ ଟଙ୍କା ଦିଆଯାଇଥିବା ରିପୋର୍ଟରୁ ଜଣାପଡ଼ିଛି।

ରାଜ୍ୟରେ ସବୁଜ ବଳୟ ସୃଷ୍ଟି କରିବା ପୂର୍ବରୁ ଜାତୀୟ ଜଙ୍ଗଲ ନୀତି ଅନୁଯାୟୀ ରାଜ୍ୟ ସରକାର ନିଜସ୍ୱ ଜଙ୍ଗଲ ନୀତି କରିବା କଥା। ମାତ୍ର ଏହା ନ ହେବା ଯୋଗୁ ରାଜ୍ୟରେ ଜଙ୍ଗଲ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ଯୋଜନା ହୋଇପାରି ନାହିଁ। ଚାରା ରୋପଣ ପରେ ରକ୍ଷଣାବେକ୍ଷଣ ନେଇ କ୍ଷେତ୍ରସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ରିପୋର୍ଟ ରଖିନାହାନ୍ତି। ଏ ଦିଗରେ ଅନ୍ଧାରରେ ରଖାଯାଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ରାଜ୍ୟର ଜଳବାୟୁ ଅନୁସାରେ ଶାଳ ଗଛ ଲଗାଇବା ସ୍ଥାନରେ ଜଙ୍ଗଲ ବିଭାଗ ଶାଗୁଆନ ଗଛ ଲଗାଇଥିଲେ, ଯାହାକି ଜୈବ ବିବିଧତାକୁ ନଷ୍ଟ କରିଥିଲା। ରାଜ୍ୟରେ ମହାତ୍ମା ଗାନ୍ଧୀ ☞ପୃଷ୍ଠା-୨






## କମର୍ସିଆଲ ଗ୍ୟାସ୍ ମୂଲ୍ୟ ୩୬ ଟଙ୍କା ହ୍ରାସ

ଭୁବନେଶ୍ୱର,୧।୮: କ୍ରମାଗତ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଉଛି। ତା’ର ପ୍ରଭାବ ଭାରତୀୟ ବଜାରରେ ମଧ୍ୟ ଦେଖିବାକୁ ମିଳୁଛି। ବିଶେଷକରି ଗତ କିଛି ମାସ ହେବ ଦେଶରେ ତୈଳ ଉତ୍ପାଦଗୁଡ଼ିକର ମୂଲ୍ୟ ପରିବର୍ତ୍ତନ ହେଉଛି। ଏପରିକି କମର୍ସିଆଲ ଗ୍ୟାସ୍ ଏବଂ ବିମାନ ଇନ୍ଧନ ମୂଲ୍ୟ ହ୍ରାସ ପାଇଥିବା ବେଳେ ଘରୋଇ ଗ୍ୟାସ୍ ଏବଂ ପେଟ୍ରୋଲ-ଡିଜେଲର ମୂଲ୍ୟ ସ୍ଥିର ରହିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀର ସୂଚନା ଅନୁଯାୟୀ ଅଗଷ୍ଟ୧ ତାରିଖ ସୋମବାରଠାରୁ କମର୍ସିଆଲ ଗ୍ୟାସ୍ (୧୯ କି.ଗ୍ରା.) ଏଲ୍‌ପିଜି ସିଲିଣ୍ଡର ଉପରେ ୩୬ ଟଙ୍କା ହ୍ରାସ ପାଇଥିବା ବେଳେ ବିମାନ ଇନ୍ଧନର ମୂଲ୍ୟ ମଧ୍ୟ ୧୨% ହ୍ରାସ ଘଟିଛି। ଏହି ଦର ହ୍ରାସ ଯୋଗୁ ନୂଆଦିଲ୍ଲୀରେ କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୨୦୧୨.୫୦ ଟଙ୍କା ପରିବର୍ତ୍ତେ ୧,୯୭୬.୫୦ ଟଙ୍କାରେ ବିକ୍ରୟ କରାଯିବ। ସେହିପରି ଦେଶର ☞ପୃଷ୍ଠା-୨




**ଆଜିର ସମ୍ପାଦକୀୟ**

ପେନ୍‌ସିଲ୍ ନୁହେଁ ପତାକା

# ଜବଲପୁର ହସ୍ପିଟାଲରେ ନିଆଁ: ୧୦ ମୃତ

ଜବଲପୁର, ୧।୮

ମଧ୍ୟପ୍ରଦେଶର ଜବଲପୁର ଜିଲା ଦାମୋହ ନାକା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ସୋମବାର ନିଆଁ ଲାଗି ୧୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩/୪ ଜଣ ହସ୍ପିଟାଲ କର୍ମଚାରୀ ଅଛନ୍ତି। ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଶର୍ଟ ସର୍କିଟ ଯୋଗୁ ଗୋହାଲପୁର ଥାନା ଅଧୀନରେ ଥିବା ଏହି ଡାକ୍ତରଖାନାରେ ଅଗ୍ନିକାଣ୍ଡ ଘଟିଥିଲା ବୋଲି ଜଣାପଡ଼ିଛି। ଘଟଣାରେ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଏବଂ ଆହତଙ୍କ ଚିକିତ୍ସା ପାଇଁ ୫୦ ହଜାର ଲେଖାଏ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

ଅପରାହ୍ନ ପ୍ରାୟ ୨ଟାରେ ନ୍ୟୁ ଲାଇଫ୍ ମଲ୍ଟି-ସ୍ପେଶିଆଲିଟି ହସ୍ପିଟାଲରେ ନିଆଁ ଲାଗିଯାଇଥିଲା। ଏକ ଜେନେରେଟରରୁ ଶର୍ଟ ସର୍କିଟ ହୋଇଥିବା ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ନିଆଁ ପ୍ରଥମେ ଡାକ୍ତରଖାନାରେ ଥିବା ଔଷଧ ଦୋକାନରେ ଲାଗିଯାଇଥିଲା। ପରେ ଅନ୍ୟ ବିଭାଗକୁ ବ୍ୟାପିଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ ହିଁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା ବୋଲି ଜବଲପୁର ଏସ୍‌ପି ସିଦ୍ଧାର୍ଥ ବହୁଗୁଣା କହିଛନ୍ତି। ପ୍ରସ୍ଥାନ ପାଇଁ ମାତ୍ର ଗୋଟିଏ ଦ୍ୱାର ଥିବାରୁ ଲୋକଙ୍କୁ ☞ପୃଷ୍ଠା-୨

## ଜଳିଗଲେ ୧୦ କାଉଡ଼ିଆ

### ଡିଜେ ଜେନେରେଟର ତାରରୁ ନିଆଁ ଲାଗିଗଲା

କୋଲକାତା, ୧।୮

ପଶ୍ଚିମବଙ୍ଗର କୁଚ୍‌ବିହାରରେ କାଉଡ଼ିଆମାନଙ୍କୁ ନେଇ ଯାଉଥିବା ଏକ ଭ୍ୟାନ୍ ରବିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଳିଯାଇଛି। ଏଥିରେ ୧୦ ଜଣ ଜୀବନ୍ତ ଅବସ୍ଥାରେ ଜଳି ଯାଇଥିବାବେଳେ ଅନ୍ୟ ୧୭ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଭ୍ୟାନ୍‌ରେ ଡିଜେ ସିଷ୍ଟମ ସହ ☞ପୃଷ୍ଠା-୨

# ୩ ଦିନ ପୂର୍ବରୁ ସରିଲା ମୌସୁମୀ ଅଧିବେଶନ

ଭୁବନେଶ୍ୱର,୧।୮(ବ୍ୟୁରୋ)

ବିଧାନସଭାର ମୌସୁମୀ ଅଧିବେଶନ ସୋମବାର ଶେଷ ହୋଇଛି। ଏହା ଜୁଲାଇ ୨ରୁ ଆରମ୍ଭ ହୋଇଥିଲା। ଏହା ଅଗଷ୍ଟ ୪ ପର୍ଯ୍ୟନ୍ତ ଚାଲିଥାଆନ୍ତା। ତେବେ ୩ ଦିନ ପୂର୍ବରୁ ଅଧିବେଶନକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଅନିର୍ଦ୍ଦିଷ୍ଟ କାଳ ଲାଗି ମୁଲତବୀ ଘୋଷଣା କରିଛନ୍ତି। ଏହି ଅଧିବେଶନରେ ମୋଟ ୨୧ଟି କାର୍ଯ୍ୟଦିବସ ଥିଲା। ବିଧାନସଭାରେ ୮ଟି ବିଲ୍‌ରୁ ୭ଟିକୁ ଗୃହର ଅନୁମୋଦନ ମିଳିଥିଲା। ୨୧ଟି ଖର୍ଚ୍ଚଦାବି ଆଲୋଚନା ହୋଇଥିବା ବେଳେ ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପନ ହୋଇଥିଲା। ନବନିର୍ବାଚିତ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ବିଧାନସଭାରେ ସର୍ବସମ୍ମତିକ୍ରମେ ଏକ ସଙ୍କଳ୍ପ ଗୃହୀତ ହୋଇଥିଲା। ଏହି ଅଧିବେଶନରେ ୨୧୫୬ଟି ତାରକାଚିହ୍ନିତ ପ୍ରଶ୍ନ ଗ୍ରହଣ କରାଯାଇଥିବା ବେଳେ ୨୭୯୭ଟି ଅଣତାରକା ପ୍ରଶ୍ନ ଗୃହରେ ଆଲୋଚନା ହୋଇଥିଲା। ସେହିପରି ୧୧ଟି ମୁଲତବୀ ଆଲୋଚନା ହୋଇଥିବା ବେଳେ ୪୩ଟି କମିଟି ରିପୋର୍ଟ, ☞ପୃଷ୍ଠା-୨



# ଦର ବୃଦ୍ଧି ନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ୬ ବର୍ଷୀୟ ଶିଶୁ

### ପେନ୍‌ସିଲ ମାଗିଲେ ମା’ ମାରୁଛନ୍ତି

- ସାଙ୍ଗମାନେ ଚୋରି କରିନେଉଛନ୍ତି, କ’ଣ କରିବି
- ବାପା କହିଲେ ଝିଅ ‘ମନ୍ କୀ ବାତ୍’ ଲେଖିଛି

ନୂଆଦିଲ୍ଲୀ, ୧।୮

ସମ୍ପ୍ରତି ଦେଶରେ ଜରୁରୀ ସାମଗ୍ରୀର ଦରଦାମ୍ ହୁ ହୁ ହୋଇ ବଢ଼ିଚାଲିଛି। ମୂଲ୍ୟବୃଦ୍ଧି ଯୋଗୁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ପାର୍ଲାମେଣ୍ଟ ଅଧିବେଶନରେ ବିରୋଧୀ ଏହା ଉପରେ ଆଲୋଚନା ଦାବି କରି ହଇଗୋଳ ଜାରି ରଖିଛନ୍ତି। ପରିବାର ଚଳାଇବା ସାଧାରଣ ଲୋକଟିଏ ପାଇଁ କଷ୍ଟକର ହୋଇପଡ଼ିଥିବାବେଳେ ଏହା କିପରି ଛୋଟ ପିଲାଙ୍କୁ ପ୍ରଭାବିତ କରିଛି ତାହାର ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି। ପେନ୍‌ସିଲ, ରବର ଭଳି ପାଠପଢ଼ା ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ଜଣେ ପ୍ରଥମ ଶ୍ରେଣୀ ଛାତ୍ରୀ ଅତିଷ୍ଠ ହୋଇପଡ଼ିବା ଏବଂ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ସମାଧାନ ଖୋଜିଦେବାକୁ ନିବେଦନ କରିବା ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି।

ଉତ୍ତର ପ୍ରଦେଶର କନୌଜ ଜିଲା ଛିବ୍ରାମାଉ ସହରରେ ରହୁଥିବା ଜଣେ ୬ ବର୍ଷୀୟ ଶିଶୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ପ୍ରଥମ ଶ୍ରେଣୀ ଛାତ୍ରୀ କୀର୍ତ୍ତି ଦୁବେ ଏହି ଚିଠିରେ ଦରଦାମ ବୃଦ୍ଧି ଯୋଗୁ ସେ କିପରି ଅସୁବିଧାରେ ପଡ଼ିଛନ୍ତି ତାହା ଉଲ୍ଲେଖ କରିଛନ୍ତି। ପେନ୍‌ସିଲ, ରବର, ମ୍ୟାଗି ଦାମ ବଢ଼ିଯାଇଥିବା କହି ପ୍ରଧାନମନ୍ତ୍ରୀଙ୍କୁ ସେ ଅଭିଯୋଗ କରିଛନ୍ତି।





ହିନ୍ଦୀରେ ଲେଖାଯାଇଥିବା ଚିଠିଟି ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି।

ଚିଠିରେ କୀର୍ତ୍ତି ଲେଖିଛନ୍ତି, ‘ପ୍ରଧାନମନ୍ତ୍ରୀ ଜୀ, ମୋ ନାଁ କୀର୍ତ୍ତି ଦୁବେ। ମୁଁ ପ୍ରଥମ ଶ୍ରେଣୀରେ ପଢ଼େ। ତୁମେ ଦରଦାମ୍ ବଢ଼ାଇ ଦେଇଛ। ଏପରି କି ମୋ ପେନ୍‌ସିଲ, ରବର ସହ ମ୍ୟାଗି ଦାମ୍ ବି ବଢ଼ିଯାଇଛି। ଏକ ପେନ୍‌ସିଲ ମାଗିଲେ ମା’ ମାଡ଼ ମାରୁଛନ୍ତି। ଏବେ ମୁଁ କ’ଣ କରିବି? ଅନ୍ୟ ପିଲାମାନେ ମୋ ପେନ୍‌ସିଲ ଚୋରି କରିନେଉଛନ୍ତି।’ ଏହା ଉପରେ କୀର୍ତ୍ତିଙ୍କ ବାପା ବିଶାଳ ଦୁବେ ପ୍ରତିକ୍ରିୟା ରଖିଛନ୍ତି। ଆଇନଜୀବୀ ବିଶାଳ ଦୁବେ କହିଛନ୍ତି, ଏ ହେଉଛି ମୋ ଝିଅର ‘ମନ୍‌କୀ ବାତ୍’। ସେ ସ୍କୁଲରେ ପେନ୍‌ସିଲ ହଜାଇ ଦେବା ପରେ ତାଙ୍କ ମା’ ଗାଳି କରୁଛନ୍ତି। ଏଥିରେ ବ୍ୟସ୍ତ ହୋଇ ଝିଅ ଏହି ଚିଠି ଲେଖିଛି। ଛିବ୍ରମାଉ ଏସ୍‌ଡିଏମ୍ ଅଶୋକ କୁମାର କହିଛନ୍ତି, ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଚିଠିକୁ ପହଞ୍ଚାଇବାକୁ ସେ ସବୁପ୍ରକାର ଉଦ୍ୟମ କରିବେ।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ସ୍ୱୀକୃତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳୀ ମାଈ**
**ଚୂନ ବୋଳିଲେ କି ଗୋରୀ ହୋଇ।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳି ପାରି ନ ଥାଏ। ଶ୍ୟାମଳ ଦେହକୁ ଘଷି ମାଜିଲେ ବି ସେ କେବେ ଗୌରବର୍ଣ୍ଣ ହୋଇ ପାରି ନ ଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ବୃଥା ବୋଲି ପ୍ରମାଣିତ ହୋଇଥାଏ। ଗୋରୀ ହେବା ପାଇଁ ପ୍ରୟାସରତା ମହିଳା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଣାକୁ କାଣି**
**ଭଲା ଖଞ୍ଜିଅଛି ଚକରପାଣି।**

ଦାମ୍ପତ୍ୟ ଯୋଡି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପିଆଇବି ପ୍ରମୁଖ ମହାନିର୍ଦ୍ଦେଶକ ସତ୍ୟେନ୍ଦ୍ରଙ୍କ ଦାୟିତ୍ୱ ଗ୍ରହଣ

**ନୂଆଦିଲ୍ଲୀ, ୧।୮ (ପିଆଇବି)**

ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି)ର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ସତ୍ୟେନ୍ଦ୍ର ପ୍ରକାଶ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଭାରତୀୟ ସୂଚନା ସେବା(ଆଇଆଇଏସ୍)ର ୧୯୮୮ ବ୍ୟାଚର ଅଧିକାରୀ। ଏଥିପୂର୍ବରୁ ସେ କେନ୍ଦ୍ରୀୟ ଯୋଗାଯୋଗ ବ୍ୟୁରୋ (ସିବିସି)ର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। କେନ୍ଦ୍ର ସରକାରଙ୍କ ଜନ ସମ୍ପର୍କ, ଗଣମାଧ୍ୟମ ପରିଚାଳନା, ପ୍ରଶାସନ, ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ତାଙ୍କର ବହୁ ଅଭିଜ୍ଞତା ରହିଛି। ସେ ବିଭିନ୍ନ ଜାତୀୟ ଏବଂ ୟୁନେସ୍କୋ, ୟୁନିସେଫ୍, ୟୁଏନ୍‌ଡିପି ଆଦି ଅନ୍ତର୍ଜାତୀୟ ମଞ୍ଚରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି। ସିବିସି ନିମନ୍ତେ ସରକାରୀ ବିଜ୍ଞାପନର ବିଷୟବସ୍ତୁ ସମ୍ପର୍କିତ ମାର୍ଗଦର୍ଶିକା ପ୍ରସ୍ତୁତି, ଇଣ୍ଟରନେଟ ଓ ଡିଜିଟାଲ ଗଣମାଧ୍ୟମ ନୀତି, ଏଫଏମ୍ ରେଡିଓ ନୀତି, ଡିଜିଟାଲ ଚଳଚ୍ଚିତ୍ର ନୀତି ଇତ୍ୟାଦି ପ୍ରସ୍ତୁତି କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ୨୦୨୧ ଗଣତନ୍ତ୍ର ଦିବସ ନିମନ୍ତେ ପ୍ରଥମ 'ଭୋକାଲ ଫର୍ ଲୋକାଲ' ପ୍ରଜ୍ଞାପନ ମଣ୍ଡପ ନିର୍ମାଣ ପାଇଁ ତାଙ୍କ ଭୂମିକା ସ୍ୱୀକୃତି ଲାଭ କରିଥିଲା। ଭାରତ ସରକାରଙ୍କର ଅନେକ ପ୍ରମୁଖ ଜନସୂଚନା ଅଭିଯାନର ପରିପାଟୀ ପ୍ରସ୍ତୁତି ସହ କାର୍ଯ୍ୟାନ୍ୱୟନରେ ସତ୍ୟେନ୍ଦ୍ର ମୁଖ୍ୟ ଥିଲେ। ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଇଇସି ଅଭିଯାନ ସଂଯୋଜନା କରିଥିଲେ। ୨୦୨୧–୨୨ରେ ମତଦାତା ସଚେତନତା ଓ ଭୋଟଦାନରେ ଅଂଶଗ୍ରହଣ ବୃଦ୍ଧି ପାଇଁ ତାଙ୍କୁ ନିକଟରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାତୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ସତ୍ୟେନ୍ଦ୍ର କାର୍ଯ୍ୟଭାର ଗ୍ରହଣ କରିବା ପରେ ପିଆଇବିର ବରିଷ୍ଠ ଅଧିକାରୀଗଣ ତାଙ୍କୁ ସ୍ୱାଗତ ଜଣାଇଛନ୍ତି।



ସତ୍ୟେନ୍ଦ୍ର ପ୍ରକାଶ

# ପୂର୍ବତନ ବିଧାୟକ ପ୍ରଫୁଲ୍ଲ ମାଝୀଙ୍କ କାର୍ ଦୁର୍ଘଟଣାଗ୍ରସ୍ତ

- ୬ ଫୁଟ୍ ତଳକୁ ଖସିପଡ଼ିଲା
- ବର୍ତ୍ତିଲେ ପୂର୍ବତନ ବିଧାୟକ ଓ ଡ୍ରାଇଭର

**ସୁନ୍ଦରଗଡ଼/ସବ୍‌ଡେଗା, ୧।୮ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ତଳସରା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସଂପାଦକ ଡା. ପ୍ରଫୁଲ୍ଲ କୁମାର ମାଝିଙ୍କ କାର୍ ସୋମବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରୁ ଡା. ମାଝି ଓ ତାଙ୍କ ଡ୍ରାଇଭର ଦୀପକ ରକ୍ଷା ପାଇ ଯାଇଛନ୍ତି।

ପ୍ରକାଶ ଯେ, ପୂର୍ବତନ ବିଧାୟକ ଡା. ମାଝି ସୁନ୍ଦରଗଡରୁ ତାଙ୍କ କାର ( ନଂ ଓଡି–୦୨ଆର୍ – ୬୨୪୦) ଯୋଗେ ସବୁଦିନ ପରି ତଳସରା ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ଦେଖିବା ପାଇଁ ଯାଉଥିଲେ। ତେବେ କରମଡିହି –ସବ୍‌ଡେଗା ରାଜ୍ୟ ରାଜପଥ ୨୪ର ବଡ଼ମାଲ ଛକ ନିକଟବର୍ତ୍ତୀ ବୁଲାଣିଆ ରାସ୍ତାରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାରୁ ପ୍ରାୟ ୬ ଫୁଟ ତଳକୁ ଖସି ପଡିଥିଲା। ଏହି ଦୁର୍ଘଟଣାରେ କାର୍ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଗାଡିରେ ଥିବା ମାଝି ଓ ଡ୍ରାଇଭରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଭୟେ ସୁସ୍ଥ ଥିବା ଜାଣିବାକୁ ମିଳିଛି। ରାସ୍ତାରେ ଯାଉଥିବା ବେଳେ ସାଇକେଲରେ ଆସୁଥିବା ଜଣେ ମହିଳାଙ୍କୁ ବଞ୍ଚାଇବାକୁ ଯାଇ କାର୍‌ଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡିଥିବା ପୂର୍ବତନ ବିଧାୟକ ମାଝି କହିବା ସହ ସେହି ସ୍ଥାନରେ ରାସ୍ତା ଅବସ୍ଥା ଖରାପ ଥିବା ଜଣାଇଛନ୍ତି।



କାର୍‌ଟି ରାସ୍ତା ତଳକୁ ଖସି ପଡ଼ିଛି।

# ବିଜୟ ନାୟକଙ୍କୁ ରାଷ୍ଟ୍ରପତିଙ୍କ ଅତିରିକ୍ତ ସଚିବ ଦାୟିତ୍ୱ

**ଭୁବନେଶ୍ୱର, ୧।୮ (ବ୍ୟୁରୋ)**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅତିରିକ୍ତ ସଚିବ(ପ୍ରେସ୍) ଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ବିଜୟ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ବିଜୟ ନାୟକ ବର୍ତ୍ତମାନ ଓଡ଼ିଆ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ଭାବେ କାର୍ଯ୍ୟରତ ଅଛନ୍ତି। ସେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଥିଲେ। ୨୦୦୦ରୁ ୨୦୦୨ ମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯେତେବେଳେ ବାଣିଜ୍ୟ ଓ ପରିବହନ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ମନ୍ତ୍ରୀ ଥିଲେ, ବିଜୟ ନାୟକ ସେତେବେଳେ ତାଙ୍କର ବ୍ୟକ୍ତିଗତ ସଚିବ ଥିଲେ। ବିଜୟ ନାୟକ ଜଣେ ଭଲ ପ୍ରଶାସକ ସହ ବିଶିଷ୍ଟ ସାହିତ୍ୟିକ ଅଟନ୍ତି। ସାହିତ୍ୟ ପତ୍ରିକା 'କାହାଣୀ'ର ସେ ଗତ ୨୦ବର୍ଷ ହେଲା ସମ୍ପାଦକ ରହିଆସିଛନ୍ତି। ଭଦ୍ରକ କଲେଜ ଛାତ୍ରସଂଘ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରସଂଘର ସେ ସଭାପତି ଥିଲେ।



ଭୁବନେଶ୍ୱରସ୍ଥିତ ନ୍ୟୁ ଏଜି ଅଫିସ୍‌ଠାରେ ସୋମବାର ଆକାଉଣ୍ଟାଣ୍ଟ ଜେନେରାଲ ରାଜ କୁମାର ଓ ଅନ୍ୟ ଅଧିକାରୀମାନେ ୨୦୨୨ ବର୍ଷର ଅଡିଟ୍ ରିପୋର୍ଟକୁ ଉନ୍ମୋଚନ କରୁଛନ୍ତି।

## ଚାରା ରୋପଣରେ...

ପ୍ରଥମ ପୃଷ୍ଠାରୁ...

ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ହେଉଥିବା ଚାରା ରୋପଣକୁ ନେଇ ବନଖଣ୍ଡ ଅଧିକାରୀ (ଡିଏଫଓ) ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆର୍‌ଡିଏ)ମଧ୍ୟରେ କୌଣସି ସମନ୍ୱୟ ନ ଥିବା ସିଏଜି ଉଲ୍ଲେଖ କରିଛନ୍ତି। ଅନୁପଯୁକ୍ତ ସ୍ଥାନ ଚୟନ ଓ ଡିଏଫଓ ଚାରା ରୋପଣ ପ୍ରକଳ୍ପ ଦେବାରେ ବିଳମ୍ବ କରିବାରୁ ଅଧିକାଂଶ ଗଛ ବଞ୍ଚିପାରିନାହିଁ। ଏକ ସର୍ଭେକୁ ଉଦାହରଣ ଭାବେ ଦେଖାଯାଇଥିଲା, ଯେଉଁଥିରେ ୪୮୫ଟି ଗଛରୁ ମାତ୍ର ୧୯୧ଟି ବଞ୍ଚିଥିଲା। ଏବାବଦ ରାଜ୍ୟ ସାରା ୧୩.୧୭ କୋଟି ଟଙ୍କା ପାଣିରେ ପଡ଼ିଥିଲା। ଆଶ୍ଚର୍ଯ୍ୟର କଥା, ଅଡିଟ୍ ଟିମ୍ ଓ ବନ ଅଧିକାରୀମାନେ ମିଳିତ ଭାବେ ୪୧ଟି ରୋପଣ ଚାରାକୁ ଯାଞ୍ଚ କରିଥିଲେ, ସେଥିରୁ ୨୭ଟି ନଷ୍ଟ ହୋଇଥିବା ଜଣାପଡ଼ିଥିଲା। ଏଭଳି ସମୁଦାୟ ଦେଖିଲେ, ୨.୬୭ କୋଟି ଟଙ୍କା ବରବାଦ ହୋଇଥବା ରିପୋର୍ଟରେ କୁହାଯାଇଛି। ବ୍ଲକ ଓ ସହର ଚାରାରୋପଣ କାର୍ଯ୍ୟ ସମାନ ଥାଏ। କିନ୍ତୁ ସହରରେ ଚାରା ରୋପଣ ପାଇଁ ଅଧିକ ମାନବ ଦିବସ ଦର୍ଶାଇ ୩୯.୮ କୋଟି ଟଙ୍କା ହରିଲୁଟ୍ ହୋଇଥିବା ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସେହିପରି ୨୦୧୩ରୁ ୨୦୧୮ ମଧ୍ୟରେ ଚାରା ରୋପଣ କାର୍ଯ୍ୟକ୍ରମ ପାଇଁ ୨୫.୮୪ କୋଟି ଟଙ୍କା ଓଡ଼ିଶା ବାଉଁଶ ବିକାଶ ଏଜେନ୍ସିକୁ ଦିଆଯାଇଥିଲା। ସେଥିରୁ ୭.୭ କୋଟି ଖର୍ଚ୍ଚ କରାଯାଇ ନ ଥିଲା। ମାତ୍ର ଏଜେନ୍ସି ପକ୍ଷରୁ ସମସ୍ତ ଅର୍ଥ ବିନିଯୋଗ ହୋଇଥିବା ନେଇ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ଅଡିଟ୍ ବେଳେ ସିଏଜି ଏଭଳି ଚଞ୍ଚକତାକୁ ପର୍ଦ୍ଦାଫାସ କରିଛନ୍ତି।

ସେହିପରି ସୁନ୍ଦରଗଡ଼ ବନଖଣ୍ଡରେ ଶାଗୁଆନ, କରଞ୍ଜ, ଶିଶୁ, ବାଉଁଶ, ସୀମାଗୁଡ଼ା, ଗମ୍ଭାରୀ, ଶିରୀଶ, ନିମ୍ବ ଆଦି ନିମନ୍ତେ ୧୦ ଲକ୍ଷ ୪୯ ହଜାର ୮୨୫ ଟଙ୍କା ବ୍ୟୟରେ ୧୦ ହଜାର ବୃକ୍ଷ ରୋପଣ କରାଯାଇଥିଲା। ସେଥିରୁ ମାତ୍ର ୩.୯% ବୃକ୍ଷ ବଞ୍ଚିଥିବା ସିଏଜି ତାଙ୍କ ଅଡିଟ୍‌ରେ ଦର୍ଶାଇଛନ୍ତି। ସେହିପରି କ୍ଷତିପୂରକ ବନୀକରଣ(କାମ୍ପା)ରେ ମଧ୍ୟ ଜଙ୍ଗଲ ବିଭାଗ ଫେଲ୍ ମାରିଛି। ୨୦୧୩ରୁ ୨୦୧୮ରେ ୨୧, ୯୨୮, ୪୩୨ ହେକ୍ଟର ଜମିରେ ବନୀକରଣ ଧାର୍ଯ୍ୟ କରାଯାଇଥିବାବେଳେ ମାତ୍ର ୧୭,୯୩୧, ୩୯୮ ହେକ୍ଟରରେ ଜମିରେ ବନୀକରରଣ କରାଯାଇଛି। ହେନ୍ତାଳ ବନ ସୃଷ୍ଟି କରିବାରେ ମଧ୍ୟ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ରାଜନଗର ସମୁଦ୍ରକୂଳରେ ୨୦୧୪–୧୫ରେ ୩୬.୪୬ କୋଟିବ୍ୟୟରେପ୍ରାୟ୪ଲକ୍ଷହେନ୍ତାଳଗଛଲଗାଯାଇଥିଲା। ସେଥିରୁ ମାତ୍ର ୩୬.୪% ଗଛ ଥିଲା। ଏହା ଏକ ପ୍ରକାର ବିଫଳ ହୋଇଛି ବୋଲି ସିଏଜି ରିପୋର୍ଟରେ କହିଛନ୍ତି।

## ଜବଲପୁର ହସ୍ପିଟାଲରେ...

ସ୍ଥାନାନ୍ତର କରିବାରେ ଅସୁବିଧା ହୋଇଥିଲା। ଫଳରେ ତ୍ୱରିତ ଭିତ୍ତିରେ ଆହତଙ୍କୁ ଅନ୍ୟ ହସ୍ପିଟାଲକୁ ନିଆଯାଇପାରି ନ ଥିଲା। ପ୍ରାୟ ଘଣ୍ଟାଏ ଧରି ଉଦ୍ୟମ ପରେ ସେଠାରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବା ସହ ନିଆଁ ଲିଭାଯାଇଥିଲା। ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।



ହସ୍ପିଟାଲରେ ଲାଗିଥିବା ନିଆଁ।

## ଜଳିଗଲେ ୧୦...

ସଂଯୋଗ ହୋଇଥିବା ଜେନେରେଟର ତାରରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ରାତି ପ୍ରାୟ ୧୨ଟାରେ ୩୭ ଜଣଙ୍କୁ ନେଇ ଭ୍ୟାନ୍‌ଟି ଜପଲେସ୍ ଅଭିମୁଖେ ଯାଉଥିଲା। ମେଖଲିଗଞ୍ଜ ଥାନା ଅଧୀନ ଧାରଲା ବ୍ରିଜ ନିକଟରେ ଏଥିରେ ନିଆଁ ଲାଗି ଯାଇଥିଲା ବୋଲି ସ୍ଥାନୀୟ ଏଏସ୍‌ପି ଅମିତ ବର୍ମା କହିଛନ୍ତି। ଆହତମାନଙ୍କୁ ଡାକ୍ତରଖାନାକୁ ଅଣାଯିବାପରେ ଡାକ୍ତର ୧୦ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆଉ ୧୭ ଜଣ ଆହତ ହୋଇଛନ୍ତି। ଭ୍ୟାନ୍‌ରେ ଥିବା ସମସ୍ତ ଯାତ୍ରୀ ସୀତଲକୁଚି ଥାନା ଅଧୀନ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଗାଡ଼ିକୁ ଜବତ କରାଯାଇଛି। ଏହାର ଚାଳକ ଫେରାର ହୋଇଯାଇଛନ୍ତି। ଘଟଣାର ତଦନ୍ତ ଚାଲିଥିବା ଏଏସ୍‌ପି କହିଛନ୍ତି।

## କମର୍ସିଆଲ ଗ୍ୟାସ୍...

ଅନ୍ୟ ପ୍ରମୁଖ ମହାନଗର ମୁମ୍ବାଇରେ ୧୯ କେଜି ସିଲିଣ୍ଡରର ଦର ୧୯୭୨.୫୦ ଟଙ୍କା ବଦଳରେ ୧୯୩୬.୫୦ ଟଙ୍କାରେ ପହଞ୍ଚିଛି। ସେହିଭଳି କୋଲକାତାରେ ଏହି ସିଲିଣ୍ଡର ଦର ୨୧୩୨ ଟଙ୍କା ପରିବର୍ତ୍ତେ ୨୦୯୫.୫୦ ଟଙ୍କାରେ ଏବଂ ଚେନ୍ନାଇରେ ୨୦୪୧ ଟଙ୍କାରେ ବିକ୍ରି କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଏଟିଏଫ୍‌ର ମୂଲ୍ୟ କିଲୋଲିଟର ପିଛା ୧୬,୨୩୨.୩୬ କିମ୍ବା ୧୧.୭୫% ହ୍ରାସ ପାଇ ୧୨୧,୯୧୫.୫୭ ଟଙ୍କାରେ ରହିଛି।

## ୩ ଦିନ ପୂର୍ବରୁ...

୪୩୪ଟିପେପରଆଗତକରାଯାଇଥିଲା।ଅଧିବେଶନରେ ୨୧ଟିବିଭାଗରଖର୍ଚ୍ଚଦାବିଆଲୋଚନାହୋଇଥିବାବେଳେ୨୦୨୨–୨୩ଆର୍ଥିକ ବର୍ଷ ପାଇଁ ବ୍ୟୟ ମଞ୍ଜୁରୀ ବିଲ୍ ବିଧାନସଭାର ଅନୁମୋଦନ ଲାଭ କରିଥିଲା।

ଚଳିତ ଅଧିବେଶନ ସୁରୁଖୁରୁରେ ଚାଲିଥିଲା। ବିରୋଧୀ ଦଳ ଚାଷୀ, ବେକାରି, ଋଣଭାର, ଜଳସେଚନ, ଆଇନଶୃଙ୍ଖଳା, ରାୟଗଡ଼ାରେ ହୋଇଥିବା ଝାଡ଼ାବାନ୍ତି ମୃତ୍ୟୁ ଆଦି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିଥିଲେ। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କୁ ଇଡି ଜେରା ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ କଂଗ୍ରେସ ଏମ୍‌ପି ଅଧିର ରଞ୍ଜନ ଚୌଧୁରୀଙ୍କ ବୟାନକୁ ନେଇ ବିଧାନସଭା ଅଚଳ ହୋଇଥିଲା। ବିଧାୟକ ଉନ୍ନୟନ ପାଣ୍ଠି ବଢ଼ାଇବା ସହିତ ଦଳଗତ ନିର୍ବିଶେଷରେ ବିଧାୟକମାନଙ୍କର ଦରମା ଓ ଭତ୍ତା ବଢ଼ାଇବାକୁ ଦାବି କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶୁଭଚନ୍ଦ୍ର ଆପଣଙ୍କୁ କାର୍ଯ୍ୟସିଦ୍ଧି ଓ ବନ୍ଧୁମିଳନର ସୁଯୋଗ ସୃଷ୍ଟିକରିବ। କିନ୍ତୁ କୃତ୍ତିକା ନକ୍ଷତ୍ରର ମନଟା ବିଭିନ୍ନ କଥାକୁ ନେଇ ଭଲ ନ ଲାଗିବାରୁ କୌଣସି କାମ ପ୍ରତି ଉତ୍ସାହ ରହିବ ନାହିଁ। କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଈର୍ଷାପରାୟଣ ବ୍ୟକ୍ତିମାନଙ୍କର ସମାଲୋଚନାର ପାତ୍ର ହୋଇପାରନ୍ତି।

**ବୃଷ**
ଚନ୍ଦ୍ର କେନ୍ଦ୍ରରେ ଶୁକ୍ର ଆପଣଙ୍କୁ କଳା, ସାହିତ୍ୟ, ସଂସ୍କୃତିସମ୍ପନ୍ନ କରାଇବ। ଆଜି ଘରର କେତେକ ଅକୁହା କଥା ବିଷୟରେ ଚିନ୍ତାକରି ମାନସିକ ସ୍ଥିତି ଭଲ ରହି ନ ପାରେ । ମୃଗଶିରା ନକ୍ଷତ୍ରର କାମଗୁଡିକ ଠିକ୍ ଭାବେ ସମ୍ପନ୍ନରେ ସାମାନ୍ୟ ବିଳମ୍ବ ଘଟିବ । କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟଧରି ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ।

**ମିଥୁନ**
ତୃତୀୟାଧିପ ଧନସ୍ଥାନରେ ଆପଣଙ୍କୁ ଅର୍ଥପ୍ରାପ୍ତିରେ ସହାୟତା ପ୍ରଦାନ କରିବେ। ବିବାଦୀୟ ସ୍ଥିତି, କଚେରି ମାମଲା ଆଜିର ମୁଖ୍ୟ ସମସ୍ୟା ଯୋଗୁ ବିଶେଷ ଚିନ୍ତିତ ହୋଇପାରନ୍ତି । କିନ୍ତୁ ମୃଗଶିରା ନକ୍ଷତ୍ର ଅନ୍ୟମାନଙ୍କ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକାର ଭଲ ରହିବ ।

**କର୍କଟ**
ଚନ୍ଦ୍ର ଓ ବୁଧ ସମସପ୍ତକ ହେତୁ ଆପଣ ଖର୍ଚ୍ଚାନ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଆତ୍ମୀୟମାନେ ଆପଣଙ୍କୁ ସମ୍ମୁଖରେ କିଛି ନ କହିପଶ୍ଚାତ୍ତେ ସମାଲୋଚନା କରିପାରନ୍ତି। ଆପଣ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ନିଜେହିଁ ନିଜ ସ୍ୱାସ୍ଥ୍ୟପାଇଁ ବାଧକ ସାଜିବେ। ବ୍ୟବସାୟ ଓ ପରିବହନ କିନ୍ତୁ ଭଲରେ ଚାଲିବ। ଘରକୁ ବନ୍ଧୁ ଆସିପାରନ୍ତି।

**ସିଂହ**
ସନ୍ତାନଙ୍କ ସମସ୍ୟା ଆଜିର ମୁଖ୍ୟ ଚିନ୍ତାର ବିଷୟ ହୋଇପାରେ। ଏଣେ ଯାହା ସାଙ୍ଗରେ ଆଲୋଚନା କଲେ ମଧ୍ୟ ସାହାଯ୍ୟ କିମ୍ବା ସହାନୁଭୂତି ମଧ୍ୟ ପାଇବେନାହିଁ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ଅଫିସ୍ କାମରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇପାରେ।

**କନ୍ୟା**
ଏକାଦଶାଧିପତି ରାଶିରେ ଥିବାରୁ ଅର୍ଥଲାଭ ସହ ସ୍ଥଗିତ କାର୍ଯ୍ୟ ସହଜରେ ସମ୍ପନ୍ନ ହୋଇଯିବ। ସାଧାରଣ କଥାକୁ କେନ୍ଦ୍ରକରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ହୋଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସକାଶେ ଆଜିର ଦିନଟି ମନ୍ଦ ହେବନାହିଁ।

**ତୁଳା**
ଆଜିର ଗ୍ରହସ୍ଥିତି ଆପଣଙ୍କୁ ସୁଖଦୁଃଖ ଓ ଭଲମନ୍ଦର ମିଶ୍ରିତ ଅନୁଭୂତି ପ୍ରଦାନ କରିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିପାରେ। ଜମା ପଡୁ ନ ଥିବା ଲୋକମାନଙ୍କ ଦ୍ୱାରା ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ।

**ବିଛା**
ଅନୁକୂଳ ଗ୍ରହସ୍ଥିତି ଯୋଗୁ ଆପଣଙ୍କ ମନ ମୁତାବକ କାର୍ଯ୍ୟ ସାଧନ କରିପାରିବେ। କୌଣସି ମାଙ୍ଗଳିକ କାମରେ ବନ୍ଧୁଙ୍କୁ ସାହାଯ୍ୟ କଲେ ମଧ୍ୟ ପରକ୍ଷରେ ନିନ୍ଦିତ ହୋଇପାରନ୍ତି। ସଂଗଠନ, ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ**
ଷଷ୍ଠାଧିପତି ଶୁକ୍ର ସପ୍ତମରେ ଅବସ୍ଥାନକରି ବ୍ୟବସାୟରେ ବିବାଦ ଏବଂ ପାରିବାରିକ ଅଶାନ୍ତିକୁ ଉଦ୍ରେକ କରିପାରନ୍ତି। ଦୂରଯାତ୍ରାକୁ ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ସାଙ୍ଗରେ ଯିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର**
ଭାଗ୍ୟସ୍ଥାନରେ ଚନ୍ଦ୍ର ସମସ୍ୟା ସମାଧାନ ପୂର୍ବକ ପ୍ରତ୍ୟେକ କାର୍ଯ୍ୟ ବୁଝାମଣା ଓ ସହମତି ଭିତ୍ତିରେ କରିବେ। ମାନସିକ ସ୍ଥିରତା କେତେକାଂଶରେ ଅକ୍ଷୁଣ୍ଣ ରହିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ପିଠିରେ ଯନ୍ତ୍ରଣାଜନିତ କଷ୍ଟ ପାଇବେ । ଅତି ନିଜ ଲୋକମାନେ ବିଶ୍ୱାସଘାତକତା କାମ କରିପାରନ୍ତି।

**କୁମ୍ଭ**
ଦ୍ୱିତୀୟସ୍ଥ ବୃହସ୍ପତିଜନିତ ପାରସ୍ପରିକ ସହମତି ମଧ୍ୟରେ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ଭଲ ସମ୍ପର୍କ ରଖୁ ନ ଥିବା ବ୍ୟକ୍ତିମାନଙ୍କ ନିକଟରୁ ଆଜି ଯଥାସମ୍ଭବ ଦୂରେଇ ରହିବା ଭଲ । ଅଯଥା ବିରକ୍ତି ପ୍ରକାଶ ନ କରି ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ। ପୁରାତନ ରୋଗର ପ୍ରାଦୁର୍ଭାବ ମୁଣ୍ଡବ୍ୟଥାର କାରଣ ହୋଇପାରେ ।

**ମୀନ**
ମୁଖଭାବରେ ରାହୁ ମଙ୍ଗଳ ଆପଣଙ୍କ ମିଥ୍ୟା ପ୍ରତିଶ୍ରୁତି ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ପରିବାରର ଆବଶ୍ୟତା ପୂରଣ କରିବା ସକାଶେ ଧାର କରିବାକୁ ପଡ଼ିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ଦୀର୍ଘଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

## classifieds Everyday
0674-2580101, 2549302

real estate

**SALE**

**Commercial cum residential plot at Brahmanjharilo Cuttack (Niali road) 6k.m. to Phulanakhara, 11k.m. to Bhubaneswar. 7809525452.** D-73938

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ Sudhananda School & Collegeକୁ ଲାଗି layout approval plot (Bank finance) @9,00,000/- ଦେଇ ତୁରନ୍ତ ଘର କରନ୍ତୁ। (OD Group). 9437033320.** D-73283

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186.** D-73946

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277

construction

**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73278

to-let

**6 Nos. of 2BHK Residential Flat (Newly constructed) with all facilities & parking available for rent at Cuttack. Shivajee Nagar, Tulsipur. Contact: 9040029298.** D-1047

healthcare

Newly open SPA Offer @799/-, positively health benefits, Kalpana. 7846814019. D-73627

**Relax, Refresh your body, mind at Saikrupa Spa with best therapies. 8984068077.** D-1121

Newly open full body massage 1099 free massage one. Mo: 9583808247. D-1164

Newly open Asribada Panchakarma herbal SPA Kesarimall Bhubaneswar. Contact: 8926173473. D-73945

Newly open full body massage ladies and gents. 8327740003, 8093860513. D-73947

Newly opened full body massage center by expert therapist. 7381172169. D-73629

astrology

ଘରେ କିମ୍ବା factory କିମ୍ବା plotରେ ବାସ୍ତୁଦୋଷ ଥିବାପରି ମନେହେଉଛି କି ? Call/ Whatsapp 7978736177. D-68295

**LOST**

ମୁଁ ଶ୍ରୀଯୁକ୍ତ ମଧୁସୂଦନ ପ୍ରଧାନ, ପି: ସୁରେନ୍ଦ୍ର ପ୍ରଧାନ, ଗ୍ରାମ: ମଙ୍ଗରାଜପୁର, ପୋ: ଦାଣ୍ଡମୁକୁନ୍ଦପୁର, ପୁରୀ ଗତ ୨୮।୦୭।୨୦୨୨ ତାରିଖରେ ବସ୍‌ରେ ଆସୁଥିବା ବେଳେ ମୋ ବ୍ୟାଗ୍‌ରେ ଥିବା ମୋର ଦଲିଲ ନଂ. ୧୮୬୬, ତା ୦୯।୦୫।୧୯୯୭ ସହ ସାର୍ଟିଫାଏଡ ନକଲ ହଜିଯାଇଛି। ଉକ୍ତ ଦଲିଲ ହଜିଯିବା ସମ୍ପର୍କରେ ମୁଁ ପିପିଲି ଥାନାରେ ୨୯।୦୭।୨୦୨୨ ତାରିଖରେ ଅବଗତ କରାଇଛି। ଯଦି କେହି ଉକ୍ତ ଦଲିଲ ପାଆନ୍ତି ତେବେ ଏହି ୯୯୩୮୧୯୬୯୬୩ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ–୧୧୬୮

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୮,୨୫,୧୫,୫୧୩ | ୬୪,୨୦,୪୮୬ | ୫୫,୨୮,୪୭,୨୨୮ |
| ଭାରତ | ୪,୪୦,୩୬,୨୭୫ | ୫,୨୬,୩୯୬ | ୪,୩୩,୬୫,୮୯୦ |
| ଓଡ଼ିଶା | ୧୩,୧୩,୯୪୨ | ୯୧୪୧(+୫୩) | ୧୨,୯୮,୮୭୨ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର





ଭୁବନେଶ୍ୱରସ୍ଥିତ କଳିଙ୍ଗ ହକି ଷ୍ଟାଡିୟମ୍‌ଠାରେ ସୋମବାର ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ନବନିଯୁକ୍ତ ୬,୮୯୧ ହାଇସ୍କୁଲ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଉଛନ୍ତି।

# ନାବାଳିକାଙ୍କୁ ଗଣବଳାତ୍କାର

**ମହିଳାଙ୍କ ସମେତ ୬ ଅଟକ, କାର୍ ଜବତ**

**ସମ୍ବଲପୁର, ୧।୮(ବ୍ୟୁରୋ):** ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଡ଼ଭଗା ଅଞ୍ଚଳର ଏକ ଢାବା ନିକଟରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ନାବାଳିକା ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ୬ ଜଣଙ୍କୁ ଅଟକ ରଖିଛି। ସେମାନଙ୍କ ମଧ୍ୟରେ ୪ ଯୁବକ, ଜଣେ ଢାବା ମାଲିକ ଓ ଜଣେ ମହିଳା ଅଛନ୍ତି। ଘଟଣାରେ ବ୍ୟବହୃତ କାର୍‌କୁ ମଧ ପୋଲିସ ଜବତ କରିଛି।

ସୂଚନା ଅନୁସାରେ, ଗତ ୩୦ ତାରିଖ ରାତିରେ ନାବାଳିକାଙ୍କୁ ପୂର୍ବରୁ ପରିଚୟ ଥିବା ବୁର୍ଲା ଅଞ୍ଚଳର ଜଣେ ମହିଳା ଖାଇବାକୁ ଯିବା କହି ଗୋଡଭଗା ନିକଟ ଢାବାକୁ ଡାକି ନେଇଥିଲେ। ସେମାନେ ଖାଇସାରି ବାହାରିବା ସମୟରେ ୪ଜଣ ଯୁବକ କାର୍‌ରେ ସେଠାରେ ପହଞ୍ଚିଥିଲେ। ପରେ ସେମାନେ ନାବାଳିକାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଘଟଣା ପରେ ସମ୍ପୃକ୍ତ ଯୁବକ ଓ ମହିଳା ସେଠାରୁ ଫେରାର ହୋଇଯାଇଥିଲେ। ଖବର ପାଇ ବୁର୍ଲା ପୋଲିସ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ଘରେ ଛାଡିଥିଲା। ୩୧ ତାରିଖରେ ନାବାଳିକା ଜଣକ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୬ ଜଣଙ୍କୁ ଅଟକ ରଖିଛି। ହୀରାକୁଦ ଏସ୍‌ଡିପିଓ ଏସ୍.କେ. ଦାଶ କହିଛନ୍ତି, ଅଭିଯୋଗ ପରେ ବୁର୍ଲା ଥାନାରେ ଏକ ମାମଲା (ନଂ.୪୧୧/୨୨) ରୁଜୁ ହୋଇଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ଏଥିରେ ଯେଉଁମାନେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।




# ଶିକ୍ଷକତାକୁ ଏକ ସଂକଳ୍ପ ଭାବେ ଗ୍ରହଣ କର: ମୁଖ୍ୟମନ୍ତ୍ରୀ

**ନବନିଯୁକ୍ତ ୬,୮୯୧ ହାଇସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ**

**ଭୁବନେଶ୍ୱର, ୧।୮(ବ୍ୟୁରୋ)**

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୬,୮୯୧ଜଣ ହାଇସ୍କୁଲ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ଏହି ନବନିଯୁକ୍ତ ଶିକ୍ଷକଙ୍କ ପାଇଁ ସୋମବାର କଳିଙ୍ଗ ହକି ଷ୍ଟାଡିୟମ୍‌ଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଶିକ୍ଷକଙ୍କୁ ଉଦ୍‌ବୋଧନ ଦେଇ କହିଲେ, ଆପଣମାନେ ସମସ୍ତେ ଯୁବ ଓ ବହୁତ ଉତ୍ସାହୀ। ତେଣୁ ଶିକ୍ଷକତାକୁ ଏକ ଚାକିରି ଭାବରେ ଗ୍ରହଣ ନ କରି ଏହାକୁ ଏକ ସଂକଳ୍ପ ଭାବେ ନେଇ କାମ କରନ୍ତୁ। ମୋର ବିଶ୍ୱାସ, ମୋ ଓଡ଼ିଶାର ପିଲାମାନଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବାରେ ଆପଣମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ରାଜ୍ୟରେ ଶିକ୍ଷକ ନିଯୁକ୍ତି କାର୍ଯ୍ୟକ୍ରମ ଜାରି ରହିଛି। ଗତ ୩ ବର୍ଷ ମଧ୍ୟରେ ୧୪ ହଜାରରୁ ଅଧିକ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଶିକ୍ଷକତା ପରି ଏକ ମହାନ୍ ବୃତ୍ତିରେ ଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ, ଶିକ୍ଷକମାନେ ହେଉଛନ୍ତି ରାଷ୍ଟ୍ରନିର୍ମାତା। ଜାତିର ଗୌରବ। ଦେଶର ଭବିଷ୍ୟତ ପିଢ଼ିକୁ ଗଢ଼ିବାର ପବିତ୍ର ଦାୟିତ୍ୱ ଆପଣମାନଙ୍କ ଉପରେ। ଶିକ୍ଷା ହିଁ କେବଳ ଗୋଟିଏ ବ୍ୟକ୍ତି ବା ପରିବାର ବା ସମାଜ ନୁହେଁ, ଶିକ୍ଷା ଗୋଟିଏ ଜାତିର ଭାଗ୍ୟ ପରିବର୍ତ୍ତନ କରିଦିଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍କୁଲ ରୂପାନ୍ତର ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଏ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ୪ହଜାର ସ୍କୁଲର ରୂପାନ୍ତର କାମ ସରିଲାଣି। ୨୦୨୩ ଡିସେମ୍ବର ସୁଦ୍ଧା ଆଉ ୪,୮୦୦ ସ୍କୁଲ ରୂପାନ୍ତର କରାଯିବ। ସ୍କୁଲ ରୂପାନ୍ତର ପିଲାଙ୍କ ଭିତରେ ନୂଆ ଉତ୍ସାହ ଆଣିଛି। ସେହି ଉତ୍ସାହକୁ ଜୀବନର ସଫଳତାରେ ରୂପାନ୍ତର କରିବା ଭଳି ଗୁରୁଦାୟିତ୍ୱ ନେବାକୁ ଶିକ୍ଷକମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ଏବଂ ଜଳସମ୍ପଦ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ଯୋଗଦେଇ କହିଲେ, ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ପିଲାଙ୍କ ପାଇଁ ନୂଆ ସୁଯୋଗ ଓ ଶିକ୍ଷା କ୍ଷେତ୍ରରେ ଏହା ଏକ ନୂତନ ପରିଚୟ ସୃଷ୍ଟି କରିଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତର ରୂପାନ୍ତର ପାଇଁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ଗୁରୁଦାୟିତ୍ୱକୁ ନୂତନ ଶିକ୍ଷୟିତ୍ରୀ ଶିକ୍ଷକମାନେ ତୁଲାଇବେ ବୋଲି ସେମାନେ ଆଶାପ୍ରକାଶ କରିଥିଲେ। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରାଜ୍ୟରେ ଶିକ୍ଷକ ନିଯୁକ୍ତି କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ କରାଯାଇଛି ବୋଲି କହିଥିଲେ। ପିଲାଙ୍କ ସୃଜନଶୀଳ ପ୍ରତିଭାର ବିକାଶ ଉପରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଧନ୍ୟବାଦ ଅର୍ପଣ କରି କହିଲେ, ସ୍କୁଲ ରୂପାନ୍ତର ଯୋଗୁ ରାଜ୍ୟର ଶିକ୍ଷା ବ୍ୟବସ୍ଥା ବିଶ୍ୱସ୍ତରୀୟ ହୋଇପାରିଛି। କାର୍ଯ୍ୟକ୍ରମରେ ୩ଜଣ ଶିକ୍ଷକ ପବିତ୍ର କର, ପ୍ରମିତା ପଟ୍ଟନାୟକ ଓ ଜୟଶ୍ରୀ ପାଢ଼ୀ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୈଷୟିକ ସହାୟତା ଦେବ ଏନ୍‌ଆଇଓଟି

**ଗଞ୍ଜାମରେ କୂଳ ଖାଉଛି ସମୁଦ୍ର**

**ଆଦର୍ଶ କଲୋନୀରେ ଥଇଥାନ ଯୋଜନା: ଜିଲାପାଳ**

**ଛତ୍ରପୁର/ଗଞ୍ଜାମ, ୧।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲାରେ ଦିନକୁ ଦିନ ସମୁଦ୍ର କୂଳ ଖାଇବାରେ ଲାଗିଛି। ସମୁଦ୍ର ଜଳପତନ ବୃଦ୍ଧି ହେଉଥିବାରୁ ଉଚ୍ଚ ଜୁଆର ମାଡି ଆସୁଛି।

ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ଓ ଗଞ୍ଜାମ ବ୍ଲକର ପୋଡ଼ମପେଟା ଗାଁ ସମୁଦ୍ର କୂଳରେ ଥିଲା। ସମୁଦ୍ର କୂଳ ଲଂଘିବାରୁ ଏକାଧିକ ଗାଁ ଏବେ ବିପଦରେ ରହିଛି। ପୋଡମପେଟାରେ ବହୁତ ଘର ସମୁଦ୍ରରେ ଲୀନ ହୋଇଯାଇଥିବା ବେଳେ ଏବେ ଆଉ ମାତ୍ର ୭ଟି ଘର ରହିଛି। ଆଗାମୀ ଦିନରେ ଏଭଳି ଅନେକ ଗାଁ ସମୁଦ୍ରରେ ଲୀନ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ସୋମବାର ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ପୋଡ଼ମପେଟାରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। କ୍ରମାଗତ ଉପକୂଳ ଅବକ୍ଷୟ ପାଇଁ ଗ୍ଲୋବାଲ ୱାର୍ମିଂକୁ ପରିବେଶବିତ୍ ଦାୟୀ କରିଛନ୍ତି। ତେଣୁ ରାଜ୍ୟ ସରକାର ଉପକୂଳ ସୁରକ୍ଷା ପାଇଁ ଏକ ଦୀର୍ଘମିଆଦି, ପ୍ରଭାବୀ, ପରିବେଶ ଅନୁକୂଳ ଯୋଜନା ପ୍ରସ୍ତୁତ କରିବାକୁ ଚେନ୍ନାଇସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସେନ ଟେକ୍ନୋଲୋଜି (ଏନ୍‌ଆଇଓଟି) ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ଭୂ-ବିଜ୍ଞାନ ବିଭାଗ ଅଧୀନ ଉକ୍ତ ଉଚ୍ଚ ବୈଷୟିକ ସଂସ୍ଥା ରାଜିନାମା ସ୍ୱାକ୍ଷର ଲାଗି ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ କରିସାରିଛନ୍ତି। ଶୀଘ୍ର ଉଭୟ ପକ୍ଷ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହେବ ଏବଂ ଏହାପରେ ଏନ୍‌ଆଇଓଟି ପକ୍ଷରୁ ବୈଷୟିକ ସହାୟତା ମିଳିବ ବୋଲି ସୂଚନା ଦିଆଯାଇଛି। ସମୁଦ୍ର କୂଳ ଲଂଘୁଥିବା ଏବଂ ଜନବସତି ପ୍ରତି ବିପଦ ଥିବାରୁ ଏକ ଆଦର୍ଶ କଲୋନୀ କରାଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଏକ ଯୋଜନା କରାଯାଇଛି ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସୋମବାର କହିଛନ୍ତି। ପୂର୍ବରୁ ଓଡିଆରପି ଗୃହ ନିର୍ମାଣ କରାଯାଇ ସମୁଦ୍ର ଓ ଚିଲିକା ଉପକୂଳବର୍ତ୍ତୀ ଲୋକଙ୍କୁ ଦିଆଯାଇଛି। ଏପରିକି ପୋଡମପେଟା ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରି ନୂଆ ପୋଡମପେଟାରେ ଗୃହ ଯୋଗାଇ ଦିଆଯାଇଛି। ପୁଣି ଏବେ ନୂଆ ସ୍ଥାନ ଦେଖି କିପରି ଅଧିକ ଲୋକଙ୍କୁ ଓଡିଆରପି ଗୃହ ଯୋଗାଇ ଦିଆଯିବ ସେହି ବ୍ୟବସ୍ଥା କରାଯାଉଛି।



କୂଳଖାଇ ଜନବସତି ଆଡକୁ ମାଡି ଆସିଛି ସମୁଦ୍ର।

## ଅଭିଯୁକ୍ତ ବଡ଼ବାପାଙ୍କୁ ଆଜୀବନ କାରାଦଣ୍ଡ

**୨ ଭଉଣୀଙ୍କୁ ବଳାତ୍କାର ମାମଲା**

**କଟକ ଅଫିସ, ୧।୮:** ଦୁଇ ନାବାଳିକା ଭଉଣୀଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତ ବଡ଼ବାପାଙ୍କୁ ସୋମବାର କଟକ ପୋକ୍ସୋ ସ୍ୱତନ୍ତ୍ର ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ଅଭିଯୁକ୍ତ ବଡ଼ବାପା ହରିଶ୍ଚନ୍ଦ୍ର ବାରିକଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ବିବରଣୀ ଅନୁଯାୟୀ, ୨୦୨୦ ନଭେମ୍ବର ୧୬ରେ କଟକ ସଦର ଥାନା ଅଧୀନ ଉରାଳି ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଦୁଇ ନାବାଳିକା ଭଉଣୀଙ୍କୁ ନଦୀକୁ ଗାଧୋଇବାକୁ ଡାକି ନେଇ ବଡ଼ବାପା ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ହରିଶ୍ଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ୧୭ଜଣ ସାକ୍ଷୀ ଓ ୧୫ଟି ତଥ୍ୟ ପ୍ରମାଣ ଆଧାରରେ କଟକ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଦୁଇ ପୀଡ଼ିତାଙ୍କୁ ୩ ଲକ୍ଷ ଲେଖାଏ ମୋଟ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।




# 'ବାୟୁସେନାରେ ସଶକ୍ତ ଯୁବଗୋଷ୍ଠୀଙ୍କ ଆବଶ୍ୟକତା ରହିଛି'

**ୱାର୍ଲ୍ଡ ସ୍କିଲ୍ ସେଣ୍ଟର ପରିଦର୍ଶନରେ ବାୟୁସେନା ପ୍ରତିନିଧି ଦଳ**

**ଭୁବନେଶ୍ୱର, ୧।୮(ବ୍ୟୁରୋ)**

ବାୟୁସେନା ମୁଖ୍ୟାଳୟ ନୂଆଦିଲ୍ଲୀସ୍ଥିତ ବାୟୁଭବନରୁ ଏୟାର ମାର୍ଶଲ ଏସ୍.କେ. ଝା, ଏଭିଏସ୍‌ଏମ୍, ଏଓପିଙ୍କ ସମେତ ଏକ ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସି ସୋମବାର ଭୁବନେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟର ପରିଦର୍ଶନ କରିଥିଲେ। ଭାରତୀୟ ବାୟୁସେନାର ଅଗ୍ନିପଥ ଯୋଜନାରେ କିଭଳି ସ୍କିଲ୍ ବା ଦକ୍ଷତାକୁ ଉପଯୋଗ କରାଯାଇପାରିବ ସେ ନେଇ ଏହି ପ୍ରତିନିଧି ଦଳ ଆଲୋଚନା କରିଛନ୍ତି। ଏଥିସହ ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ବିଷୟରେ ପଚାରି ବୁଝିଛନ୍ତି। ଏହି ଅବସରରେ ଏୟାର ମାର୍ଶଲ ଝା କହିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ ଦକ୍ଷତା ବିକାଶ ନିମନ୍ତେ ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ତିଆରି କରାଯାଇଥିବା ଭିତ୍ତିଭୂମି, ତାଲିମ ସୁବିଧା, ଅପ୍‌ସ୍କିଲିଂ ବ୍ୟବସ୍ଥା ଅତ୍ୟନ୍ତ ହୃଦୟସ୍ପର୍ଶୀ। ଏହି ଉତ୍କୃଷ୍ଟ ବ୍ୟବସ୍ଥା ସାଧାରଣ ଯୁବଗୋଷ୍ଠୀଙ୍କୁ ବୈଷୟିକ ଜ୍ଞାନକୌଶଳରେ ପରିପୂର୍ଣ୍ଣ ଏକ ସଶକ୍ତ ବ୍ୟକ୍ତିଭାବେ ରୂପାନ୍ତରଣ କରୁଛି। ଏଭଳି ବୈଷୟିକ ଜ୍ଞାନକୌଶଳରେ ସଶକ୍ତ ଯୁବଗୋଷ୍ଠୀଙ୍କର ବାୟୁସେନାରେ ଆବଶ୍ୟକତା ରହିଛି। ଏହି ଗସ୍ତ ଆଗାମୀ ଦିନରେ ଓଡ଼ିଶାର ଯୁବଗୋଷ୍ଠୀଙ୍କୁ ଏକ ନୂତନ ସୁଯୋଗ ପ୍ରଦାନ କରିବାରେ ସହାୟକ ହେବ ବୋଲି ଏୟାର ମାର୍ଶଲ ମତବ୍ୟକ୍ତ କରିଛନ୍ତି।

ୱାର୍ଲ୍ଡ ସ୍କିଲ୍ ସେଣ୍ଟରର ଭିତ୍ତିଭୂମି, ଅତ୍ୟାଧୁନିକ ଦକ୍ଷତା ପ୍ରଶିକ୍ଷଣ ପାଠ୍ୟକ୍ରମ, ଲାଇଫ୍ ସ୍କିଲ ପ୍ରଶିକ୍ଷଣ, ଶିଳ୍ପ ସହଭାଗିତା ଏବଂ ଦକ୍ଷତା ପ୍ରତିଯୋଗିତା ଇତ୍ୟାଦି ବିଷୟରେ ସିଇଓ ରେଘୁ ଜି ସୂଚନା ଦେଇଥିଲେ। ଆଗାମୀ ଦିନରେ ୱାର୍ଲ୍ଡ ସ୍କିଲ୍ ସେଣ୍ଟରକୁ ନେଇ କ'ଣ ସବୁ ଯୋଜନା ରହିଛି ସେସବୁ ବିଷୟରେ ରେଘୁ ଜୀଙ୍କ ସହ ଆଲୋଚନା ହୋଇଥିଲା। ଏୟାର ମାର୍ଶଲ ଏବଂ ସହଯୋଗୀମାନେ ମେକାଟ୍ରନିକ୍ସ, ମେକାନିକାଲ ଏବଂ ଇଲେକ୍ଟ୍ରିକାଲ୍ ସର୍ଭିସେସ ଓ ଏୟାର କଣ୍ଡିଶନିଂ ଏବଂ ରେଫ୍ରିଜରେଶନ ଲାବ୍ ପରିଦର୍ଶନ କରିଥିଲେ। ଏହି ଗସ୍ତରେ ଗ୍ରୁପ୍ କ୍ୟାପଟେନ ଏ. ଏମ୍.କେ. ନାଇଡୁ, ଗ୍ରୁପ୍ କ୍ୟାପଟେନ ଏ ମିଞ୍ଜୁ ଭିଏସ୍‌ଏମ, ଗ୍ରୁପ କ୍ୟାପଟେନ ଜେ. ପରମାର ଏବଂ ୱିଙ୍ଗ କମାଣ୍ଡର ଆର.ଆର.କେ. ସିହ୍ନା ସାମିଲ ଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ, ୱାର୍ଲ୍ଡ ସ୍କିଲ ସେଣ୍ଟର ପ୍ରିନ୍ସିପାଲ ସଙ୍ଗରନ ଗୋପାଲ, ଡେପୁଟି ପ୍ରିନ୍ସିପାଲ ଏସ୍ କେ ଦାସ ଓ ନିର୍ଦ୍ଦେଶକ ଚିୟକ୍ ଏଙ୍ଗ୍ ଚୁନ୍ ଉପସ୍ଥିତ ଥିଲେ।



ୱାର୍ଲ୍ଡ ସ୍କିଲ୍ ସେଣ୍ଟରରେ ଏୟାର ମାର୍ଶଲ ଏସ୍.କେ. ଝା ଓ ଅନ୍ୟମାନେ।

# ବ୍ୟାସନଗରବାସୀଙ୍କୁ ଗୋଳିଆ ପାଣି ଯୋଗାଣ

- ଓଏମ୍‌ବିଏଡିସି ପ୍ରକଳ୍ପରେ ହରିଲୁଟ
- ୱାଟକୋର ମନମାନି ହୋଇପାରେ କାଳ

ଯାଜପୁର ଅଫିସ,୧।୮

ଯାଜପୁର ଜିଲାର ଅନ୍ୟତମ ସହର ବ୍ୟାସନଗର ପୌରାଞ୍ଚଳବାସୀ ଉପଯୁକ୍ତ ଭାବେ ପାନୀୟ ଜଳ ପାଇବାରୁ ବଞ୍ଚିତ ରହୁଛନ୍ତି। ଅଧିକାଂଶ ୱାର୍ଡରେ ଗୋଳିଆ, ଦୂଷିତ ପାଣି ଯୋଗାଣ ହେଉଥିବା ଜଣାପଡିଛି। ଏଭଳିସ୍ଥିତିରେ ରାଜ୍ୟର ଗଜପତି, ରାୟଗଡ଼ା, କୋରାପୁଟ, ବାଲେଶ୍ୱର, ନବରଙ୍ଗପୁର ଜିଲାରେ ଦୂଷିତ ପାଣି ପିଇ ଲୋକେ ମୃତ୍ୟୁମୁଖରେ ପଡ଼ିବା ଭଳି ଆଶଙ୍କା ଏଠାରେ ସୃଷ୍ଟି ହୋଇଛି। ଏହାବାଦ ସହର ଏବଂ ଆଖପାଖ ଗ୍ରାମବାସୀଙ୍କ ପାଇଁ ଓଏମ୍‌ବିଏଡିସି (ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ) ପାଣ୍ଠିରୁ କାର୍ଯ୍ୟକାରୀ ହେଉଥିବା ଦ୍ୱିତୀୟ ମେଗା ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟରେ ମନ୍ଥରତା ସହ ବ୍ୟାପକ ଅନିୟମିତତା ଏବଂ ହରିଲୁଟ ହେଉଥିବା ଅଭିଯୋଗ ହେଉଛି।

ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବ୍ୟାସନଗରରେ ଦ୍ୱିତୀୟ ପ୍ରକଳ୍ପ ପାଇଁ ଓଏମ୍‌ବିଏଡିସିରୁ ୪୫ କୋଟି ୧୨ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ପ୍ରଥମେ ଆକଳନ କରାଯାଇଥିଲା। ଏଥିପାଇଁ ଓଏମ୍‌ବିଏଡିସିର ସିଇଓଙ୍କୁ ଉପରୋକ୍ତ ଅର୍ଥ ମଞ୍ଜୁର କରିବାକୁ ୨୦୧୯ରେ ଅନୁରୋଧ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପ ପାଇଁ ୭୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି। ଏହି କାର୍ଯ୍ୟ ସମ୍ପାଦନ ପାଇଁ ଗୁଜରାଟର ଏକ ଠିକାସଂସ୍ଥା ସର୍ଜନ ଇନଫ୍ରାଟେକ୍ ପ୍ରାଇଭେଟ୍ ଲିଃକୁ ଦାୟିତ୍ୱ ଦିଆଯାଇଛି। ତେବେ ଖରସ୍ରୋତା ନଦୀରେ ପ୍ରଥମ ମେଗା ପ୍ରକଳ୍ପର ପମ୍ପହାଉସ୍ ହୋଇଥିବା ନିକଟରେ ଏହି ପ୍ରକଳ୍ପର ପମ୍ପହାଉସ ଏବଂ ମୁଣ୍ଡୋମାଳ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିକଟରେ ଦ୍ୱିତୀୟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ ହେଉଛି। ଏହି ପ୍ରକଳ୍ପରୁ ବ୍ୟାସନଗର ସହରର ଫାୟାର ଷ୍ଟେଶନ ଛକ, କନ୍ହେଇପୁର, ଧବଳଗିରି, ରମ୍ପାସ ପ୍ରଭୃତି ଅଞ୍ଚଳକୁ ଜଳଯୋଗାଣ କରିବାକୁ ଯୋଜନା ହୋଇଛି। ଏହି ପ୍ରକଳ୍ପ ମଞ୍ଜୁର ହେବାର ୩ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଏହାର ଅଗ୍ରଗତି ଅତି ନୈରାଶ୍ୟଜନକ ହୋଇଛି। ନିର୍ଦ୍ଧାରିତ ୯୧ କିମିରୁ ମାତ୍ର ୩୨ କିମି ପର୍ଯ୍ୟନ୍ତ ପାଇପ ବିଛା ହୋଇଛି। ଏଥିରେ ବି ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଗତ ପ୍ରାୟ ୨ ବର୍ଷ ହେବ ବ୍ୟାସନଗରର ଜଳଯୋଗାଣ ବ୍ୟବସ୍ଥାର ପରିଚାଳନା ଦାୟିତ୍ୱ ଜନସ୍ୱାସ୍ଥ୍ୟ ବିଭାଗରୁ କାଢ଼ି ନେଇ ୱାଟର କର୍ପୋରେଶନ ଅଫ୍ ଓଡ଼ିଶା (ୱାଟ୍‌କୋ)କୁ ନ୍ୟସ୍ତ କରାଯାଇଛି। ଏହି ସଂସ୍ଥା ଦାୟିତ୍ୱ ନେବା ପରଠାରୁ ସହରରେ ଝିରିଝିରି(ଅଳ୍ପ ମାତ୍ରାରେ) ପାଣି ଟ୍ୟାପ୍‌ରେ ଝରୁଛି। ରକ୍ଷଣାବେକ୍ଷଣ ପାଇଁ ଆସୁଥିବା ବିପୁଳ ଅର୍ଥକୁ ଠିକ୍ ଭାବେ ବିନିଯୋଗ ହେଉ ନ ଥିବାରୁ ପୌରାଞ୍ଚଳର ୨୬ଟି ୱାର୍ଡରୁ କନ୍ହେଇପୁର, ଚାନ୍ଦମା, କାଚହୁଡିସାହି, ଡାହିସାହି, ରମ୍ପାସ, ସାତକାଣିଆଁ, ସୋବରା, ଡିଗିସାହି, ଧବଳଗିରି ଆଦି ୱାର୍ଡରେ ଜଳାଭାବ ରହିଛି। ଅନ୍ୟପକ୍ଷେ ଅର୍ବାନ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫର୍ ସ୍ମଲ୍ ଆଣ୍ଡ ମିଡିୟମ୍ ଟାଉନ (ୟୁଆଇଡିଏସ୍‌ଏମ୍‌ଟି) ଯୋଜନାରେ ୧୪୫୧.୩୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଖରସ୍ରୋତା–ମୁଣ୍ଡମାଳା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ କାର୍ଯ୍ୟକାରୀ ହୋଇସାରିଛି। ହେଲେ ପୂର୍ବବତ ସହରବାସୀ ଜଳାଭାବ ସମସ୍ୟାରୁ ଏଯାଏ ମୁକୁଳି ପାରିନାହାନ୍ତି।

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗୋଟିଏ ପରେ ଗୋଟିଏ ଶିଳ୍ପ କାରଖାନା ପାଦ ଥାପୁଛନ୍ତି। ଏହିକ୍ରମରେ କେଏନ୍‌ଡିଏର ଭୌଗୋଳିକ ସୀମା ଓ ଲୋକସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କନମ୍ପ୍ରେହେନସିଭ ଡେଭଲପମେଣ୍ଟ ପ୍ଲାନ (ସିଡିପି) ପ୍ରସ୍ତୁତ କରିଛନ୍ତି। ୪୫୮.୭୮ ବର୍ଗ କିଲୋମିଟରର ଅଞ୍ଚଳକୁ ନେଇ ଏଥିରେ ୧୬୧ଟି ଗ୍ରାମକୁ ସାମିଲ କରାଯାଇଛି। ପ୍ରଥମ ୫ ବର୍ଷରେ ୧୨୩୫ କୋଟି ଟଙ୍କା ଓ ୨୦୩୦ ସୁଦ୍ଧା ୬୬,୧୩୯ କୋଟି ଟଙ୍କା ବ୍ୟୟ କରିବାକୁ ଯୋଜନା ରହିଛି। ତେଣୁ ନିର୍ମାଣାଧୀନ ଦ୍ୱିତୀୟ ମେଗା ଜଳଯୋଗାଣ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ସହରବାସୀ ସ୍ୱଚ୍ଛ ପାନୀୟ ଜଳ ସମସ୍ୟାରେ ରୁନ୍ଧି ହେବେ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ୱାଟ୍‌କୋର ଜେନେରାଲ ମ୍ୟାନେଜର ଦେବବ୍ରତ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ଦ୍ୱିତୀୟ ମେଗା ଜଳଯୋଗାଣ ପ୍ରକଳ୍ପ ସମ୍ପର୍କରେ ଏବେ କିଛି କହି ହେବ ନାହିଁ। ବ୍ୟାସନଗରକୁ ଜଳଯୋଗାଣ ଅବ୍ୟବସ୍ଥା ସମ୍ପର୍କରେ ଏଯାଏ କୌଣସି ଅଭିଯୋଗ ହୋଇନାହିଁ। ଯେଉଁଠି ସମସ୍ୟା ରହିଛି ସେନେଇ ଲିଖିତ ଭାବେ ଜଣାଇଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



## ସଂକ୍ଷେପରେ

### ମଦ ଜବତ,ଅଭିଯୁକ୍ତ କୋର୍ଟ ଚାଲାଣ

**ପାଣିକୋଇଲି,୧।୮(ଡି.ଏନ.ଏ.):** ପାଣିକୋଇଲି ଥାନା ପୋଲିସ ସୋମବାର ଦାମୋଦରପୁର ଛକରେ ମଦ ବେପାର କରୁଥିବା ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ଉତରବାଡ ଗ୍ରାମର ଉମାକାନ୍ତ ଦାସ(୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ପାଖରୁ ୩୦ ବୋତଲ ଆସ୍କାପର୍ଟି ଜବତ କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୭୨/୨୨) ରୁଜୁ କରାଯାଇଛି।

### ନବୋଦୟ ବିଦ୍ୟାଳୟରେ ପରମାଣୁ ଜ୍ୟୋତି କାର୍ଯ୍ୟକ୍ରମ



**ପାଣିକୋଇଲି,୧।୮(ଡି.ଏନ.ଏ.):** ପାଣିକୋଇଲିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ସୋମବାର ପରମାଣୁ ଜ୍ୟୋତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାରା ଭାରତ ବର୍ଷର ସମସ୍ତ ନବୋଦୟ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ଅଟୋମେଟିକ ଏନର୍ଜି ବିଭାଗ ପକ୍ଷରୁ ଏହି କ୍ରମରେ ମୁମ୍ବାଇ ଭାବା ଅଟୋମେଟିକ ରିସର୍ଚ୍ଚ ସେଣ୍ଟର ୨ ପରମାଣୁ ମିତ୍ର ବୈଜ୍ଞାନିକ ଡ. ଅରବିନ୍ଦ କୁମାର ଓ ଏସ୍‌ଏଚ୍ ସ୍ୱର୍ଣ କୁମାର ଶର୍ମା ପାଣିକୋଇଲି ନବୋଦୟ ବିଦ୍ୟାଳୟରେ ରବିବାର ପହଞ୍ଚିଥିଲେ। ବିଦ୍ୟାଳୟ ପକ୍ଷରୁ ଅଧ୍ୟକ୍ଷା ସଙ୍ଗୀତା ଜୟିସ୍ୱାଲ ଉଭୟଙ୍କୁ ସ୍ୱାଗତ କରିଥିଲେ। ସୋମବାର ଡିପାର୍ଟମେଣ୍ଟ ଇକୋନୋମିକ ଏନର୍ଜି ଓ ନବୋଦୟ ବିଦ୍ୟାଳୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୨ ବୈଜ୍ଞାନିକ ଛାତ୍ରୀଛାତ୍ରଙ୍କ ମେଳରେ ଦିନ କାଟିବା ସହ ପରମାଣୁ ସମ୍ପର୍କରେ କଥୋପକଥନ, ପ୍ରଶ୍ନ ଉତ୍ତର ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ଣରେ ୨ ବୈଜ୍ଞାନିକ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଥିବା ଅଧ୍ୟକ୍ଷା ଜୟିସ୍ୱାଲ ସୂଚନା ଦେଇଛନ୍ତି।

### କୁନି କାଉଡିଆଙ୍କ ଜଳାଭିଷେକ

**ଛତିଆ,୧।୮(ଡି.ଏନ.ଏ.):** ଶ୍ରାବଣ ସୋମବାରରେ ଶିବଙ୍କୁ ଜଳଲାଗି କଲେ ସବୁ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ସୋମବାର ବିଭିନ୍ନ ଶୈବପୀଠରେ ବହୁ କାଉଡିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆରେ ଥିବା ମାଳିକା ପ୍ରସିଦ୍ଧ ବାବା ଅମରେଶ୍ୱରଙ୍କ ପୀଠରେ ଶତାଧିକ କାଉଡିଆ ଜଳାଭିଷେକ କରିଥିଲେ। ଏହି ଅବସରରେ ଶତାଧିକ କୁନି କାଉଡିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେମାନେ ମାହାଙ୍ଗା ବ୍ଲକ କଇଥା ପଞ୍ଚାୟତ ଛେଦା ନିକଟସ୍ଥ ଗେଙ୍ଗୁଟି ନଦୀରୁ ଜଳ ଉଠାଇ ଅମରେଶ୍ୱରଙ୍କ ପୀଠରେ ଜଳାଭିଷେକ ପାଇଁ ଆସିଥିଲେ। କରୋନା କଟକଣା ପାଇଁ ୨ ବର୍ଷ ଧରି ବୋଲବମ୍ ଯାତ୍ରା ବନ୍ଦ ଥିଲା। ଚଳିତ ବର୍ଷ କଟକଣା କୋହଳ ହେବାପରେ ଶୈବପୀଠରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

### ଟୋଲ କର୍ମଚାରଙ୍କ ପରଲୋକ

**ପାଣିକୋଇଲି,୧।୮(ଡି.ଏନ.ଏ.):** ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ଗ୍ରାମର ରାଜୀବ ପୃଷ୍ଟି(୩୩)ଙ୍କ କିଡନୀ ଜନିତ ରୋଗରେ ପରଲୋକ ହୋଇଯାଇଛଇ। ସେ ପାଣିକୋଇଲି ଟୋଲ ପ୍ଲାଜାରେ ଚାକିରୀ କରିଥିଲେ। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳୁ ତାଙ୍କର ମୃତ୍ୟୁ ଘଟିଛି। ଗାଁ ଶଶ୍ମାନରେ ତାଙ୍କ ଶେଷକୃତ ସମ୍ପନ୍ନ କରାଯାଇଛି।

### ଶହୀଦ ଉଦ୍ଧାମ ସିଂହ ସ୍ମୃତିଦିବସ

**ପାଣିକୋଇଲି,୧।୮(ଡି.ଏନ.ଏ.):** ପାଣିକୋଇଲିସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟରେ ଶହୀଦ ଉଦ୍ଧାମ ସିଂଙ୍କ ସ୍ମୃତିଦିବସ ତଥା ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ସଙ୍ଗୀତା ଜୟିସ୍ୱାଲ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଶହୀଦମାନଙ୍କ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଯାଇଥିଲା। ଉଦ୍ଧାମ ସିଂହଙ୍କ ଜୀବନୀ ଉପରେ ଶିକ୍ଷୟିତ୍ରୀ,ଶିକ୍ଷକମାନେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା।



# ଶ୍ରମିକଙ୍କ ମୃତ୍ୟୁ ଘଟଣାକୁ ଚାପିଦେବାକୁ ଉଦ୍ୟମ

ଚଣ୍ଡିଖୋଲ/ଛତିଆ, ୧।୮(ଡି.ଏନ.ଏ.)

**ସ୍ପଞ୍ଜ ଆଇରନ୍ କାରଖାନାରେ ଦୁର୍ଘଟଣା**



ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ବୁଢାକେନ୍ଦୁଆଠାରେ ଥିବା ନିୟୁ ଲକ୍ଷ୍ମୀ ଷ୍ଟିଲ ଆଣ୍ଡ ପାୱାର ସ୍ପଞ୍ଜ ଆଇରନ କାରଖାନାରେ ରବିବାର ସକାଳେ ଜଣେ ଶ୍ରମିକ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ୪୮ଘଣ୍ଟା ବିତିଯାଇଥିଲେ ମଧ ବୈରୀ ଥାନାରେ ମାମଲା ରୁଜୁ ହୋଇନାହିଁ। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛି। ଶ୍ରମିକ ମୃତ୍ୟୁ ଘଟଣା ସତ ବୋଲି ଥାନା ଅଧିକାରୀଣୀ ସଂଘମିତ୍ରା ନାୟକ କହିଛନ୍ତି। ହେଲେ ଏ ସଂକ୍ରାନ୍ତରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ମୃତ ଶ୍ରମିକ ଜଣ ବାହାର ରାଜ୍ୟର ହୋଇଥିବାରୁ କମ୍ପାନୀ କର୍ତ୍ତୃପକ୍ଷ ଏ ସମ୍ପର୍କରେ ପୋଲିସକୁ ନ ଜଣାଇ ଚାପିଦେବା ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ପୋଡ଼ା ସ୍ପଞ୍ଜ ଆଇରନ୍‌କୁ ଛଡ଼ାଇବା ବେଳେ ତାହା ସମ୍ପୃକ୍ତ ଶ୍ରମିକଙ୍କ ଉପରେ ପଡ଼ିଥିଲା। ଏଥିରେ ଶ୍ରମିକ ଜଣକ ଗୁରୁତର ହୋଇଥିଲେ। ଏ ସଂକ୍ରାନ୍ତରେ କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ପୋଲିସକୁ ନ ଜଣାଇ କଟକର ଏକ ଘରୋଇ ଡାକ୍ତରଖାନାରେ ଆହତ ଶ୍ରମିକଙ୍କୁ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ କାରଖାନା ଶ୍ରମ ଆଇନକୁ ଉଲ୍ଲଂଘନ କରି ଚାଲିଛି। ବାହାର ରାଜ୍ୟର ଶ୍ରମିକମାନଙ୍କୁ ଠିକାଦାରଙ୍କ ଜରିଆରେ ଆଣି କମ୍ ବେତନରେ ଠିକା ଶ୍ରମିକ ଭାବେ ନିୟୋଜିତ କରାଯାଇଛି। ତେଣୁ ଘଟଣାକୁ ସମ୍ପୂର୍ଣ୍ଣ ଏଡ଼ାଇବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଉଦ୍ୟମ କରୁଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକମାନେ କହିଛନ୍ତି, କମ୍ପାନୀ କର୍ତ୍ତୃପକ୍ଷ ବିନା ପରିବେଶ ମଞ୍ଜୁରୀରେ କମ୍ପାନୀ ଚଳାଇଛନ୍ତି। ଶିଳ୍ପ ଆଇନକୁ ଉଲ୍ଲଂଘନ କରାଯାଉଛି। ପାରିପାର୍ଶ୍ୱିକ ପରିବେଶର ଉନ୍ନତି ପାଇଁ କମ୍ପାନୀ ତରଫରୁ ଯାହା କରାଯିବା କଥା ତାହା କରାଯାଉ ନାହିଁ। ରବିବାର ଏହି ଦୁର୍ଘଟଣା ଘଟିବା ପରେ ପୂର୍ବରୁ ଲାଗିଥିବା କମ୍ପାନୀର ହୋଡ଼ିଂକୁ ଖୋଲି ଦିଆଯାଇଛି। କୌଣସି ବାହାର ଲୋକଙ୍କୁ ସେଠାକୁ ପ୍ରବେଶର ଅନୁମତି ଦିଆଯାଉନାହିଁ। ତୁରନ୍ତ ଶିଳ୍ପ ବିଭାଗ ତରଫରୁ କମ୍ପାନୀର କାର୍ଯ୍ୟ ତଦାରଖ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। କୌଣସି ସ୍ଥାନରେ ଦୁର୍ଘଟଣା ଘଟିଲେ ଯଦି କେହି ଏତଲା ନ ଦିଅନ୍ତି ପୋଲିସ ନିଜ ତରଫରୁ ଏତଲା ଦେଇ ଘଟଣା ସମ୍ପର୍କରେ ମାମଲା ରୁଜୁ କରିବା ନିୟମ ରହିଥିବା ବେଳେ ପୋଲିସ ବି ନୀରବ ବସିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାର ତଦନ୍ତ କରାଗଲେ କମ୍ପାନୀର ବହୁ ଗୁମର ପଦାରେ ପଡ଼ିବ ବୋଲି ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କାରଖାନାର ପରିଚାଳକ ସୁବାସ ଅଗ୍ରୱାଲଙ୍କୁ ଏକାଧିକ ଥର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ହେଲେ ସେ ଫୋନ୍ ଉଠାଇ ନ ଥିଲେ କିମ୍ବା ସାକ୍ଷାତ ଦେଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିନାହିଁ।

# ତଦନ୍ତ ବେଳେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

ଚଢ଼େଇଧରା,୧।୮(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ଅବକାରୀ ଥାନା ଅଧୀନରେ ଥିବା ମଧୁପୁରଗଡ଼ ପଞ୍ଚାୟତର ରଗଡିପଶି ମୌଜା ଅଧୀନ ଚଢ଼େଇଧରା ଛକରେ ଥିବା ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟରେ ସରକାରୀ ଠିପି ଖୋଲା ମଦ ଦୋକାନ ଖୋଲିବାକୁ ପ୍ରସ୍ତାବ ରହିଛି। ସୋମବାର ଅବକାରୀ ନିରୀକ୍ଷକ ତଦନ୍ତ କରିଛ ଫେରିଛନ୍ତି। ହେଲେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ଅବକାରୀ ନିରୀକ୍ଷକଙ୍କ ଜରିଆରେ ଅଧୀକ୍ଷକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୨୭ ତାରିଖରୁ ଏ ସଂକ୍ରାନ୍ତରେ ସର୍ବସାଧାରଣ ବିଜ୍ଞପ୍ତି ଜାରି କରାଯାଇଥିଲା। ହେଲେ ବିଜ୍ଞପ୍ତି ସର୍ବସାଧାରଣଙ୍କ ଦୃଷ୍ଟିକୁ ଆସି ନ ଥିବା ଲୋକେ ତଦନ୍ତ ବେଳେ କହିଥିଲେ। ଜନଶୁଣାଣୀ କିମ୍ବା ପଲ୍ଲୀସଭା କରା ନ ଯାଇ ପଞ୍ଚାୟତ ପକ୍ଷରୁ କୌଣସି ଅଭିଯୋଗ ନ ଥିବା ପ୍ରମାଣପତ୍ର ଦିଆଯାଇଥିବା ଜାଣି ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଜିଲା ଅବକାରୀ କାର୍ଯ୍ୟାଳୟ ଯାଜପୁର ପତ୍ର ସଂଖ୍ୟା ୧୪୯୩/୨୨ ଓ ପତ୍ର ସଂଖ୍ୟା ୧୪୯୪/୨୨ରେ ଜିଲାର ମଧୁପୁରଗଡ଼ ପଞ୍ଚାୟତର ରଗଡିପଶି ମୌଜାରେ ଥିବା ଖାତା ନଂ. ୪୧୯/୧୨୭ ଖସଡା ନଂ. ୪୦୪ ରେ ଏକ ମଦ ଦୋକାନ ଖୋଲିବାକୁ ପ୍ରସ୍ତାବ ରହିଥିବା ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ ଖବର ପାଇବା ପରେ ସ୍ଥାନୀୟ ଲୋକେ ଏହାକୁ ପ୍ରବଳ ବିରୋଧ କରିବା ସହିତ ଶତାଧିକ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ଜିଲାପାଳ ଓ ଅବକାରୀ ଅଧୀକ୍ଷକଙ୍କୁ ଦେଇଥିଲେ। ପୂର୍ବରୁ ସେହି ଛକରେ ଥିବା ଏକ ମଦ ଦୋକାନକୁ ଅଞ୍ଚଳବାସୀ ବିରୋଧ କରିଥିଲେ। ଏକାଧିକ ସ୍ୱୟଂ ସହାୟକ ଗୋଷ୍ଠିର ମହିଳାମାନେ ସେହି ମଦ ଦୋକାନ ଭଙ୍ଗାରୁଜା କରିଥିଲେ। ଏବେ ପୁଣି ସେହି ସ୍ଥାନରେ ଆଉ ଏକ ମଦ ଦୋକାନ ଖୋଲିବାକୁ ପ୍ରସ୍ତାବ ଥିବାରୁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

# ସୁନା ଦୋକାନରେ ସ୍ୱାଇପ୍ ମେଶିନ ଲଗାଇ ୫୪ ଲକ୍ଷ ଟଙ୍କା ଠକେଇ

- ଦମ୍ପତିଙ୍କ ସମେତ ୫ ଗିରଫ
- ୧୦ଲକ୍ଷ ଟଙ୍କା, ସିମ୍‌କାର୍ଡ, ମୋବାଇଲ ଜବତ

ଯାଜପୁର ଟାଉନ,୧।୮(ଡି.ଏନ.ଏ.)




ଖବରଦାତା ସମ୍ମିଳନୀରେ ଗିରଫ ଅଭିଯୁକ୍ତ।

ଯାଜପୁରର ଏକ ସୁନା ଦୋକାନରେ ସ୍ୱାଇପ୍ ମେଶିନ୍ ଲଗାଇ ୫୪ ଲକ୍ଷ ଟଙ୍କା ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଦମ୍ପତିଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ଯାଜପୁର ସହରର ସୁନା ବ୍ୟବସାୟୀ ବଟକୃଷ୍ଣ ସାହୁଙ୍କ ଅଭିଯୋଗ କ୍ରମେ ଯାଜପୁର ଟାଉନ୍ ପୋଲିସ ଭୁବନେଶ୍ୱର ସୁଜନ୍ ଇନ୍‌ଫୋଟେକ୍ ନାମକ ଏକ ସଂସ୍ଥାର ମାଲିକ ପ୍ରମୋଦ ଜେନା ଓ ତାଙ୍କ ସ୍ତ୍ରୀ ମାଳତୀ ଜେନାଙ୍କୁ ଗତ ଶନିବାର ଗିରଫ କରି କୋର୍ଟ କରିଥିଲା। ପରେ ସେମାନଙ୍କ ସହଯୋଗୀ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ପିଙ୍କୁ ଓରଫ ସଞ୍ଜୀବ କୁମାର ଦାସ, ଯାଜପୁର ଜିଲା କାକୁଡିକୁଦ ଗ୍ରାମର ପ୍ରମୋଦ ଜେନା, କଟକ ନିଶ୍ଚିନ୍ତ କୋଇଲିର ମିଲନ କୁମାର ସିଂହଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ଯାଜପୁର ଥାନାରେ ମାମଲା(ନଂ.୨୫୧/୨୦୨୨)ରୁଜୁ ହୋଇଛି। ଗତ ୧୨ ତାରିଖରୁ ପୋଲିସ ତଦନ୍ତ ଜାରି ରଖିଥିଲା। ତଦନ୍ତ ସମୟରେ ପେଟିଏମ୍ ମେଶିନ୍‌କୁ ଅଭିଯୁକ୍ତମାନେ ବଡ ବଡ ଦୋକାନରେ ଲଗାଇ ତା'ମାଧ୍ୟମରେ ନିଜ ଆକାଉଣ୍ଟକୁ ଟଙ୍କା ପଠାଉଥିଲେ। ଗିରଫ ଅଭିଯୁକ୍ତମାନଙ୍କଠାରୁ ନଗଦ ୧୦ଲକ୍ଷ ଟଙ୍କା ସହ ୬ ମୋବାଇଲ, ୩ ସ୍ୱାଇପ୍ ମେଶିନ୍, ୪୬ ସିମ୍‌କାର୍ଡ, ୨୬ ଚେକ୍ ବୁକ୍, ୬୩ ଏଟିଏମ୍ କାର୍ଡ ସହ ୨୧ ବ୍ୟାଙ୍କ ପାସ୍‌ବୁକ୍ ଏବଂ ଗୋଟିଏ ଲ୍ୟାପ୍‌ଟପ୍ ଜବତ କରାଯାଇଛି ବୋଲି ଯାଜପୁର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ଯାଜପୁର ଥାନା ଅଧିକାରୀ ଅଜୟ କୁମାର ଜେନା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

# କୀର୍ତ୍ତିରାଜିକୁ ଲୋକଲୋଚନକୁ ଆଣିବା ଇତିହାସ ବିଭାଗ ଛାତ୍ରଙ୍କ ଧ୍ୟେୟ ହେଉ

ଚଣ୍ଡିଖୋଲ,୧।୮(ଡି.ଏନ.ଏ.)

ଇତିହାସ ପାଠ ଏକ ସ୍ୱତନ୍ତ୍ର ପାଠ ଭାରତର ଐତିହ୍ୟ ଓ ଗାରିମାକୁ ନେଇ ପରିଚୟ ସୃଷ୍ଟି ହୋଇଛି। ସେଥିପାଇଁ ଆମର ଯେଉଁ ପ୍ରାଚୀନ ଐତିହ୍ୟ ଓ କୀର୍ତ୍ତିରାଜି ରହିଛି ତାହାକୁ ଇତିହାସ ବିଭାଗର ଛାତ୍ରୀଛାତ୍ରମାନେ ସଂଗ୍ରହ କରିବା ଉଚିତ୍ ବୋଲି ଅତିଥିମାନେ ପରାମର୍ଶ ଦେଇଛନ୍ତି। ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗର ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ଏକ ବିଦାୟକାଳୀନ ଉତ୍ସବ ମହାବିଦ୍ୟାଳୟ ପରିସରରେ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼.ମନୋଜ କୁମାର ଦାସ ମୁଖ୍ୟଅତିଥି, ବିଭାଗୀୟ ଅଧ୍ୟାପିକା ଡ଼ ରେଖାରାଣୀ ଖୁଣ୍ଟିଆ ଓ ନିରାକାର ପାତ୍ର ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଇତିହାସର ଐତିହ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସହଯୋଗ କରିଥିଲେ।

# ମଦ ବାର୍ ବନ୍ଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଜିଲାପାଳଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

ବିଞ୍ଝାରପୁର,୧।୮(ଡି.ଏନ.ଏ.)

ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର ଅଞ୍ଚଳର ବରିଷ୍ଠ ନାଗରିକ, ସାମାଜିକ କର୍ମୀ ,ଶିକ୍ଷାବିତ୍, ଛାତ୍ର ଓ ଯୁବକମାନେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଭେଟି ସୟଦପୁର ଛକ ନିକଟ ଆଙ୍କୁଲିଆଠାରେ ଖୋଲିଥିବା ରେଷ୍ଟୁରାଣ୍ଟ ଓ ମଦବାର୍‌କୁ ବନ୍ଦ କରିବାକୁ ଦାବି କରିଛନ୍ତି। ଏହି ଅବସରରେ ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ମଦବାର୍ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଅସାମାଜିକ କାର୍ଯ୍ୟ ବଢ଼ିଛି। ନିଶାସକ୍ତମାନେ ରାସ୍ତାଘାଟରେ ବୁଲି ନାନା ଦୌରାତ୍ମ୍ୟ କରୁଛନ୍ତି। ନିକଟରେ ବାରୁଣେଶ୍ୱର ମହାବିଦ୍ୟାଳୟ, ବ୍ରଜ ସୁନ୍ଦର ମହାବିଦ୍ୟାଳୟ ଓ ବ୍ରଜ ସୁନ୍ଦର ଉଚ୍ଚ ବିଦ୍ୟାଳୟ ରହିଛି। ମଦବାର୍ ଯୋଗୁ ସେହି ରାସ୍ତାରେ ଛାତ୍ରୀଛାତ୍ର ଯାତାୟତ କରିବାରେ ବହୁ ସମସ୍ୟା ସୃଷ୍ଟି ହେଉଛି ବୋଲି ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ବିଞ୍ଝାରପୁରର ରବୀନ୍ଦ୍ର କୁମାର ଜେନା, ସନାତନ ସାହୁ, ଦୀନବନ୍ଧୁ ଦାସ, ରବୀନ୍ଦ୍ର କୁମାର ଧଳ, କୁଞ୍ଜ ବିହାରୀ ବେହେରା, ଶ୍ରୀକାନ୍ତ ପ୍ରଧାନ, କିଶୋର ଦାସ, ଭୁବନାନନ୍ଦ ସାମଲ, ନବକୃଷ୍ଣ ଜେନା, ଏସ୍.କେ.ତୌଫିକ୍ ଆଲମ,ଧନେଶ୍ୱର ସାମଲ, ଅର୍ଜୁନ ବିଶ୍ୱାଳ, ବଳରାମ ବଳ ,ଉପେନ୍ଦ୍ର ରାଉତ, ଅମରେନ୍ଦ୍ର ସାମଲ, ବାବୁଲି ମଲିକ,ସୀମାନ୍ତ କୁମାର ପାତ୍ର ପ୍ରମୁଖ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

# ଭାରତୀୟ ଶାକ୍ତ ପରମ୍ପରା ହେଉଛି ସର୍ବପ୍ରାଚୀନ

ଯାଜପୁର ସଦର,୧।୮(ଡି.ଏନ.ଏ.)



'ଶକ୍ତି ପରମ୍ପରାରେ ବିରଜା' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭାରତୀୟ ଶାକ୍ତ ପରମ୍ପରା ହେଉଛି ସର୍ବପ୍ରାଚୀନ। ଶାକ୍ତ ସଂସ୍କୃତର ମୂଳ ଧାର ହେଉଛନ୍ତି ମା'ବିରଜା। ବିରଜା ଆଦ୍ୟା। ମା'ଙ୍କଠାରୁ ଶାକ୍ତ ଧାରା ଆରମ୍ଭ ହୋଇଛି ବୋଲି ବିଶିଷ୍ଟ ସାରସ୍ୱତ ସାଧକ, ଗବେଷକ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର କହିଛନ୍ତି। ଓଡିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ବିରଜା ସଂସ୍କୃତି ଗବେଷକ ଡ. ଜ୍ଞାନରଞ୍ଜନ ପତିଙ୍କ ଦ୍ୱାରା ଲିଖିତ 'ଶକ୍ତି ପରମ୍ପରାରେ ବିରଜା' ଶୀର୍ଷକ ଗବେଷଣାତ୍ମକ ପୁସ୍ତକ ରବିବାର ପୂର୍ବାହ୍ନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଲୋକାର୍ପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପଣ୍ଡିତ ମିଶ୍ର ବିରଜାଙ୍କ ପୂଜାବିଧି ଉପରେ ବର୍ଣ୍ଣନା କରିଥିଲେ। ବିହାରସ୍ଥିତ ଡ. ରାଜେନ୍ଦ୍ର ପ୍ରସାଦ କୃଷି ବିଦ୍ୟାଳୟର କୁଳପତି ତଥା ଭାରତୀୟ ବେଦବିଦ୍ୟା ପ୍ରତିଷ୍ଠା ଉଜୟନୀର ଉପାଧ୍ୟକ୍ଷ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁସ୍ତକକୁ ଉନ୍ମୋଚନ କରିବା ସହିତ ମା'ବିରଜା ହେଉଛନ୍ତି ବୈଷ୍ଣବୀ, ବ୍ରହ୍ମାଣୀ ଓ ରୁଦ୍ରାଣୀ। ଓଡିଶା ସଂସ୍କୃତିର ପ୍ରଥମ ଭୂମି ଏହି ବିରଜା କ୍ଷେତ୍ର। ଯାଜପୁରର ମହିମା ଉପରେ ଆଲୋକପାତ କରି ଯାଜପୁର ହେଉଛି ଗଦାକ୍ଷେତ୍ର ଓ ନାଭିକ୍ଷେତ୍ର ବୋଲି ବର୍ଣ୍ଣନା କରିଥିଲେ। ଏହି ଅବସରରେ ସେ ଶକ୍ତି ଉପାସନାର ବିଭିନ୍ନ ଦିଗ ଉପରେ ଦିକ୍ଷାନ୍ତ ଭାଷଣ ଦେବା ସହିତ ଭାରତ ବର୍ଷର ସ୍ଥିତି ଉପାସନା, ତାନ୍ତ୍ରିକ ଉପଚାର ଓ ମାତୃଶକ୍ତିର ପରମ୍ପରା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଓଡିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ସିଦ୍ଧାର୍ଥ ଧଳ ଯୋଗଦେଇ ଯାଜପୁରର ଗର୍ବ ଓ ଗୌରବ ମା'ବିରଜା ବୋଲି ସୂଚନା ଦେଇଥିଲେ। ଅନ୍ୟତମ ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ବିରଜା କ୍ଷେତ୍ରର ମାହାତ୍ମ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସଭାରେ ଜାତୀୟ ସମ୍ମାନପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଭା ପ୍ରାରମ୍ଭରେ ପଣ୍ଡିତ ଅନିରୁଦ୍ଧ ପଣ୍ଡା ବେଦ ପାଠ କରିଥିଲେ। ମା ବିରଜାଙ୍କ ଆଜ୍ଞାମାଳ ସମସ୍ତ ଅତିଥିଙ୍କୁ ପ୍ରଦାନ କରାଯାଇଥିଲା। ମା'ଙ୍କ ଭଜନ ଗୀତିକାର ଦିନେଶ ମଲିକ ଓ ତାଙ୍କ ସାଥି ଗାନ କରିଥିଲେ। ପୁସ୍ତକର ଲେଖକ ପଣ୍ଡିତ ଡ.ଜ୍ଞାନରଞ୍ଜନ ପତି ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ପୁସ୍ତକ ସମ୍ପର୍କରେ ଉପରେ ଆଲୋକପାତ କରିଥିଲେ। ମୀନକେତନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ଗଦାଧର କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବନ୍ଦର ନିଷିଦ୍ଧାଞ୍ଚଳରୁ ସ୍କ୍ରାବ ଚୋରି ଅଭିଯୋଗ: ଜଣେ ଗିରଫ



ପାରାଦୀପ,୧୮(ସ୍ୱ.ପ୍ର.): ପାରାଦୀପ ଥାନା ଅନ୍ତର୍ଗତ ବନ୍ଦର ନିଷିଦ୍ଧାଞ୍ଚଳରେ ରବିବାର ରାତିରେ ଏକ ଟ୍ରକ୍‌ରେ ସ୍କ୍ରାବ ଚୋରି କରି ଆଣିବା ଅଭିଯୋଗରେ ପୋଲିସ ଜଣେ ଗାଡ଼ି ଚାଳକଙ୍କୁ ଗିରଫ କରିଛି। ଏଥିସହ ଟ୍ରକ୍‌କୁ ଜବତ କରିଛି। ଅଭିଯୁକ୍ତ ହେଲେ କୁଜଙ୍ଗ ଥାନା ଅନ୍ତର୍ଗତ ବାଲିଆ ଗ୍ରାମର ଶାରଦା ପ୍ରସାଦ ଶର୍ମା। ଏ ନେଇ ପୋଲିସ ମାମଲା (ନଂ. ୨୩୬/୨୨)ରୁଜୁ କରିଛି। ସେ ଜୁଲାଇ ୩୦ ରାତିରେ ଟ୍ରକ (ଓଡି୦୪ଏଲ୬୦୨୦)ରେ ପଣ୍ୟ ନେଇ ବନ୍ଦର ଭିତରେ ପ୍ରବେଶ କରିଥିଲେ। ପଣ୍ୟ ଖଲାସ କରିବା ପରେ ଆଇଓଏଚପି(ଆଇରନ ଓର ହ୍ୟାଣ୍ଡଲିଂ ପ୍ଲାଣ୍ଟ) ପାଖରୁ ପ୍ରାୟ ୫ ଟନ୍ ଲୁହା ଯନ୍ତ୍ରାଂଶ ବୋଝେଇ କରି ବାହାରିବା ବେଳେ ସିଆଇଏସ୍‌ଏଫ୍ ହାତରେ ଧରା ପଡିଥିଲେ। ଏ ନେଇ ସିଆଇଏସଏଫ୍ ସବ୍‌ଇନ୍ସପେକ୍ଟର ରାକେଶ କୁମାର ଥାନାରେ ଅଭିଯୋଗ କରିବା ସହ ସମ୍ପୃକ୍ତ ଟ୍ରକକୁ ପୋଲିସକୁ ହସ୍ତାନ୍ତର କରିଛି।

### ନୂତନ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ଉତ୍ସବ

ବାଲିଆ,୧୮: ବିରିଡି ବ୍ଲକ ଉତ୍ତରଶାସନ ପଞ୍ଚାୟତର ମହାବୀର ମନ୍ଦିର ପରିସରରେ ହାଜିପୁର ମଣ୍ଡଳ ଭାଜପା ପକ୍ଷରୁ ନୂତନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା ବିଭୁପ୍ରସାଦ ଦାଶଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳିର ଭାଜପା ନେତା ଆଇନଜୀବୀ ରାଜକିଶୋର ବେହେରା, ନାରୀନେତ୍ରୀ ଗୀତାଞ୍ଜଳି ସାହୁ, ରାମକୃଷ୍ଣ ପରିଜା, ହାଜିପୁର ମଣ୍ଡଳ ସଭାପତି ସୁଦର୍ଶନ ପଣ୍ଡା, ପୁରଣ ମଣ୍ଡଳ ସଭାପତି ତରୁଣ କୁମାର ଦାସ, ଏସି ମୋର୍ଚ୍ଚାର ବାମଦେବ ମଲ୍ଲିକ, ଶିଶିର ମହାନ୍ତି ଓ ତୋଫାନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପରେ ମଣ୍ଡଳର ଭାଜପାର କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା।

# ପାରିବାରିକ କଳହରୁ ଗୁଳି: ୨ ଆହତ

### ଅବସରପ୍ରାପ୍ତ ସେନା କର୍ମଚାରୀ ଥାନାରେ ଅଟକ

ଜଗତ୍‌ସିଂହପୁର ଅଫିସ, ୧୮

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ସାଁପୁର ମଲ୍ଲୁରେଇ ଗ୍ରାମରେ ପାରିବାରିକ କଳହରୁ ସୋମବାର ଗୁଳି ଫୁଟିଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ପୀତବାସ ଦାସ ଓ ତାଙ୍କ ପୁଅ ଅବିନାଶ । ଉଭୟଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଖବର ଲେଖାହେବାବେଳକୁ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜଣାପଡ଼ିଛି। ଏନେଇ ଜଗତ୍‌ସିଂହପୁର ଥାନାରେ ମାମଲା ରୁଜୁ ହେବା ସହ ଅଭିଯୁକ୍ତ ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ଭଦ୍ରକ ଅଞ୍ଚଳର ଚନ୍ଦ୍ରମଣି ପରିଡ଼ାଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି ବୋଲି ଆଇଆଇସି ପ୍ରଭାସଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

ଚନ୍ଦ୍ରମଣିଙ୍କ ଶ୍ୱଶୁର ଓ ନିକଟରେ ରହୁଥିବା ଦାଦା ଶ୍ୱଶୁରଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ବିବାଦ ଲାଗି ରହିଥିଲା। ଚନ୍ଦ୍ରମଣି ୨/୩ ହେବ ଶ୍ୱଶୁର ଘରକୁ ଆସିଥିଲେ। ମାଙ୍କଡ଼ ଉତ୍ପାତ କାରଣରୁ ସାଙ୍ଗରେ ଲାଇସେନ୍ସପ୍ରାପ୍ତ ଛଡରା ବନ୍ଧୁକ ଆଣିଥିଲେ। କୌଣସି କାରଣରୁ ସୋମବାର ଦାଦା ଶ୍ୱଶୁରଙ୍କ ପୁଅ ତଥା ଶଳା ପୀତବାସ ଓ ପୁତୁରା ଅବିନାଶଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏହାପରେ ପୀତବାସ ଓ ଅବିନାଶ ତାଙ୍କୁ ଆକ୍ରମଣ କରି ଘରକୁ ଫେରିଗଲାବେଳେ ଚନ୍ଦ୍ରମଣି ଛଡରା ବନ୍ଧୁକରେ ସେମାନଙ୍କୁ ଫାୟାରିଂ କରିଥିଲେ। ଏଥିରେ ପୀତବାସ ଓ ଅବିନାଶ ଆହତ ହୋଇଥିଲେ। ଉଭୟଙ୍କୁ ଗୋଟିଏ କାର୍‌ରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଖବରପାଇ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଚନ୍ଦ୍ରମଣିଙ୍କୁ ଥାନାକୁ ନେବା ସହ ହସ୍ପିଟାଲ ଯାଇଥିବା କାର୍‌କୁ ଜବତ କରିଛି। ଅଧିକ ତଦନ୍ତ ପରେ ସ୍ପଷ୍ଟ ଚିତ୍ର ଜଣାପଡିବ ବୋଲି ଆଇଆଇସି ସାହୁ ସୂଚନା ଦେଇଛନ୍ତି।




ଆହତ ପୀତବାସ ଦାସ ଓ ପୁଅ ଅବିନାଶ।

### ଜଗନ୍ନାଥ ସଂସ୍କୃତି, ଭାଗବତ ପ୍ରସାର ଲାଗି ରାଜ୍ୟପାଳଙ୍କୁ ସୁପାରିସ୍



ରାହାମା,୧୮(ଡି.ଏନ୍.ଏ.): ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭୁବନେଶ୍ୱରସ୍ଥିତ ରାଜଭବନ କାର୍ଯ୍ୟାଳୟରେ ଜଗତସିଂହପୁର ଜିଲା କୁଜଙ୍ଗ ବ୍ଲକର ସାମାଜିକ କର୍ମୀ ଡ.ସୁନାକର ବେହେରା ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସଂସ୍କୃତି ଓ ଅତିବଡ଼ି ଜଗନ୍ନାଥ ଦାଶଙ୍କ ଓଡ଼ିଆ ଭାଗବତର ଅଧିକ ପ୍ରଚାର ପ୍ରସାର ନିମନ୍ତେ ରାଜ୍ୟପାଳଙ୍କୁ ସୁପାରିଶ କରିଛନ୍ତି। ଏଥିସହ ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗି ଗଠନ ନିମନ୍ତେ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେବାକୁ କହିଥିଲେ। ଏହି ସମୟରେ ଡ. ବେହେରାଙ୍କ ସ୍ତ୍ରୀ ପ୍ରମୋଦିନୀ, କୁଜଙ୍ଗ ବ୍ଲକ ୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ଜ୍ଞାନଗୁରୁ ଉପାଧିପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରତିଭା ମିଶ୍ର ପମୁଖ ଉପସ୍ଥିଥିଲେ।

# ୪ ଲକ୍ଷ ଟଙ୍କା ଠକେଇ ଅଭିଯୋଗ



ମହିଳାମାନେ ଅଭିଯୋଗପତ୍ର ଦେଖାଉଛନ୍ତି।

ଜଗତ୍‌ସିଂହପୁର ଅଫିସ, ୧୮

ଜଗତ୍‌ସିଂହପୁର ଥାନା ମଧୁସୂଦନପୁର ପଞ୍ଚାୟତ ଅନ୍ତର୍ଗତ କେନ୍ଦାଳ ଓ ଜୟବଡ଼ ଗ୍ରାମର କେତେଜଣ ମହିଳାଙ୍କଠାରୁ ୩,୮୦,୦୦୦ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ମହିଳାମାନଙ୍କ ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ଅଭିଯୁକ୍ତ ମହିଳା ତଥା କେନ୍ଦାଳ ଗ୍ରାମର ରିନା ରାୟଙ୍କ ନାମରେ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।

କେନ୍ଦାଳ ଗ୍ରାମର ମଥୁରୀ ଓଝା, କାମିନୀ ରାୟ, ଲତା ବେହେରା, ସସ୍ମିତା ସେଠୀ, ଜୟବଡ଼ ଗ୍ରାମର ସଂଯୁକ୍ତା ରାୟ ଓ ରିନା ବେହେରା ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି, ରିନା ମିଛ ପ୍ରଲୋଭନ ଦେଖାଇ ସେମାନଙ୍କଠାରୁ ବହୁ ଟଙ୍କା ନେଇଯାଇଛନ୍ତି। ପରବର୍ତ୍ତୀ ସମୟରେ ଆଉ ଟଙ୍କା ଫେରାଉନାହାନ୍ତି। ମାଗିଲେ ଗାଳି କରିବା ସହ ବିଭିନ୍ନ ଧମକ ଦେଉଛନ୍ତି । ଏନେଇ ସେମାନେ ମଧୁସୂଦନପୁର ଶାସନ ସରପଞ୍ଚ ଦୀପ୍ତିମୟୀ ନାଥଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏଥିରେ ଉଲ୍ଲେଖ କରିଥିଲେ ରିନା ବିଭିନ୍ନ ପ୍ରଲୋଭନ ଦେଖାଇ ମଥୁରୀଙ୍କଠାରୁ ୩୫,୦୦୦, ରିନା ବେହେରାଙ୍କଠାରୁ ୨.୫ ଲକ୍ଷ, ସସ୍ମିତା ସେଠୀଙ୍କ ପାଖରୁ ୩୦,୦୦୦ ଓ ସଂଯୁକ୍ତା ରାୟଙ୍କଠାରୁ ୬୫,୦୦୦ ଟଙ୍କା ନେଇଥିଲେ । ଅଭିଯୋଗକୁ ଗୁରୁତ୍ୱ ସହ ନେଇ ସରପଞ୍ଚ ୨୦।୭।୨୨ ଓ ସୋମବାର ଉଭୟ ପକ୍ଷଙ୍କୁ ନୋଟିସ ମାଧ୍ୟମରେ ପଞ୍ଚାୟତ କାର୍ଯ୍ୟାଳୟକୁ ଡକାଇଥିଲେ। ଅଭିଯୋଗକାରୀ ଉପସ୍ଥିତ ରହିଥିଲେ ସୁଦ୍ଧା ରିନା ପହଞ୍ଚି ନ ଥିଲେ। ତେଣୁ ସରପଞ୍ଚଙ୍କ ସହ ଆଲୋଚନା ପରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି ବୋଲି ଅଭିଯୋଗକାରୀ ମହିଳାମାନେ ଉଲ୍ଲେଖ କରିଛନ୍ତି। ଦିଆଯାଇଥିବା ଟଙ୍କା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ହୋଇଥିବାରୁ ଅନ୍ୟ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିବା ସହ ଏହି ଟଙ୍କା ଭରଣ ପାଇଁ ବାରମ୍ବାର କହିଲେଣି । ଏ ପରିସ୍ଥିତିରେ ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଅଭିଯୋଗକାରୀ ମହିଳାମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ।

### ସୁନା ଦୋକାନରେ ସ୍ୱାଇପ୍ ମେଶିନ ଲଗାଇ ୫୪ ଲକ୍ଷ ଟଙ୍କା ଠକେଇ

ଯାଜପୁର ଟାଉନ,୧୮(ଡି.ଏନ.ଏ.)

ଯାଜପୁରର ଏକ ସୁନା ଦୋକାନରେ ସ୍ୱାଇପ୍ ମେଶିନ୍ ଲଗାଇ ୫୪ ଲକ୍ଷ ଟଙ୍କା ଠକେଇ କରାଯାଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ ଦମ୍ପତିଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁଯାୟୀ, ଯାଜପୁର ସହରର ସୁନା ବ୍ୟବସାୟୀ ବଟକୃଷ୍ଣ ସାହୁଙ୍କ ଅଭିଯୋଗ କ୍ରମେ ଯାଜପୁର ଟାଉନ୍ ପୋଲିସ ଭୁବନେଶ୍ୱରର ସୁଜନ୍ ଇନ୍‌ଫୋଟେକ୍ ନାମକ ଏକ ସଂସ୍ଥାର ମାଲିକ ପ୍ରମୋଦ ଜେନା ଓ ତାଙ୍କ ସ୍ତ୍ରୀ ମାଳତୀ ଜେନାଙ୍କୁ ଗତ ଶନିବାର ଗିରଫ କରି କୋର୍ଟ କରିଥିଲା । ପରେ ସେମାନଙ୍କ ସହଯୋଗୀ ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ପିଙ୍କୁ ଓରଫ ସଞ୍ଜୀବ କୁମାର ଦାସ , ଯାଜପୁର ଜିଲା କାକୁଡିକୁଦ ଗ୍ରାମର ପ୍ରମୋଦ ଜେନା, କଟକ ନିଶ୍ଚିନ୍ତ କୋଇଲିର ମିଲନ କୁମାର ସିଂହଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ଯାଜପୁର ଥାନାରେ ମାମଲା(ନଂ.୨୫୧/୨୦୨୨)ରୁଜୁ ହୋଇଛି । ଗତ ୧୨ ତାରିଖରୁ ପୋଲିସ ତଦନ୍ତ ଜାରି ରଖିଥିଲା। ତଦନ୍ତ ସମୟରେ ପେଟିଏମ୍ ମେଶିନ୍‌କୁ ଅଭିଯୁକ୍ତମାନେ ବଡ ବଡ ଦୋକାନରେ ଲଗାଇ ତା'ମାଧ୍ୟମରେ ନିଜ ଆକାଉଣ୍ଟକୁ ଟଙ୍କା ପଠାଉଥିଲେ। ଗିରଫ ଅଭିଯୁକ୍ତମାନଙ୍କଠାରୁ ନଗଦ ୧୦ଲକ୍ଷ ଟଙ୍କା ସହ ୬ ମୋବାଇଲ, ୩ ସ୍ୱାଇପ୍ ମେଶିନ୍, ୪୬ ସିମ୍‌କାର୍ଡ, ୨୬ ଚେକ୍ ବୁକ୍, ୬୩ ଏଟିଏମ୍ କାର୍ଡ ସହ ୨୧ ବ୍ୟାଙ୍କ ପାସ୍‌ବୁକ୍ ଏବଂ ଗୋଟିଏ ଲ୍ୟାପ୍‌ଟପ୍ ଜବତ କରାଯାଇଛି ବୋଲି ଯାଜପୁର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ, ଯାଜପୁର ଥାନା ଅଧିକାରୀ ଅଜୟ କୁମାର ଜେନା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

# ଗେଟ୍‌ରେ ତାଲା ପକାଇଲେ ଅଭିଭାବକ

### ବିଦ୍ୟାଳୟର ୨ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଝଗଡା

ବାଲିଆ,୧୮(ସ୍ୱ.ପ୍ର.)

ବିରିଡି ବ୍ଲକ କଣ୍ଟୁଆର୍ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢାଉଥିବା ଦୁଇ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଝଗଡା ଲାଗିରହିଛି। ଏନେଇ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବାରୁ ଉଭୟଙ୍କୁ ବିଦ୍ୟାଳୟକୁ ନ ଛାଡ଼ିବା ପାଇଁ ସ୍କୁଲ ପରିଚାଳନା କମିଟି ସଭ୍ୟ, ଅଭିଭାବିକା ଓ ଅଭିଭାବକମାନେ ସୋମବାର ଏହାର ମୁଖ୍ୟ ଗେଟରେ ତାଲା ପକାଇ ଦେଇଥିଲେ। ଅପରପକ୍ଷେ ବିଇଓ ସର୍ବେଶ୍ୱର ବିଶ୍ୱାଳ ଏହାର ଖୋଳତାଡ଼ କରିବା ସହ ଉଭୟ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏହି ଝଗଡ଼ାର ସମାଧାନ କରିବା ପାଇଁ ପୂର୍ବରୁ ଅନେକ ଥର ଗ୍ରାମବାସୀ, ଅଭିଭାବକ ଓ ସରପଞ୍ଚ ଉଦ୍ୟମ କରିଛନ୍ତି। ଏହାସତ୍ତ୍ୱେ କୌଣସି ସୁଫଳ ମିଳି ନଥିଲା। ଉଭୟଙ୍କ ମଧ୍ୟରେ ବିଦ୍ୟାଳୟରେ କଳି ଝଗଡ଼ା ଲାଗି ରହିଥିଲା। ଏନେଇ ଶୈକ୍ଷିକ ବାତାବରଣ ନଷ୍ଟ ହେଉଥିବାରୁ ଅଭିଭାବକମାନେ ଏହାକୁ ବିରୋଧ କରିଥିଲେ। ଉଭୟଙ୍କ ମଧ୍ୟରୁ ଜଣଙ୍କୁ ଏଠାରୁ ବଦଳି କରିବାକୁ ବିଇଓଙ୍କୁ ଦାବିପତ୍ର ଦିଆଯାଇଥିଲା। ଏ ସମ୍ପର୍କରେ ବିଇଓ ବିଶ୍ୱାଳ କହିଛନ୍ତି, ଏ ପ୍ରସଙ୍ଗରେ ସେ ଉପର ଅଧିକାରୀଙ୍କ ସହ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବେ।




ବିଇଓ ସର୍ବେଶ୍ୱର ବିଶ୍ୱାଳ ବିଦ୍ୟାଳୟ ନିକଟରେ ଅଭିଯୋଗର ତଦନ୍ତ କରୁଛନ୍ତି।

# ଜନଶୁଣାଣିରେ ୨୩୬ ଅଭିଯୋଗ



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

### ୨୧୮ଟି ବ୍ୟକ୍ତିଗତ, ୧୮ଟି ସାମୂହିକ ସମସ୍ୟା

କୁଜଙ୍ଗ,୧୮ (ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ କୁଜଙ୍ଗ ବ୍ଲକରେ ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରି ଯୋଗଦେଇ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ୍ ୨୩୬ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିରୁ ୨୧୮ ବ୍ୟକ୍ତିଗତ ୧୮ ସାମୂହିକ ସମସ୍ୟା ଥିଲା। ବିଶେଷକେରି ସରକାରୀ ଆବାସ ଯୋଜନାରୁ ବଞ୍ଚିତ ୧୧୭ଟି ଅଭିଯୋଗ ହୋଇଥିଲା । ଏସବୁର ଅଭିଯୋଗର ତଦନ୍ତ କରି ପଦକ୍ଷେପ ନେବାକୁ ଜିଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଜମିଜମା ସମ୍ପର୍କିତ ଅଭିଯୋଗ ୩୨, ସାଧାରଣ ବଣ୍ଟନ ଉପରେ ୧୯, ରେଡକ୍ରସ୍ ସହାୟତା ନିମନ୍ତେ ୨, ପୋଲିସ ସହାୟତା ନିମନ୍ତେ ୨, ଭତ୍ତା ସମ୍ପର୍କିତ ୧୯ ଓ ଅନ୍ୟାନ୍ୟ ୨୬ଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ଗୋଟିଏ ଅଭିଯୋଗର ତତ୍‌କାଳ ଫଏସଲା ହୋଇଥିଲା । ଏହି ଜନଅଭିଯୋଗ ଶୁଣାଣିରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପର ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଉପଜିଲାପାଳ ଧର୍ମେନ୍ଦ୍ର ମଲିକ, କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ତିର୍ତ୍ତୋଲ ଏସ୍‌ଡିପିଓ ଦୀପକ ରଞ୍ଜନ ଜେନା, ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହିଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଭିତରକନିକା, ଗହୀରମଥା ସୁରକ୍ଷା ପାଇଁ ଦାବିପତ୍ର

- ଦାବିପତ୍ରର ପ୍ରସଙ୍ଗକୁ ନେଇ ଭିନ୍ନ ଚର୍ଚ୍ଚା
- ଭିତରକନିକା ବିଶ୍ୱ ଐତିହ୍ୟ ମାନ୍ୟତା ପାଇଁ ଚେଷ୍ଟା କରାଯାଉ

ରାଜନଗର,୧୮(ଡି.ଏନ.ଏ.)

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଓ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ଗହୀରମଥା ମେରାଇନ ଟର୍ଟଲ ପ୍ରୋଟେକ୍ସନ ଓ ମ୍ୟାନ୍‌ଗ୍ରୁଭ କଞ୍ଜରଭେଶନ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମାନପତ୍ର ରାଜନଗର ଡିଏଫ୍‌ଓଙ୍କୁ ପ୍ରଦାନ କରାଯାଇଛି। ଏହି ସଙ୍ଗଠନର ସମ୍ପାଦକ ହେମନ୍ତ କୁମାର ରାଉତଙ୍କ ନେତୃତ୍ୱରେ ୨୦ ଜଣ ଶୋଭାଯାତ୍ରାରେ ଆସି ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଭିତରକନିକା ଓ ଗହୀରମଥା ଶ୍ରୀହୀନ ହୋଇ ଆସୁଛି ବୋଲି ଦର୍ଶାଯାଇଛି। ୨୦୧୮-୧୯ରେ ଟ୍ରଲର ମାଲିକମାନେ ବେଧଡକ ଭାବେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ମାଛ ମାରିବା ଯୋଗୁ ବନ ବିଭାଗ ଟ୍ରଲର ଜବତ କରି ମାଛ ବିକ୍ରି ଓଡ଼ିଶା ସରକାର କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ପାଇଥିଲେ। ଚଳିତ ୨୦୨୧-୨୨ ରେ ମାତ୍ର ୧୭ ଲକ୍ଷ ଟଙ୍କା ରାଜସ୍ୱ ଅର୍ଥାତ୍ ମାଛ ବିକ୍ରି ହୋଇ ଟଙ୍କା ଆସିଛି। କାହିଁକି ରାଜସ୍ୱ କମିଲା, ତାହାକୁ ନେଇ ପରୋକ୍ଷରେ ପ୍ରଶ୍ନ କରାଯାଇଛି। ଅର୍ଥାତ୍ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ସରକାରଙ୍କ ରାଜସ୍ୱ ପାଇଁ ବେଧଡକ ଟ୍ରଲର ଚଳାଚଳ ପାଇଁ ପରୋକ୍ଷରେ ପ୍ରସ୍ତାବ ଦିଆଯାଇଛି। ଚଳିତବର୍ଷ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡାକଡି କରାଯିବା ଯୋଗୁ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସୁରକ୍ଷିତ ରହିଲା। ପୂର୍ବରୁ କେବଳ ଗହୀରମଥାରୁ ପାଟ୍ରୋଲିଂ ବାହାରିଥାଏ। ଚଳିତ ବର୍ଷ ଗହୀରମଥା ରେଞ୍ଜର କର୍ମଚାରୀଙ୍କ ସମେତ ରାଜନଗର, କନିକା, ମହାକାଳପଡାର ରେଞ୍ଜ ଅଫିସର ଓ କର୍ମଚାରୀରେ ପାଟ୍ରୋଲିଂରେ ସାମିଲ ହୋଇଥିଲେ। କାଳିଭଞ୍ଜଡିଆ, ପ୍ରଭାତୀ, କୃଷ୍ଣପ୍ରିୟାପୁର ସମେତ ଗହୀରମଥାରୁ ପାଟ୍ରୋଲିଂ ଟିମ୍ ବାହାରିଲା। କେଉଁ ଟିମ୍ କେତେବେଳେ ପାଟ୍ରୋଲିଂରେ ଗଲା, ତାହା ଟ୍ରଲର ମାଲିକମାନେ ଜାଣିପାରିଲେ ନାହିଁ। ପାଟ୍ରୋଲିଂରେ ସ୍ୱଚ୍ଛତା ଓ କଡାକଡି ଯୋଗୁ ଟ୍ରଲରଗୁଡିକ ବେଆଇନ ଭାବେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ମାଛ ମାରିପାରିଲେ ନାହିଁ। ଏହାବାଦେ ପାଟ୍ରୋଲିଂ କରୁଥିବା ଟ୍ରଲରରେ ଟ୍ରାକର ଲଗାଯାଇ ପାଟ୍ରୋଲିଂ ଟିମ୍ ଉପରେ ମଧ୍ୟ ନଜର ରଖାଗଲା। ଗହୀରମଥା ସୁରକ୍ଷିତ ରହିବା ଯୋଗୁ ଯେଉଁ ଟ୍ରଲର ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟକୁ ପଶିଲେ ସେମାନଙ୍କୁ ଧରାଗଲା। ପୂର୍ବରୁ ଶହଶହ ସଂଖ୍ୟାରେ ବେଧଡକ ଭାବେ ମାଛ ମାରୁଥିବା ବେଳେ ଚଳିତବର୍ଷ ଏହା କାଁ ଭାଁ ସ୍ଥିତିକୁ ଚାଲି ଆସିଲା। ଗହୀରମଥା ସୁରକ୍ଷିତ ରହିବା ପରେ ଏହାକୁ ପ୍ରଶଂସା କରାଯିବା ବଦଳରେ କାହିଁକି ଓଡ଼ିଶା ସରକାରଙ୍କ ରାଜସ୍ୱ କମିଗଲା ବୋଲି ସଙ୍ଗଠନର ଦାବିକୁ ନେଇ ଚାରିଆଡେ ଚର୍ଚ୍ଚା ହେଉଛି।

ଏହାବାଦ୍ ମାଲିକମାନଙ୍କର କୋଟି କୋଟି ଟଙ୍କାର ବୋଟ୍‌କୁ ସିଜ୍ କରି ଏହାକୁ ତଳ କୋର୍ଟରେ ଖଲାସ କରି ଦିଆଗଲା। ମାଲିକମାନଙ୍କ ବିରୋଧରେ ଉପର କୋର୍ଟରେ ଅପିଲ କରାଗଲା ନାହିଁ, ଯାହାକି ପୂର୍ବରୁ କରାଯାଉଥିଲା। ରାଜ୍ୟ ସରକାର ଏଥିପାଇଁ ଜଣେ ସରକାରୀ ଓକିଲଙ୍କୁ ନିଯୁକ୍ତି ଦେଇଛନ୍ତି। କିନ୍ତୁ ସରକାରୀ ଓକିଲଙ୍କୁ ଉପର କୋର୍ଟରେ ଅପିଲ କରିବାର ସୁଯୋଗ ଦିଆଯାଇନି ବୋଲି ଅଭିଯୋଗ କରାଯାଇଛି। ସୁପ୍ରିମକୋର୍ଟର ଏମ୍ପାୟାର କମିଟି ପାରମ୍ପରିକ ମତ୍ସ୍ୟଜୀବୀମାନଙ୍କ ରୱାନ୍ ସିଲିଣ୍ଡର ବୋଟ୍‌କୁ ମାଛ ଧରିବା ପାଇଁ ଅନୁମତି ଦେଲେ ମଧ୍ୟ ଏ ବର୍ଷ କୌଣସି ମତ୍ସ୍ୟଜୀବୀ ମାଛ ମାରି ପାରିନାହାନ୍ତି। ପୂର୍ବ ଡିଏଫ୍‌ଓମାନେ ସଚେତନତା କାର୍ଯ୍ୟକ୍ରମ କରୁଥିଲେ, ଏଥର କରାଯାଇନାହିଁ ବୋଲି ଅଭିଯୋଗ କରିଛନ୍ତି। କଇଁଛମାନଙ୍କ ଗଣନା ଠିକ୍ ଲୋକଙ୍କ ଦ୍ୱାରା ନ କରି ବନ ବିଭାଗ ନିଜେ ନିଜେ କରିଛି, ଯାହାର ଠିକ୍ ତଥ୍ୟ ସନ୍ଦେହଜନକ। ଭିତରକନିକା ଚତୁଃପାର୍ଶ୍ୱରେ ବେଆଇନ ଚିଙ୍ଗୁଡି ଘେରି ଯୋଗୁ ଭିତରକନିକା ବିଶ୍ୱ ଐତିହ୍ୟ ମାନ୍ୟତାରୁ ବଞ୍ଚିତ ହୋଇଛି। ରାଜନଗର ତହସିଲଦାର ବେଆଇନ ଘେରି ଭାଙ୍ଗିବାକୁ ପୂର୍ଣ୍ଣ ସହଯୋଗ କରନ୍ତୁ। ଭିତରକନିକା ଅଭୟାରଣ୍ୟ ମଧ୍ୟରେ ଓଡ଼ିଶା ଆକ୍ୱା ଚିଙ୍ଗୁଡି ଘେରି କରିଛି, ତା'ର ପରିବେଶ କ୍ଲିୟରାନ୍ସ ନାହିଁ। ତେଣୁ ଭିତରକନିକା ଏବଂ ଗହୀରମଥା ଯେପରି ବିଶ୍ୱ ମାନଚିତ୍ରରୁ ଲୋପ ନ ପାଇଯାଏ ସେଥିପାଇଁ ଆମେ ନିବେଦନ କରୁଛୁ ବୋଲି ଦର୍ଶାଇଛନ୍ତି।




ଗହୀରମଥା ମେରାଇନ ଟର୍ଟଲ ପ୍ରୋଟେକ୍ସନ ଓ ମ୍ୟାନଗ୍ରୁଭ କଞ୍ଜରଭେଶନ ସୋସାଇଟି ପକ୍ଷରୁ ଡିଏଫ୍‌ଓଙ୍କୁ ଦାବିପତ୍ର ଦେଉଛନ୍ତି।

# ଏନ୍‌ଜିଟିରେ ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ

■ ଜିଲାପାଳଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ
■ ଜଙ୍ଗଲ ଜମିରେ ବିନା ପରିବେଶ ମଞ୍ଜୁରୀରେ ଚାଲିଛି କାମ

ଯାଜପୁର ଅଫିସ,୧୮

ମହାଭାରତର କିମ୍ବଦନ୍ତୀ ବହନ କରୁଥିବା ବ୍ୟାସ ସରୋବରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବିନା ପରିବେଶ ମଞ୍ଜୁରୀରେ ଜଙ୍ଗଲ ଜମିରେ ହେଉଥିବା ଅଭିଯୋଗ ହୋଇଛି। ଏହି ମର୍ମରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୦୩/୨୦୨୨/ଇଜେଡ୍‌ରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲା ଉପରେ ସୋମବାର ଯାଜପୁର ଜିଲାପାଳ ଏବଂ କଟକ ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ)ଙ୍କୁ ୨ ସପ୍ତାହ ମଧ୍ୟରେ ବ୍ୟକ୍ତିଗତ ସତ୍ୟପାଠ ଦାଖଲ କରିବାକୁ ଏନ୍‌ଜିଟିର ଜଷ୍ଟିସ ବି. ଅମିତ ସ୍ଥଲେକର ଓ ଜୁଡିସିଆଲ ମେମ୍ବର ଶୈବାଳ ଦାସଗୁପ୍ତା ନିର୍ଦ୍ଦେଶ ଜାରି କରିଛନ୍ତି।

ଏନ୍‌ଜିଟିରେ ଆବେଦନକାରୀ ଦିଲୀପ କୁମାର ସାମନ୍ତରାୟଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି କରିଥିବା ଅଭିଯୋଗ ଅନୁଯାୟୀ କଳିଙ୍ଗନଗର ଡେଭଲପ୍‌ମେଣ୍ଟ ଅଥରିଟି (କେଏନ୍‌ଡିଏ) ପକ୍ଷରୁ ବ୍ୟାସସରୋବର ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏହି ପ୍ରକଳ୍ପରେ ଜଙ୍ଗଲ ଜମିର ଖାତା ଓ ପ୍ଲଟ ନମ୍ବର ୪୦, ଏରିଆ ୧୪ ଏକର, କିସମ ଝାଟି ଜଙ୍ଗଲ ଓ ପ୍ଲଟ ନମ୍ବର ୫୦ରେ ୧୬.୯୦ ଏକର ଝାଟି ଜଙ୍ଗଲ, ପ୍ଲଟ ନମ୍ବର ୬୨ରେ ୨.୨୪ ଏକର ସମୁଦାୟ ୩୩.୯୭ ଏକର ଜଙ୍ଗଲ ଜମି ରହିଛି। ସମୁଦାୟ ୧୦୫.୪୫ ଏକର ମଧ୍ୟରୁ ୩୭ ଏକର ସନ୍ତସନ୍ତିଆ ଜମି ରହିଛି। ଏହି ପ୍ରକଳ୍ପରେ ପାଚେରି, ପରିସ୍ରାଗାର, ମନ୍ଦିର ଉନ୍ନୟନ କାର୍ଯ୍ୟ, ପାର୍କିଂ, ଗେଟ୍ କମ୍ପ୍ଲେକ୍ସ, ଓଭରହେଡ୍ ଟ୍ୟାଙ୍କ, ଶିଶୁ ଉଦ୍ୟାନ, ଜଳାଶୟ, ବ୍ରିଜ୍ ଇତ୍ୟାଦି ନିର୍ମାଣ କରାଯାଉଛି। ସିଭିଲ ନିର୍ମାଣ କାର୍ଯ୍ୟ ପ୍ରାୟ ୨୦ ହଜାର ବର୍ଗମିଟର ଅଞ୍ଚଳରେ ନିର୍ମାଣ ହେଉଛି। ଏଥିପାଇଁ ପରିବେଶ ମଞ୍ଜୁରୀ ଆବଶ୍ୟକ ରହିଥିବାବେଳେ ତାହା ପାଳନ କରାଯାଇ ନାହିଁ। ସୂଚନାଯୋଗ୍ୟ ଯେ, ୫୦ରୁ ଊର୍ଦ୍ଧ୍ୱ ଚାଷୀ ପ୍ରାୟ ୧୦୦ ବର୍ଷ ହେବ ସେଠାରେ ଚାଷବାସ କରୁଥିବା ଜଣାପଡ଼ିଛି। କୌଣସି କ୍ଷତିପୂରଣ ନ ଦେଇ ପ୍ରଶାସନ ପକ୍ଷରୁ ପୋଲିସର ନାଲିଆଖି ଦେଖାଇ ଜବରଦସ୍ତ ଜମି ଅକ୍ତିଆର କରାଯାଇଛି। ଏନେଇ ହାଇକୋର୍ଟରେ ମଧ୍ୟ କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଏହିକ୍ରମରେ ଏକ ପ୍ଲଟ ପାଇଁ କାର୍ଯ୍ୟ ସ୍ଥଗିତାଦେଶ ମଧ୍ୟ ରହିଛି। ବ୍ୟାସ ସରୋବର ପୀଠର ସୌନ୍ଦର୍ଯ୍ୟକରଣ କାର୍ଯ୍ୟପାଇଁ ଏନ୍‌ବିସିସି (ନ୍ୟାଶନାଲ ବିଲ୍ଡିଂ କନଷ୍ଟ୍ରକ୍ସନ କର୍ପୋରେସନ) ଜରିଆରେ ଦିଲ୍ଲୀର କ୍ରିଷ୍ଣା ବିଲ୍‌ଡର ଠିକାସଂସ୍ଥା ନିୟୋଜିତ ହୋଇଛି। ଏଥିପାଇଁ ୬୪ କୋଟି ଟଙ୍କା ମଞ୍ଜୁର ହୋଇଛି। ତେବେ ଏହି କାର୍ଯ୍ୟରେ ପ୍ରଥମରୁ ବ୍ୟାପକ ଅନିୟମିତତା ଏବଂ ବ୍ଲୁପ୍ରିଣ୍ଟ ଅନୁଯାୟୀ କାମ ହେଉ ନ ଥିବା ଅଭିଯୋଗ ହୋଇଆସୁଛି।


ବ୍ୟାସ ସରୋବର ଉନ୍ନୟନ କାର୍ଯ୍ୟ ଚାଲିଛି।

## ସଂକ୍ଷେପରେ

### ମିଳିତ ଜନ ଅଭିଯୋଗ ଶୁଣାଣି

ବାରିପଦା ଅଫିସ,୧୮-ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜିଲାପାଳଙ୍କ ଫେସିଲିଟେସନ ସମ୍ମିଳନୀ କକ୍ଷରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ୍ ଏବଂ ଏସ୍‌ପି ରଷିକେଷ ଦ୍ୟାନଦେଓ ଖିଲାରୀ ଶିବିରରେ ଉପସ୍ଥିତ ରହି ୧୦୬ଟି ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ୯୭ଟି ଅଭିଯୋଗ ପତ୍ର ବ୍ୟକ୍ତିଗତ ଓ ୯ଟି ଗ୍ରାମବାସୀଙ୍କ ସାମୁହିକ ବିଭିନ୍ନ ସମସ୍ୟା ସମ୍ପର୍କୀତ ଥିଲା। ୪ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଜଣେ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ହଜାର ଓ ଅନ୍ୟ ୨ ଜଣଙ୍କୁ ଜିଲା ରେଡ୍‌କ୍ରସ ପାଣ୍ଠିରୁ ୧୫ହଜାର ଟଙ୍କା ଆର୍ଥିକ ସହାୟତା ଜିଲାପାଳ ମଞ୍ଜୁର କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ଉପଜିଲାପାଳ ବାରିପଦା ଅନ୍ୟା ଦାସଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ପଦାଧିକାରୀ, ବାରିପଦା ଉପଖଣ୍ଡର ସମସ୍ତ ତହସିଲଦାର, ବିଡିଓ ଏବଂ ସମ୍ପୃକ୍ତ ଲାଇନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ଏବଂ ସମ୍ପୃକ୍ତ ବିଭାଗ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୃଥକ୍ ଦୁର୍ଘଟଣା: ବୃଦ୍ଧା ମୃତ, ୨ ଗୁରୁତର

ଧାମନଗର,୧୮(ସ୍ୱ.ପ୍ର.)-ଭଦ୍ରକ ଜିଲା ଧାମନଗର ବ୍ଲକ ଅଞ୍ଚଳରେ ପୃଥକ୍ ଦୁର୍ଘଟଣାରେ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ମିର୍ଜାପୁର ନିକଟରେ ଜଣେ କନଷ୍ଟେବଲଙ୍କ ବାଇକ୍ ଧକ୍କାରେ କେତକୀ ଷଡ଼ଙ୍ଗୀ ନାମ୍ନୀ ବୃଦ୍ଧା ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ପ୍ରଥମେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ତାଙ୍କ ପରିବାର ପକ୍ଷରୁ ଧାମନଗର ଥାନାରେ ଏତଲା ଦିଆଯାଇଛି। ରିପୋର୍ଟ ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ କରାଯାଇ ନାହିଁ। ସେହିପରି ଧାମନଗର-ଚୂଡ଼ାକୁଟି ରାସ୍ତାର ରାହାପିତା ନିକଟସ୍ଥ ଏକ ମଦ ବାର୍ ନିକଟରେ ସୋମବାର ପୂର୍ବାହ୍ନରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଧାମନଗର ବ୍ଲକ ଛାତ୍ରପଦା ଗ୍ରାମର ପ୍ରକାଶ ସାହୁ ଓ ଅନ୍ୟ ଜଣେ ସରେଇ ଚୂଡ଼ାକୁଟି ଗ୍ରାମର। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ପ୍ରକାଶଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଧାମନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ଜଳିଗଲା କମ୍ପ୍ୟୁଟର ସହ ବହୁ ସାମଗ୍ରୀ

ଚମ୍ପୁଆ, ୧୮(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କୋଦଗାଡିଆଠାରେ ଥିବା ଡିସ୍‌ପେନ୍ସରିରେ ଶର୍ଟସର୍କିଟ୍‌ରୁ ନିଆଁ ଲାଗି ବହୁ ଆସବାବପତ୍ର ଜଳି ଯାଇଥିବା ବେଳେ ଦମକଳ ବାହିନୀ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ସୂଚନା ଅନୁସାରେ, ଗତ ଶନିବାର ରାତି ୮ଟାରେ ଏହି ଡିଜିଟାଲ ଚିକିତ୍ସାଳୟ ଭିତରୁ ପୋଡ଼ା ଗନ୍ଧ ଆସିବା ସହିତ ଧୂଆଁ ବାହାରୁ ଥିବା ଦେଖି ଗ୍ରାମବାସୀମାନେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ସୂଚନା ଦେଇଥିଲେ। କର୍ମଚାରୀ ଜଣକ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେବା ସହିତ ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିଲା। ବହୁ ମୂଲ୍ୟବାନ କାଗଜ ପତ୍ର ସହିତ ବ୍ୟବହାର କରାଯାଉଥିବା କମ୍ପ୍ୟୁଟର ପୋଡି ନଷ୍ଟ ହୋଇଯାଇଥିଲା।

## ଭରସା, ବିଶ୍ୱାସର ପ୍ରତୀକ ମା’ ବୁଢ଼ୀ ଜାଗୁଳାଇ

ବରୀ,୧୮(ଡି.ଏନ.ଏ.)

ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଦ୍ୱାରା ପ୍ରତିଷ୍ଠିତ ମାନସ ବୃନ୍ଦାବନରେ ମା’ ବୁଢ଼ୀ ଜାଗୁଳାଇ ବରୀ ଅଞ୍ଚଳର ଅଗ୍ରଦେବୀ ଭାବେ ପୂଜା ପାଇଥାନ୍ତି। ତାଙ୍କୁ ଆକୁଳ କଣ୍ଠରେ ଆରାଧନା କଲେ କାହାର ପ୍ରାର୍ଥନା ବ୍ୟର୍ଥ ହୁଏ ନାହିଁ ବୋଲି ଜନଶ୍ରୁତି ଅଛି। ପବିତ୍ର ଶ୍ରାବଣ ମାସ ଏକାଦଶୀ ତିଥିରୁ ମା’ମନ୍ଦିରରୁ ବାହାରି ସେବକମାନଙ୍କ ଦ୍ୱାରା ଭକ୍ତର ଦୁଃଖ ବୁଝିବାକୁ ୯ ଦିନ ଗ୍ରାମ ପରିକ୍ରମା କରିଥାନ୍ତି। ଆଚାଣ୍ଡଳ ବ୍ରାହ୍ମଣ ଗୃହକୁ ଯାଇ ମା’ଜାଗୁଳାଇ ମଣୋହୀ କରିବା ସହ ୯ ଦିନ ପରେ ବ୍ରାହ୍ମଣୀ ସଦୃଶ ଯମୁନା ନଦୀରୁ ସ୍ନାନ ସାରି ମନ୍ଦିରକୁ ପ୍ରବେଶ କରନ୍ତି। ମଙ୍ଗଳବାର ଜାଗୁଳାଇ ପଞ୍ଚମୀ। ମା’ ଜାଗୁଳାଇ କାତ୍ୟାୟନୀକାଣ୍ଡ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଘଣ୍ଟଘଣ୍ଟା, ବାଦ୍ୟ ସଂକୀର୍ତ୍ତନର ତାଳେ ତାଳେ ମନ୍ଦିରକୁ ପ୍ରବେଶ କରିବାର କାର୍ଯ୍ୟକ୍ରମ ରହିଛି । ପରମ୍ପରା ଅନୁଯାୟୀ ମନ୍ଦିରକୁ ମା’ପ୍ରବେଶ କରିବା ପରେ କାଳିସୀ ଆବିର୍ଭାବ ହୋଇଥାଆନ୍ତି । ମା’ଙ୍କ ବାର୍ତ୍ତା କାଳିସୀ ଉପସ୍ଥିତ ଭକ୍ତମାନଙ୍କ ସମ୍ମୁଖରେ ପ୍ରକାଶ କରିଥାଆନ୍ତି । ଚଳିତ ବର୍ଷ ବନ୍ୟା, ବାତ୍ୟା, ମରୁଡ଼ି ଓ ଦୁର୍ବିପାକ ହେବ କି ନାହିଁ ସେ କଥା କାଳିସୀ କହିଥାଆନ୍ତି । କାଳିସୀଙ୍କ ଭବିଷ୍ୟତବାଣୀ ସତ୍ୟ ହେଉଥିବାରୁ ପ୍ରତିବର୍ଷ ଶ୍ରଦ୍ଧାଳୁମାନେ ମା’ଙ୍କ କଥା ଆଗ୍ରହର ସହ ଶୁଣି ଥାଆନ୍ତି । ଗତ ୨ ବର୍ଷ କରୋନା କଟକଣା ଯୋଗୁ ଏହି କାର୍ଯ୍ୟକ୍ରମ ଆୟୋଜିତ ଉପରେ ପ୍ରଶାସନ ତରଫରୁ ରୋକ୍ ଲଗାଯାଇଥିଲା। ମାତ୍ର ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ବହୁ ଆଡମ୍ବରରେ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବାରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉକ୍ତ ଉତ୍ସବରେ ଯୋଗଦେବେ ବୋଲି ସୂଚନା ମିଳିଛି। ମଙ୍ଗଳବାର ମା’ ମନ୍ଦିରକୁ ପ୍ରବେଶ କରିବାର ପରମ୍ପରା ଥିବାରୁ ସମସ୍ତ ପ୍ରସ୍ତୁତି ସରିଛି ବୋଲି ମନ୍ଦିର ତରଫରୁ ନୃସିଂହ ପତି ପ୍ରକାଶ କରିଛନ୍ତି।



## ଦାୟିତ୍ୱ ନେଲେ ସିଂହପୁର ପାକ୍ସ ସଭାପତି

ସିଂହପୁର,୧୮(ଡି.ଏନ.ଏ.)

ବିଂଝାରପୁର ବ୍ଲକ ସିଂହପୁର କୃଷି ସେବା ସମବାୟ ସମିତିର ସଭାପତି ଭାବେ ବୈଷ୍ଣବ ଚରଣ ସାମଲ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସମିତିର ସମ୍ପାଦକ ଉତ୍କଳ କୁମାର ସାମଲ, ନୂତନ ସଭାପତି ସାମଲଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତିର ଉପସଭାପତି ସୌଦାମିନୀ ଆଚାର୍ଯ୍ୟ, ସଦସ୍ୟ ବିପିନ ବିହାରି ମଲ୍ଲିକ, ତ୍ରିଲୋଚନ ଥାଟୋଇ, ପଦ୍ମଲୋଚନ ସାହୁ, ପ୍ରଦ୍ୟୁମ୍ନ ପାତ୍ର, ଶରତ ସାମଲ, ଉଲ୍ଲାସ ବେଉରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ନୀଳରକ୍ତ କଙ୍କଡ଼ା ସୁରକ୍ଷା ନେଇ ଉଦ୍‌ବେଗ

ବାଲେଶ୍ୱର ଅଫିସ, ୧୮

ବାଲେଶ୍ୱର ଫକୀର ମୋହନ ବିଶ୍ୱ ବିଦ୍ୟାଳୟର ବାୟୋ ଟେକ୍ନୋଲୋଜି ବିଭାଗ ପକ୍ଷରୁ ଗତ ୧୫ ବର୍ଷରୁ ଅଧିକ ଗବେଷଣା କରାଯିବା ସହ ଜନ ସଚେତନତା ସୃଷ୍ଟି କରାଯାଇଆସୁଛି। ଏହି କଙ୍କଡ଼ାର ସୁରକ୍ଷା ପାଇଁ ନୀଳରକ୍ତ ସୁରକ୍ଷା ମଞ୍ଚ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ କାର୍ଯ୍ୟକ୍ରମ ଜାରି ରହିଛି। ମତ୍ସ୍ୟଜୀବୀଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁ ଏହାର ସୁରକ୍ଷାକୁ ନେଇ ଉଦ୍‌ବେଗ ବଢ଼ୁଛି। ମାର୍ଚ୍ଚରୁ ସେପ୍ଟେମ୍ବର ମଧ୍ୟରେ ଗୁରୁ ଜୁଆରରେ ବାଲେଶ୍ୱର ନଦୀମୁହାଣରେ ନୀଳରକ୍ତ କଙ୍କଡ଼ା ଆସି ଅଣ୍ଡା ଦିଅନ୍ତି। ଏହି ପରିପ୍ରେକ୍ଷୀରେ ଗତ ରବିବାର ୭ଫୁଟ ଉଚ୍ଚର ଗୁରୁ ଜୁଆରକୁ ଲକ୍ଷ୍ୟ କରି ନୀଳରକ୍ତ କଙ୍କଡ଼ା ଗବେଷକ ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ସଚେତକ ଶିଳ୍ପୀ କେଶୁ ଦାସ, ଗବେଷଣାରତ ଛାତ୍ରୀ ଉପାସନା ପଟ୍ଟନାୟକ, ଫଟୋଗ୍ରାଫର ଆସ୍ମିଶା ପଟ୍ଟନାୟକ ଓ ଚିତ୍ରକର ରୂପକ ଦାସ ଚାନ୍ଦିପୁରସ୍ଥିତ ସମୁଦ୍ର କୂଳରେ ଅବସ୍ଥିତ ୧୫ହଜାର ନିକଟବର୍ତ୍ତୀ ଖାଣ୍ଡିଆ ମୁହାଣଠାରେ ପହଞ୍ଚିଥିଲେ। ସେଠାରେ ନୀଳରକ୍ତ କଙ୍କଡ଼ାର ସର୍ବେକ୍ଷଣ, ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ କରିଥିଲେ। ମୁହାଣର ବିସ୍ତୀର୍ଣ୍ଣ ନରମ ବାଲୁକାରେ ଶହେରୁ ଊର୍ଦ୍ଧ୍ୱ ଯୋଡ଼ି ନୀଳରକ୍ତ କଙ୍କଡ଼ା ପ୍ରଜନନ ପାଇଁ ଆସିଥିବା ଗଣନା କରାଯାଇଥିଲା। ଯୋଡ଼ିନୀଳରକ୍ତ କଙ୍କଡାର ପୁରୁଷ ଓ ମାଈ ଉପରେ ନମ୍ବର ଲେଖା ଯାଇ ସମୁଦ୍ର ଭିତରକୁ ଛଡ଼ାଯାଇଥିଲା।

## ସେଲୁଲାର ପ୍ରାଇଭେଟ୍ ଲିମିଟେଡ୍‌ର ଚାରାରୋପଣ


ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ଯାଜପୁର ରୋଡ୍,୧୮(ଡି.ଏନ.ଏ.)

ସେଲୁଲାର ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଡ୍ରିମ୍‌ୱେଭ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଚିନ୍ମୟ କୁମାର ପତିଙ୍କ ନେତୃତ୍ୱରେ ଯାଜପୁର ରୋଡ୍ ଓ ଦାନଗଦି ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ମନ୍ଦିରରେ ଚାରାରୋପଣ ସହିତ ଚାରା ବଣ୍ଟନ ହୋଇଥିଲା। ଏଥିରେ ଦାନଗଦି ବ୍ଲକର ଏବିଡିଓ ଅଜୟ ମହାନ୍ତି, ନନ୍ଦକିଶୋରପୁରର ସିଆର୍‌ସିସି ଦେବଦତ୍ତ ପଣ୍ଡା, କଳିଙ୍ଗ ସମାଜ ଟ୍ରଷ୍ଟର ସଭାପତି ଦେବରାଜ ମହାରଥୀ, ଡ୍ରିମୱେଭ କାର୍ଯ୍ୟକର୍ତ୍ତା ଅଙ୍କିତା ପଣ୍ଡା, ସାହାରା ଟ୍ରଷ୍ଟର ସଦସ୍ୟ ଅରିୟାଦୀପ୍ତ ପଣ୍ଡା, ଚିନ୍ମୟ ଜେନା, ବିଶ୍ୱରଞ୍ଜନ ପଣ୍ଡା, ରୁଦ୍ର ପ୍ରକାଶ ବେହେରା, ଦେବରାଜ ଦାସ, ପ୍ରଦେଶ ଘଡ଼ାଇ, ବିଶ୍ୱଜିତ ପ୍ରତିହାରୀଙ୍କ ସମେତ ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୫ ଦିନର ଅଭିଯାନରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିବା ଜଣାପଡ଼ିଛି।

## ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ ବଣ୍ଟନ


ଦିବ୍ୟାଙ୍ଗମାନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

ବିଞ୍ଝାରପୁର,୧୮(ଡି.ଏନ.ଏ.)

ବିଞ୍ଝାରପୁର ବ୍ଲକ ପକ୍ଷରୁ ବିଦ୍ୟାଙ୍ଗମାନଙ୍କୁ ଟ୍ରାଇ ସାଇକେଲ ଓ ହ୍ୱିଲ ଚେୟାର ସୋମବାର ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଧର୍ମେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ । ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରାଯାଇ ୩ ଟ୍ରାଇସାଇକେଲ୍ ଏବଂ ୨ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି । ଏହି ଯୋଜନାରେ ଜରି ପଞ୍ଚାୟତରୁ ଭବାନୀ ମହାଳିକ, ଆଡ଼ଁରୀ ଗ୍ରାପରୁ ଶ୍ରୀଧର ମହାଳିକ, ମାଁସଡା ଗ୍ରାପରୁ ଜଗନ୍ନାଥ ମଳିକଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି । ସେହିପରି ସୟଦପୁର ଗ୍ରାପର ଯଶୋବନ୍ତ ସାମଲ, ସଞ୍ଜୀବ ମଳିକଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଞ୍ଝାରପୁର ମଣ୍ଡଳ ଅଧିକାରିଣୀ ମିନତୀ ଜଗଦେବ, ଦୀପକ କୁମାର ଦଳେଇ ଓ ଶୁଭଶ୍ରୀ ଶୁଭସ୍ମିତା ଉପସ୍ଥିତ ଥିଲେ ।

## ଯାଜପୁର ଥାଲାସେମିଆ ସୋସାଇଟି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର



ଯାଜପୁର ସଦର,୧୮(ଡି.ଏନ.ଏ.)

ଯାଜପୁର ଜିଲା ଥାଲାସେମିଆ ସୋସାଇଟି ପକ୍ଷରୁ ଏକ ନିଶୁଳ୍କ ଥାଲାସେମିଆ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲାର ବିଭିନ୍ନ ଅଞ୍ଚଳରୁ ଥାଲାସେମିଆ ରୋଗାକ୍ରାନ୍ତ ପିଲାମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯିବା ସହ କେତେକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଭୁବନେଶ୍ୱରସ୍ଥିତ ସମ୍‌ହସ୍ପିଟାଲର ରୋଗ ବିଶେଷଜ୍ଞ ଡ଼ାକ୍ତର ହେମଲତା ଦାସ ଯୋଗଦାନ କରି ସମସ୍ତ ଥାଲାସେମିଆ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ନିର୍ଦ୍ଦିଷ୍ଟ ଔଷଧ ବ୍ୟବହାର କରିବା, ନିୟମିତ ଭାବେ ରକ୍ତଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଡ଼ାକ୍ତର ଦାସଙ୍କ ସହଯୋଗୀମାନେ ଯୋଗ ଦେଇ ରକ୍ତ ନମୁନା ସଂଗ୍ରହ କରିଥିଲେ । ଜିଲା ଥାଲାସେମିଆ ସୋସାଇଟିର ସାଧାରଣ ସମ୍ପାଦକ ପରମାନନ୍ଦ ନାୟକ, ସଂଯୋଜକ ତନ୍ମୟ କୁମାର ସାହୁ, ସସ୍ମିତା ସାହୁ, ଭାଗ୍ୟଶ୍ରୀ ବାଈ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

## କଳା ବାଘକୁ ନେଇ ଚର୍ଚ୍ଚା

ବାରିପଦା ଅଫିସ,୧୮

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ କଳା ବାଘକୁ ନେଇ ଚର୍ଚ୍ଚା ଜୋର ଧରିଛି। ଆଇଏଫ୍‌ଏସ୍ ଅଫିସର ପ୍ରବୀଣ କଶ୍ୱାନ ଓ ସୁଶାନ୍ତ ନନ୍ଦ ତାଙ୍କ ଟୁଇଟର ପେଜରେ କଳା ବାଘର ଭିଡିଓ ଶେୟାର କରିବା ପରେ ଏବେ ଏହା ଭାଇରାଲ ହେବାରେ ଲାଗିଛି। ବିରଳ ପ୍ରଜାତିର ଏହି କଳା ବାଘ (ମେଲାନିଷ୍ଟିକ ଟାଇଗର) ୩୦ବର୍ଷ ପୂର୍ବେ ଶିମିଳିପାଳରେ ଠାବ ହୋଇଥିବା ବନ ବିଭାଗ ସୂଚନା ଦେଇଥିବା ବେଳେ ସାମ୍ପ୍ରତିକ ସମୟରେ ଅଭୟାରଣ୍ୟରେ କଳାବାଘଙ୍କ ସ୍ଥିତି କ’ଣ ଜାଣିବା ପାଇଁ ସାଧାରଣରେ ଉତ୍ସୁକତା ପ୍ରକାଶ ପାଇଛି। ଚଳିତବର୍ଷ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ) ପକ୍ଷରୁ ବାଘ ଗଣନା କରାଯାଇଥିଲେ ହେଁ ରିପୋର୍ଟ ପ୍ରକାଶ ପାଇନାହିଁ। ଫଳରେ ଶିମିଳିପାଳରେ ବାଘ ସଂଖ୍ୟା ବୃଦ୍ଧି ପାଇଛି ନା ହ୍ରାସ ଘଟିଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଶ୍ୱରେ ବିରଳ ଓ ବିଲୁପ୍ତପ୍ରାୟ ଉକ୍ତ ପ୍ରଜାତିର ବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ଦେଖିବାକୁ ମିଳିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ୮୫୦ବର୍ଗ କି.ମି. କୋର ଅଞ୍ଚଳରେ ଏହି ପ୍ରଜାତିର ବାଘ ରହୁଛନ୍ତି। ୧୯୯୩ ଜୁଲାଇ ୨୧ରେ ପଶ୍ଚିମ ଶିମିଳିପାଳ ବନ୍ଧନ ନଦୀ ନିକଟବର୍ତ୍ତୀ ପଡ଼ାଗୋଡ଼ ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୁହାଳ ଘରେ ଏକ ବାଘୁଣୀ ପଶି ଯାଇଥିଲା । ସୁରକ୍ଷା ଲାଗି ସେତେବେଳେ ଗ୍ରାମବାସୀ ଉକ୍ତ ବାଘୁଣୀକୁ ମାରି ଦେଇଥିଲେ। ପରେ ମୃତ ବାଘୁଣୀକୁ ବନବିଭାଗ କର୍ମଚାରୀମାନେ ମେଲାନିଷ୍ଟିକ ଟାଇଗର(କଳାବାଘ) ବୋଲି ପ୍ରଥମ ଥର ଚିହ୍ନଟ କରିଥିଲେ। ୨୦୦୪ରେ ଦେବସ୍ଥଳୀ ନିକଟରେ ଆଉ ଏକ କଳା ବାଘକୁ ବନ କର୍ମଚାରୀମାନେ ଦେଖିଥିଲେ। ଏହା ସାଧାରଣ ବାଘ ଭଳି ଦେଖିବାକୁ ହୋଇଥିଲେ ମଧ୍ୟ ଶରୀରରେ କଳାରଙ୍ଗ ଉପରେ ହଳଦିଆ ପଟା ପଟା ଦାଗ ରହିଥିବାରୁ ସାଧାରଣତଃ ଲୋକେ ଏହାକୁ କଳାବାଘ ବୋଲି କହିଥାନ୍ତି।

ଏଭଳି ପ୍ରଜାତିର ବାଘ ଶିମିଳିପାଳରେ ବହୁବର୍ଷଧରିରହିଆସୁଥିବାବେଳେଏନେଇ ୨୦୦୭ ଜୁନ ୪ ତାରିଖରେ ‘ଧରିତ୍ରୀ’ରେ ସ୍ୱତନ୍ତ୍ର ରିପୋର୍ଟ ପ୍ରକାଶ ପାଇଥିଲା।



## ବ୍ୟାସନଗର, କଳିଙ୍ଗନଗର ଇନର୍ ହୁଇଲ୍ କ୍ଲବର ଯୁଗ୍ମ ଅଧିଷ୍ଠାନ ଉତ୍ସବ

ଯାଜପୁର ରୋଡ୍,୧୮(ଡି.ଏନ.ଏ.)

ବ୍ୟାସନଗର ଏବଂ କଳିଙ୍ଗନଗର ଇନର୍ ହୁଇଲ୍ କ୍ଲବର ଯୁଗ୍ମ ଅଧିଷ୍ଠାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପୂର୍ବତନ ଅଧ୍ୟକ୍ଷ ନଳିନୀ ମହାପାତ୍ର ମୁଖ୍ୟଅତିଥି, ପୌରାଧକ୍ଷା ସଙ୍ଗିତା ପିଙ୍ଗୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଳିଙ୍ଗନଗର କ୍ଲବର ପ୍ରତିଷ୍ଠାତା ସଭାପତି ସଂଯୁକ୍ତା ମହାପାତ୍ର ସ୍ୱାଗତ ଭାଷଣ, ଅନ୍ୟତମ ସଦସ୍ୟା ପ୍ରଣତି ପ୍ରୀତିନନ୍ଦା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟାପିକା ମମତାମୟୀ ଦାଶ ସ୍ୱାଗତ ସଂଗୀତ ଗାଇଥିଲେ। କଳିଙ୍ଗନଗର କ୍ଲବର ପ୍ରାକ୍ତନ ସଭାପତି ମଞ୍ଜୁଲତା ନାୟକ ବିଦାୟୀ ଅଭିଭାଷଣ ରଖିବା ସହିତ ଶକୁନ୍ତଳା ଦାଶଙ୍କୁ ସଭାପତି ଦାୟିତ୍ୱ ଅର୍ପଣ କରିଥିଲେ। ଇନରହୁଇଲ କ୍ଲବ କଳିଙ୍ଗନଗର ଓ ବ୍ୟାସନଗରର ସମ୍ପାଦିକା ରୁବିଲତା ଦାସ ଓ ସସ୍ମିତା ସ୍ୱାଇଁ ଆଗାମୀ ବର୍ଷର କାର୍ଯ୍ୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। କ୍ଲବର ମୁଖପତ୍ର ଯଶସ୍ୱିନୀ ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ସଫଳ ମହିଳା ଉଦ୍ୟୋଗୀ ଭାବେ ଗଜଲା ଯସ୍ମିନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନବୋଦୟ ବିଦ୍ୟାଳୟରେ ସବୁଠାରୁ ଅଧିକ ନମ୍ବର ରଖି ପ୍ରଥମ ହୋଇଥିବା ସ୍ୱିଟି ମହନ୍ତଙ୍କୁ ମେଧା ପ୍ରୋତ୍ସାହନ ନିମନ୍ତେ ଆର୍ଥିକ ସହାୟତା ଦିଆଯାଇଥିଲା।


ଅଧିଷ୍ଠାନ ଉତ୍ସବରେ ଯୋଗ ଦେଇଥିବା କ୍ଲବ୍‌ର ସଦସ୍ୟା।

## ସଂକ୍ଷେପରେ

### ପ୍ରଶାସନିକ ଶୁଣାଣି ଶିବିରରେ ୧୧୦ ଅଭିଯୋଗ

କେନ୍ଦ୍ରାପଡ଼ା ଅଫିସ, ୧୮: କେନ୍ଦ୍ରାପଡ଼ା ସହର ଟାଉନ ହଲ ପରିସରରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ୧୧୦ଟି ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୧୧ଟି ସାମୂହିକ ଥିବା ବେଳେ ଅବଶିଷ୍ଟ ବ୍ୟକ୍ତିଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବାସଗୃହ ଯୋଜନା, ଭତ୍ତା, ରାଶନ କାର୍ଡ, ପୋଲିସ ସୁରକ୍ଷା ଥିଲା। ସେହିପରି ପାନୀୟ ଜଳ, ଜଳ ନିଷ୍କାସନ, ଗ୍ରାମ ରାସ୍ତା ଅବରୋଧ, ଶିକ୍ଷା ଓ ମିଶନ ଶକ୍ତି ଆଦି ସାମୂହିକ ଅଭିଯୋଗ ଥିଲା। ଏହି ଶିବିରରେ ଜିଲାପାଳ ଅମୃତ ଋତୁରାଜ, ଏଏସ୍‌ପି ଇନ୍ଦ୍ରମଣୀ ବେହେରା, ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ଦୁର୍ଗାଚରଣ ମହାରଣା, ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ସହ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଯୋଗ ଦେଇଥିଲେ। ଅଭିଯୋଗଗୁଡିକ ମଧ୍ୟରୁ କେତେକ ତତ୍‌କ୍ଷଣାତ ସମାଧାନ ହୋଇଥିବା ବେଳେ ଅବଶିଷ୍ଟକୁ ଆସନ୍ତା ୭ ଦିନ ମଧ୍ୟରେ ସମାଧାନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ଜିଲାପାଳ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି।

### ତହସିଲଦାରଙ୍କୁ ଘେରିଲେ ଚାଷୀ

ଆଳି,୧୮(ଡି.ଏନ.ଏ.): ଆଳି ବ୍ଲକ ଟୁଙ୍ଗା ପଞ୍ଚାୟତରେ ସୋମବାର ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ତହସିଲଦାରଙ୍କୁ ଘେରାଉ କରି ଚାଷୀମାନେ ନିଜର ସମସ୍ୟା ଜଣାଇଛନ୍ତି। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ୨୦୨୦-୨୧ରେ ସେମାନେ କରିଥିବା ଚାଷରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଚାଷ କ୍ଷତି ହେଲେ ଋଣ ବୋଝ କମାଇବା ନିମନ୍ତେ ସେମାନେ ଋଣ କରିବା ସମୟରେ ଫସଲବୀମା କରିଥିଲେ। କିନ୍ତୁ ୨୦୨୦-୨୧ ବର୍ଷରେ ଫସଲ ବିପୁଳ ପରିମାଣରେ ନଷ୍ଟ ହୋଇଥିଲା। ଚାଷୀମାନଙ୍କ ଫସଲ କେତେ ପରିମାଣର ନଷ୍ଟ ହୋଇଛି ତାହା ଆକଳନ କରି ବୀମା କମ୍ପାନୀ ଚାଷୀମାନଙ୍କୁ ସହାୟତା ଦେବା ପରିବର୍ତ୍ତେ ଫସଲକ୍ଷତି ରିପୋର୍ଟ ସଂଗ୍ରହ କରିବାକୁ ଆସିଲେନାହିଁ। ଫଳରେ ଟୁଙ୍ଗା ପଞ୍ଚାୟତର ଶତାଧିକ ଚାଷୀ କ୍ଷତି ପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଟୁଙ୍ଗା ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମଧୁସ୍ମିତା ପୁହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ଓ ଉପାଧ୍ୟକ୍ଷା ମିନତି ବାରିକ ଉଦ୍‌ଘାଟନ କରିଥିଲେ। ବିଡିଓ ଦ୍ୱିବେନ୍ଦୁ ଦାସ ଓ ତହସିଲଦାର ତପନ ସେନାପତି ଉଭୟ ଉପସ୍ଥିତ ରହି ଲୋକମାନଙ୍କ ନିକଟରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସରକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ମାତ୍ର ୧୧୮ଟି ଅଭିଯୋଗ ହୋଇଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ପ୍ରତିନିଧି ପ୍ରୀତିରଞ୍ଜନ ପୁହାଣ ପରିଚାଳନା କରିଥିବା ବେଳେ ହରିଶ୍ଚନ୍ଦ୍ର ରାଉତ, ପ୍ରଶାନ୍ତ ବେହେରା, ସରତ ଲେଙ୍କା, ନିରାକାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଖୋଲିଲା ଭିତରକନିକା, ପ୍ରଥମ ଦିନରେ ୯୪ ପର୍ଯ୍ୟଟକ

ରାଜନଗର,୧୮(ଡି.ଏନ.ଏ.)



ଭିତରକନିକା ଖୋଲିବା ପରେ ଆସିଥିବା ପର୍ଯ୍ୟଟକମାନଙ୍କୁ ଗେଟ୍ ନିକଟରେ ସ୍ୱାଗତ କରାଯାଉଛି।

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଦୀର୍ଘ ୩ ମାସ ଧରି ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବା ପରେ ସୋମବାରଠାରୁ ଖୋଲିଛି। ପ୍ରଥମଦିନରେ ୯୪ଜଣ ପର୍ଯ୍ୟଟକ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି। ଦୀର୍ଘ ୩ ମାସ ଧରି ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ପାଇଁ ଭିତରକନିକା ବନ୍ଦ ରହିବା ପରେ ଖୋଲିଛି। ଏହି ୩ମାସ ମଧ୍ୟରେ ପୂର୍ବ ଅପେକ୍ଷା ଭିତରକନିକାର ଶୋଭା ଦ୍ୱିଗୁଣିତ ହୋଇଛି। ଭିତରକନିକାର ପ୍ରବେଶ ପଥ ଡାଙ୍ଗମାଳଠାରେ ପର୍ଯ୍ୟଟକଙ୍କ ପାଇଁ ସେଲଫି ପଏଣ୍ଟ ସହିତ ବୋଟ୍ ଲାଇବ୍ରେରି ପ୍ରସ୍ତୁତ କରାଯାଇଛି। ବୋଟ୍ ଲାଇବ୍ରେରିରେ ଭିତରକନିକାର ବିଭିନ୍ନ ପଶୁପକ୍ଷୀ, ଗଛଲତା ସମ୍ପର୍କିତ ବହି ସହ ବିଭିନ୍ନ ଶିକ୍ଷଣୀୟ ବହି ରଖାଯାଇଛି। ଛାତ୍ରୀଛାତ୍ରଙ୍କ ସମେତ ସବୁବର୍ଗର ପର୍ଯ୍ୟଟକ ଏହି ବୋଟ୍ ଲାଇବ୍ରେରିର ମଜା ନେଇପାରିବେ। ଏଥିସହ ଜାତୀୟ ଉଦ୍ୟାନ ଭିତରେ ନୂଆକରି କନିକା କାଫେ ନିର୍ମାଣ କରାଯାଇଛି। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କନିକା କାଫେ ଭିତରେ ବସି ପର୍ଯ୍ୟଟକମାନେ ଭୋଜନ କରିବା ସମୟରେ ପଶୁପକ୍ଷୀ ଓ ଜଙ୍ଗଲର ଶୋଭା ଉପଭୋଗ କରିପାରିବେ। ଏହାବାଦେ ପ୍ରଥମଥର ପାଇଁ ସ୍ଥାୟୀ ମ୍ୟାନଗ୍ରୁଭ ନର୍ସରି ନିର୍ମାଣ କରାଯାଇଛି। ଏହି ନର୍ସରିରେ ୬୭ ପ୍ରଜାତିର ଲୁଣାଗଛର ଚାରା ପ୍ରସ୍ତୁତ କରାଯାଉଛି। ପ୍ରତ୍ୟେକ ବେଡ୍ ନିକଟରେ ମ୍ୟାନଗ୍ରୁଭ ଗଛର ନାଁ ଓ ଏହାର ବିଶେଷତ୍ୱ ଫଳକ ଲଗାଯାଇଛି। ଏହା ଉଭୟ ପର୍ଯ୍ୟଟକ, ଛାତ୍ରୀଛାତ୍ର ଓ ଗବେଷକଙ୍କ ପାଇ ଉପାଦେୟ ହେବ। ଭିତରକନିକା ଆସିଥିବା ପର୍ଯ୍ୟଟକମାନେ ସେଲ୍‌ଫି ପଏଣ୍ଟରେ ଫଟୋ ଉଠାଇବା ସହ ବୋଟ ଲାଇବ୍ରେରି ଓ ନର୍ସରିରେ ବେଶ୍ କିଛି ସମୟ କଟାଇଥିଲେ। ଭିତରକନିକା ମୁଖ୍ୟ ଫାଟକ ଡାଙ୍ଗମାଳ ଓ ଗୁପ୍ତି ଏଣ୍ଟ୍ରି ପଏଣ୍ଟକୁ ତୋରଣରେ ସଜାଯିବା ସହ ପର୍ଯ୍ୟଟକମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଇଥିଲା। ଡାଙ୍ଗମାଳ ମୁଖ୍ୟ ଫାଟକରେ ଫରେଷ୍ଟର କପିଳେନ୍ଦ୍ର ପ୍ରଧାନ, ପ୍ରଶାନ୍ତ କୁମାର ସିଂ, ଫରେଷ୍ଟ ଗାର୍ଡ ସୁନୀଲ ରଞ୍ଜନ ରାଉତରାୟ, ସୁସ୍ମିତା ସେଠୀ, ହେମନ୍ତ କୁମାର ପାଣିଗ୍ରାହୀ, ଯଶୋବନ୍ତ ବେହେରା, ବିଜୟ ପଣ୍ଡା ପ୍ରମୁଖ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିଥିଲେ। ସେହିପରି ଗୁପ୍ତିଠାରେ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ଫରେଷ୍ଟର ବିଭୂତି ଭୂଷଣ ତରାଇ, ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ସମିତିସଭ୍ୟ ମିନତି ସାହୁଙ୍କ ସମେତ ମିଶନ ଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଇଡିସିର ସଦସ୍ୟମାନେ ପର୍ଯ୍ୟଟକମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସ୍ଥଳ ପଥରେ ଡାଙ୍ଗମାଳ ଏଣ୍ଟ୍ରି ପଏଣ୍ଟ ଦେଇ ୭୧ଜଣ ପର୍ଯ୍ୟଟକ ଆସିଥିବାବେଳେ ଗୁପ୍ତିରୁ ଜଳପଥରେ ୧୩ ଜଣ ଓ ଖୋଳାରୁ ଜଳପଥରେ ଭିତରକନିକାର ଶୋଭା ଉପଭୋଗ କରିଛନ୍ତି।

### ବ୍ରାହ୍ମଣସାହି ପଞ୍ଚାୟତ: ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ରାଜନଗର,୧୮(ଡି.ଏନ.ଏ.)

ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୭୭ଜଣ ପହଞ୍ଚି ନିଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥଲେ। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ବସୁନ୍ଧରା ଯୋଜନାରେ ଭୂମିହୀନ ପଟ୍ଟା ଯୋଗାଇଦେବାକୁ କରିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ରାଶନ କାର୍ଡ, ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ଓ ବୃଦ୍ଧାବୃଦ୍ଧମାନଙ୍କୁ ଭତ୍ତା ପାଇଁ ଆବେଦନ କରିଥିଲେ। ଅଧିକାଂଶ ଗାଁରେ ନଳକୂପ ଖନନ ପାଇଁ ଦାବି ଆସିଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ତହସିଲଦାର ଭୋଳାନାଥ ସେଠୀ, ବ୍ରାହ୍ମଣସାହି ସରପଞ୍ଚ ବୀଣାପାଣି ପ୍ରଧାନ, ସମିତିସଭ୍ୟ ରବୀନ ମଳିକ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିବା ସହ ସମାଧାନର ବାଟ କାଢିଥିଲେ।



# ଇନ୍ଦାଲୋ ପଞ୍ଚାୟତରେ ୧୭୮ ଅଭିଯୋଗ

ଡେରାବିଶ, ୧୮(ସ୍ୱ.ପ୍ର.):


ବିଡିଓଙ୍କୁ ଲୋକମାନେ ଅଭିଯୋଗ କରୁଛନ୍ତି।

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ଇନ୍ଦାଲୋ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ ଓ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଶୁଭାରମ୍ଭ କରିଥିଲେ। ପଞ୍ଚାୟତର ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବେହେରା ଓ ସମିତିସଭ୍ୟା ମାମିନା ମଲ୍ଲିକ ଉପସ୍ଥିତ ରହିଥିଲେ। ଏଥିରେ ବିଡିଓ ନମିତା ବାରିକ ଉପସ୍ଥିତ ରହି ୧୭୮ଟି ଅଭିଯୋଗ ଗ୍ରହଣ କରିବା ସହ ତ୍ୱରିତ ପଦକ୍ଷେପ ପାଇଁ ସମ୍ପୃକ୍ତ ବିଭାଗକୁ ଅଭିଯୋଗମାନ ପଠାଇଥିଲେ। ଏଥିସହ କେତେକ ଅଭିଯୋଗର ସଙ୍ଗେ ସଙ୍ଗେ ସମାଧାନ ମଧ୍ୟ କରିଥିଲେ। ଏଥିରେ ବାସଗୃହ ଯୋଜନା, ଭତ୍ତା, ଖାଉଟି ସାମଗ୍ରୀ ପାଇଁ ରାଶନକାର୍ଡ ପାଇ ନ ଥିବା ଯୋଗ୍ୟ ହିତାଧିକାରୀ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଉପରେ ଅଧିକ ଅଭିଯୋଗ ହିତାଧିକାରୀମାନେ ପ୍ରଦାନ କରିଥିଲେ। ଏହାସହ ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ସମନ୍ୱିତ ମହିଳା ଶିଶୁ ବିଭାଗ, ମତ୍ସ୍ୟ, କୃଷି, ଉଦ୍ୟାନ କୃଷି ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ନିଜ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ। ଏବିଡିଓ ଭଞ୍ଜ କିଶୋର ନାୟକ, ସହକାରୀ ପ୍ରକଳ୍ପ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ସିଡିପିଓ ସ୍ନେହଲତା ସାହୁ, ଉଦ୍ୟାନ କୃଷି ବିଭାଗର ଅଧିକାରୀ କେଦାରନାଥ ବାରିକ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ବିଭୁଦତ୍ତ ଦାସ ଓ ଦେବାଶିଷ ଧଳ ଉପସ୍ଥିତ ଥିଲେ। ଜୀବିକା ମିଶନର ବ୍ଲକ ସଂଯୋଜକ ବିଣାପାଣୀ ସାମଲ ଓ ରତିକାନ୍ତ ପଟ୍ଟନାୟକ ଉପସ୍ଥିତ ରହି ପଞ୍ଚାୟତ ଅଧୀନରେ ଥିବା ୧୦୫ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମକୁ ସମସ୍ତ ମହିଳାଙ୍କ ପାଖରେ ପହଞ୍ଚାଇବା ପାଇଁ ସଂଯୋଜକ ଉପସ୍ଥିତ ସ୍ୱୟଂ ସହାୟିକା ଗୋଷ୍ଠୀ କର୍ମକର୍ତ୍ତାଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ତେବେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ଜୀବିକା ମିଶନ କାର୍ଯ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବା ଉପରେ ଏମ୍‌ବିକେ ମେନକା ଜେନା ଓ ମହିଳା ଫେଡ଼େରେଶନ୍ ପଞ୍ଚାୟତ ସଭାନେତ୍ରୀ ପ୍ରତିମା ସାମନ୍ତରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବାକୁ ବିଡିଓଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ମହାନ୍ତି, ପ୍ରଶାନ୍ତ ସାମନ୍ତରାୟ, ନିତ୍ୟାନନ୍ଦ ମଳିକ, ପ୍ରମୋଦ ମହାନ୍ତି, ସୁଧାଂଶୁ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ।

### ୧୫ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ: ୨ ଅଭିଯୁକ୍ତ କୋର୍ଟ ଚାଲାଣ

ନାଉଗାଁ,୧୮(ସ୍ୱ.ପ୍ର)

ନାଉଗାଁ ଥାନା ଶିଖର ପଞ୍ଚାୟତ ଅନ୍ତର୍ଗତ ଅଙ୍ଗେଶ୍ୱରପଡା ନିକଟରୁ ରବିବାର ବ୍ରାଉନସୁଗାର କାରବାରବେଳେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଧୂଆଁପଦାର ସିଲୁ ସାହୁ ଓ ଗଙ୍ଗଦାର କଂଗ୍ରେସ ବାରିକ । ଉଭୟଙ୍କ ନିକଟରୁ ପୋଲିସ ୧୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏନେଇ ଥାନାରେ ମାମଲା (ନଂ. ୧୭୨/୨୨) ରୁଜୁ କରାଯାଇଛି ବୋଲି ଥାନାଧିକାରୀ ଅନିରୁଦ୍ଧ ନାୟକ ପ୍ରକାଶ କରିଛନ୍ତି। ଏସ୍‌ଆଇ ରଘୁନାଥ ଟୁଡୁ ଓ ଅନ୍ୟମାନେ ପାଟ୍ରୋଲିଂ କରୁଥିବା ସମୟରେ ଅଭିଯୁକ୍ତ ଦ୍ୱୟଙ୍କୁ ଧରିଥିଲେ।

### କୁନି କାଉଡିଆଙ୍କ ଜଳାଭିଷେକ

ଛତିଆ,୧୮(ଡି.ଏନ.ଏ.)

ଶ୍ରାବଣ ସୋମବାରରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆରେ ଥିବା ମାଳିକା ପ୍ରସିଦ୍ଧ ବାବା ଅମରେଶ୍ୱରଙ୍କ ପୀଠରେ ଶତାଧିକ କାଉଡିଆ ଜଳାଭିଷେକ କରିଥିଲେ। ଏହି ଅବସରରେ ଶତାଧିକ କୁନି କାଉଡିଆଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେମାନେ ମାହାଙ୍ଗା ବ୍ଲକ କଇଥା ପଞ୍ଚାୟତ ଛେଦା ନିକଟସ୍ଥ ଗେଙ୍ଗୁଟି ନଦୀରୁ ଜଳ ଉଠାଇ ଅମରେଶ୍ୱରଙ୍କ ପୀଠରେ ଜଳାଭିଷେକ ପାଇଁ ଆସିଥିଲେ। କରୋନା କଟକଣା ପାଇଁ ୨ ବର୍ଷ ଧରି ବୋଲବମ୍ ଯାତ୍ରା ବନ୍ଦ ଥିଲା। ଚଳିତ ବର୍ଷ କଟକଣା କୋହଳ ହେବା ପରେ ଶୈବପୀଠରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

# ଦଶପୁର ପଞ୍ଚାୟତରେ ୩୯୯ ଅଭିଯୋଗ

ମାର୍ଶାଘାଇ,୧୮(ଡି.ଏନ.ଏ.)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦଶିପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଉମାଶଙ୍କର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୩୯୯ଟି ଅଭିଯୋଗ ଗ୍ରହଣ କରାଯାଥିଲା। ଗ୍ରାମୀଣ କୈଶୋର ଯୋଜନାରେ ଜଣେ, ଶୂନ୍ୟରୁ ୫ବର୍ଷ ୩୧ ଜଣ ଶିଶୁଙ୍କ ଆଧାର ପଞ୍ଜୀକରଣ, ସୁକନ୍ୟା ସମୃଦ୍ଧି ଯୋଜନାରେ ୧୦ ଜଣଙ୍କୁ ସାମିଲ କରାଯାଇଥିଲା। ୧୭ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ବ୍ୟାଙ୍କ ଲିଙ୍କେଜ ପ୍ରଦାନ କରାଯାଇଥିଲା। ଗୋପାଳନ ଓ ମତ୍ସ୍ୟଚାଷ ପାଇଁ ୩୬ ଜଣ ଆବେଦନ କରିଥିଲେ। ଅଣସଙ୍ଗଠିତ ୧୦ଜଣ ଶ୍ରମିକଙ୍କ ନାଁ ପଞ୍ଜୀକରଣ କରାଯାଇଥିଲା। ଶହେ ପ୍ରାଣୀଙ୍କ ଟିକାକରଣ କରାଯାଇଥିବା ବେଳେ ୧୧ଟି ମାଟି ଓ ୯ଟି ପାଣି

**ପଲ୍ଲୀରେ ପ୍ରଶାସନ**

ପରୀକ୍ଷା କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଉପାଧ୍ୟକ୍ଷା ଊର୍ମିଳା ମହାନ୍ତି, ସରପଞ୍ଚ ବିକ୍ରମ କେଶରୀ ଦାସ, ସମିତିସଭ୍ୟା ମଧୁସ୍ମିତା ଦାସ, ଜିଲା ପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ, ଅତିରିକ୍ତ ତହସିଲଦାର ଅଶୋକ ବେହେରା ଓ ପ୍ରଫୁଲ୍ଲ ବିଶ୍ୱାଳ, ସୁଶୀଲ ଚୌଧୁରୀ ମଞ୍ଚାସୀନ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ଜିପିଓ ନିରଞ୍ଜନ ଦାସ. ସିଡିପିଓ ପ୍ରୀତିଲତା ପାଢ଼ୀ, ଯୋଗାଣ ଅଧିକାରୀ ରଶ୍ମିପ୍ରଭା ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟରଞ୍ଜନ ମଲିକ, ବ୍ଲକ କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତି, ବ୍ଲକ ଜୀବିକା ମିଶନର ସଂଞ୍ଚା ସାଗରିକା ପଣ୍ଡା, ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡା. ସାଇକ୍ରୀଷ୍ଣା ଜେନା, ସୁଶାନ୍ତ ମହାନ୍ତି ଓ ଉଦ୍ୟାନ ବିଭାଗ ଅଧିକାରୀ ଶରତ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ପ୍ରଶାସନିକ ଅଧିକାରୀ ଓ ନିର୍ବାଚିତ ପ୍ରତିନିଧିମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅମୃତ ମହୋତ୍ସବ


ରାମନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅମୃତ ମହୋତ୍ସବରେ ସାମିଲ ହୋଇଥିବା ପିଲାମାନେ।

ମହାକାଳପଡ଼ା, ୧୮ (ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ସ୍ଥାନୀୟ ରାମନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାର୍ଥନା ମଣ୍ଡପ ପରିସରରେ ସୋମବାର ପୂର୍ବାହ୍ନରେ ୭୫ ତମ ସ୍ୱାଧୀନତା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରଧାନ ଆଚାର୍ଯ୍ୟ ବାସୁଦେବ ସାହୁ ଭାରତ ମାତାଙ୍କ ତୈଳଚିତ୍ରରେ ଦୀପଦାନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ଛାତ୍ରୀଛାତ୍ର ଗୁରୁମାଗୁରୁଜୀମାନଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଗୁଣାବଳୀ ଓ ଜୀବନୀ ଉପରେ ଛାତ୍ରୀଛାତ୍ର ଗୁରୁମା ଓ ଉପସ୍ଥିତ ଅତିଥିମାନେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅରୁଣା ଗୁରୁମା, ପ୍ରିୟଙ୍କା ଗୁରୁମା, ଅନୁ ଗୁରୁମା, ଅଭୟ ଗୁରୁଜୀ , ନନ୍ଦ ଗୁରୁଜୀ, ସୁଶୀଲ ଗୁରୁଜୀ, ସୋନାଲି ଗୁରୁମା, ବିଭୂତି ଗୁରୁଜୀ ପ୍ରମୁଖ ପରିଚାଳନା କରିଥିଲେ।

# ଗାଁରୁ ଲିଭିଲିଭି ଯାଉଛି ଷ୍ଟ୍ରିଟ୍ ଲାଇଟ

ପଟ୍ଟାମୁଣ୍ଡାଇ, ୧୮(ସ୍ୱ.ପ୍ର.)


ଗାଁରେ ଲାଗିଥିବା ସୌର ଚାଳିତ ଷ୍ଟ୍ରିଟ୍ ଲାଇଟ୍ ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳରେ ଫେଲ୍ ମାରିଛି ସରକାରଙ୍କ ଆଲୋକୀକରଣ ବ୍ୟବସ୍ଥା । ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଗ୍ରାମାଞ୍ଚଳରେ ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ଲଗେଇ ଠିକା ସଂସ୍ଥା ମାଲେମାଲ ହୋଇଥିଲେ। ସେମାନେ ନିମ୍ନମାନର ଏଲଇଡି ଓ ବିଦ୍ୟୁତ୍ ସରଞ୍ଜାମ ଲଗାଇବା କାରଣରୁ ଗ୍ରାମବାସୀ ଅନ୍ଧାରରେ ରାହୁଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି। ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ କହିଛନ୍ତି, କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳର ବିଭିନ୍ନ ପଞ୍ଚାୟତରେ ଆଲୋକୀକରଣ ବାବଦରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଆଲୋକୀକରଣ ପାଇଁ ୨୦୨୧-୨୦୨୨ ଆର୍ଥିକ ବର୍ଷରେ ବିଭିନ୍ନ ପଞ୍ଚାୟତର ଗାଁଗଣ୍ଡାରେ ରାସ୍ତା କଡରେ ବିଜୁଳିବତୀ ଜଳିଲା। ପଞ୍ଚାୟତ ପାଣ୍ଠି ସିଧା ସଳଖ ପଞ୍ଚାୟତ ଖାତାକୁ ଆସୁଥିବା ବେଳେ ତା'ର ନିଜସ୍ୱ ଅର୍ଥରେ ରାସ୍ତା ଘାଟ, ପାନୀୟ ଜଳ, ବିଦ୍ୟୁତ ଖୁଣ୍ଟରେ ଲାଇଟ ଲଗାଇବା ଭଳି କାର୍ଯ୍ୟକ୍ରମ ହାତକୁ ନେଇ କାର୍ଯ୍ୟ କଲା। କେଉଁ କେଉଁ ପଞ୍ଚାୟତରେ ସୋଲାର ଏଲଇଡି ଷ୍ଟ୍ରିଟ୍ ଲାଇଟ୍ ମଧ୍ୟ ଲଗାଗଲା। ଗୋଟିଏ ଗୋଟିଏ ଗ୍ରାମରେ ୧୦ରୁ୧୨ଟି ଖୁଣ୍ଟରେ ଏଲଇଡି ଲାଇଟ ଲାଗିଥିବା ବେଳେ କେଉଁଠି ଗୋଟିଏ ଦୁଇଟି ଜଳୁଛି ଅନ୍ୟ ସବୁ ବନ୍ଦ ହୋଇଯାଇଛି। ଏପରି କି ଅନେକ ଖୁଣ୍ଟରୁ ଏଲଇଡି ଲାଇଟ୍ ଖୋଲା ହୋଇ ଯାଇଥିବା ଦେଖାଯାଇଛି ବୋଲି ସେ କହିଥିଲେ। ସେହିପରି ସମାଜିକ କର୍ମୀ ପ୍ରତାପ ପାଢୀ କହିଛନ୍ତି, ପଞ୍ଚାୟତିରାଜ ବ୍ୟବସ୍ଥାରେ ପଞ୍ଚାୟତ ଗ୍ରାମ୍ୟ ସ୍ତରରେ ଗୋଟିଏ ଗ୍ରାମସଭା ରହିଛି। ପଞ୍ଚାୟତଗୁଡିକର ଗଠନ ଗ୍ରାମସଭାକୁ ବର୍ତ୍ତମାନ ଗୋଟିଏ ଆଇନଗତ ସଂସ୍ଥାର ମାନ୍ୟତା ଦିଆଯାଇଛି। ମାତ୍ର ବିଭିନ୍ନ ପଞ୍ଚାୟତରେ ଗ୍ରାମସଭା କରା ନ ଯାଇ ବର୍ଷ ବର୍ଷ ଧରି ବିଭିନ୍ନ ଉନ୍ନୟନମୂଳକ ତଳେଇ କାର୍ଯ୍ୟର କାର୍ଯ୍ୟାଦେଶକୁ ବାତିଲ କରାଯାଇ ଆଲୋକୀକରଣ କରାଗଲା। ଗାଁରେ ଥିବେ ବିଦ୍ୟୁତ୍ ବିଭାଗ ଖୁଣ୍ଟରେ ଏହି ଏଲିଡ ଲାଇଟ ଲଗାଗଲା। ଯାହାକି ଗୋଟିଏ ଗୋଟିଏ ଏଲଇଡି ଲାଇଟ ୧୨ ଶହରୁ ୨ ହଜାର ଟଙ୍କା ହୋଇଥିବା ବେଳେ ଏଥିପାଇଁ ପ୍ରାୟ ୧୦ରୁ ୧୫ ହଜାର ଟଙ୍କା ଭଳି ବିଲ୍ କରାଗଲା।

### ବିପର୍ଯ୍ୟସ୍ତ ହେଉଛି ଆଲୋକୀକରଣ ବ୍ୟବସ୍ଥା

ସରକାରୀ ଖୁଣ୍ଟରେ ସରକାରୀ ବଲ ଲଗାଇ ଖୁଣ୍ଟର ବିଲ୍ କରିବାକୁ ପଛାଇଲେ ନାହିଁ। ଏଥିଯୋଗୁ ବିପୁଳ ପରିମାଣର ମୁନାଫା ମଧ୍ୟ ସେମାନଙ୍କୁ ମିଳିଥିଲା। ଏପରି କି ପଞ୍ଚାୟତଗୁଡିକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟାଦେଶ ହୋଇ ପଡି ରହିଥିବା ଅର୍ଥକୁ ଫେରାଇ ନେଇ ଏହି ଲାଇଟ୍ ଲଗା ଯାଇଥିଲା। ତେବେ ଧୀରେଧୀରେ ଗ୍ରାମାଞ୍ଚଳର ବିଜୁଳି ଖୁଣ୍ଟରୁ ବିଜୁଳିବତୀ ଲିଭି ଯାଇଛି। କେଉଁଠି ଗୋଟିଏ ଅଧେ ଜଳୁଛି ତ ଆଉ କେଉଁଠାରେ ମାସମାସ ଧରି ବନ୍ଦ ହୋଇ ପଡି ରହିଛି। ତେବେ ଆଲୋକୀକରଣ ବ୍ୟବସ୍ଥା ପଟ୍ଟାମୁଣ୍ଡାଇ ବ୍ଲକ ଗ୍ରାମାଞ୍ଚଳରେ ଏବେ ବିପର୍ଯ୍ୟସ୍ତ ହୋଇପଡିଛି। ଏ ସମ୍ପର୍କରେ ବିଡିଓ ଭରତ ଚନ୍ଦ୍ର ପରିଡାଙ୍କୁ ପଚାରିବାରେ ଗ୍ରାମାଞ୍ଚଳ ଆଲୋକୀକରଣ ଦାୟିତ୍ୱ ସରପଞ୍ଚମାନଙ୍କର। ଏପରି ଅଭିଯୋଗ ଆସି ନ ଥିଲା। ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପିଇଓଙ୍କର ଅଦଳବଦଳ

**ନୟାଗଡ଼ ଅଫିସ,୧।୮:** ନୟାଗଡ଼ ଜିଲାର ୮ଟି ବ୍ଲକରେ ଥିବା ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରୁଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ସ୍ତରରେ ଅଦଳ ବଦଳ ହୋଇଛି। ବଦଳି ହୋଇଥିବା ସ୍ଥାନରେ ତୁରନ୍ତ କାର୍ଯ୍ୟରେ ଯୋଗ ଦେବାକୁ ଜିଲାପାଳ ପୋମା ଟୁଡୁଙ୍କ ନିର୍ଦ୍ଦେଶ ରହିଛି। ପିଇଓଙ୍କର ବଦଳି ନେଇ ଜିଲାପାଳ ବିଡିଓଙ୍କମାନଙ୍କୁ ଅବଗତ କରାଇଛନ୍ତି।

### ଗୁଟ୍‌ଖା ଦୋକାନରେ ଚଢ଼ଉ

**ବଲସକୁମ୍ପା,୧।୮:** କନ୍ଧମାଳ ଜିଲା ଖଜୁରୀପଡ଼ା ସ୍ଥିତ ସ୍ଥାନୀୟ ବଜାର ଅଞ୍ଚଳରେ ସୋମବାର ଖାଦ୍ୟସୁରକ୍ଷା ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢଉ କରାଯାଇ ଗୁଟଖା ବିକ୍ରି କରୁଥିବା ୧୮ଟି ଦୋକାନରୁ ୩୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ବେଆଇନ୍ ଭାବେ ଗୁଟଖା ତମାଖୁ ବିକ୍ରି କଲେ ଅଧିକ ଫାଇନ ଆଦାୟ କରାଯିବା ସହିତ ଦୋକାନୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରତି ମାସରେ ଅଚାନକ ଚଢାଉ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି। ଚଢ଼ାଉରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଚାଳକ ଅଶୋକ କୁମାର୍ ସାହୁ, ଅବକାରୀ ବିଭାଗର ଏନ୍ ଜାଗିନ୍ ରାଓ, କଂଗ୍ରେସ ବେହେରା ଏବଂ ଫୁଡ୍ ସେଫ୍ଟି ଆସିଷ୍ଟାଣ୍ଟ ପ୍ରମୁଖ ସାମିଲ୍ ଥିବା ବେଳେ ଖଜୁରୀପଡ଼ା ଥାନା ଅଧିକାରୀ ଗେଲ୍ଲୀ କୁମାରୀ ସାହୁଙ୍କ ସହ ପୋଲିସ ଟିମ ସହଯୋଗ କରିଥିଲେ।

### ଯବାନ ଗିରଫ

**ବଲସକୁମ୍ପା,୧।୮:** କୌଣସି ଏକ ଗଣ୍ଡଗୋଳ ମାମଲାକୁ ନେଇ ଜଣେ ଆଇଆର୍‌ବି ଯବାନଙ୍କୁ ଖଜୁରୀପଡ଼ା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଲକ୍ଷ୍ମୀକାନ୍ତ ନାୟକ ନାମକ ଆଇଆର୍‌ବି ଯବାନଙ୍କୁ କେସ ନଂ ୨୫/୨୧ରେ ଖଜୁରୀପଡ଼ା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଗେଲ୍ଲୀ କୁମାରୀ ସାହୁ ସୂଚନା ଦେଇଛନ୍ତି।

### ଘରେ ପଶି ଟଙ୍କା, ସୁନା ଲୁଟ୍

**ଆସିକା, ୧।୮(ଡି.ଏନ୍.ଏ.):** ଆସିକା ଏନ୍‌ଏସିର ପୁରୁଣା ହାଟପଦା ବଜାରରେ ବାସନକୁସନ ଦୋକାନ କରିଥିବା ହରିବନ୍ଧୁ ରେଡ୍ଡୀଙ୍କ ଘରୁ ସୋମବାର ଲୁଟ୍ ହୋଇଛି । ଲୁଟେରାମାନେ ଘରେ ପଶି ଆଲମୀରାରେ ଏକ ଛୋଟ ବାକ୍ସରେ ଥିବା ଲକ୍ଷାଧିକ ଟଙ୍କା ଓ ୧୦ ଭରିରୁ ଅଧିକ ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ କରାଯାଇଛି। ହରିବନ୍ଧୁ ଓ ତାଙ୍କ ପତ୍ନୀ ଦୋକାନରେ ଥିଲାବେଳେ ଘରେ କେହି ନ ଥିଲେ । ଏହାର ସୁଯୋଗ ନେଇ ଲୁଟେରାମାନେ ଏଭଳି କାଣ୍ଡ ଘଟାଇଛନ୍ତି। ହରିବନ୍ଧୁ ଆସିକା ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

# ବାରଣ୍ଡାରେ ପଢୁଛନ୍ତି ଛାତ୍ରୀଛାତ୍ର

**ନୟାଗଡ଼ ଅଫିସ,୧।୮**

ନୟାଗଡ଼ ଜିଲା ସଦର ମହକୁମାଠାରୁ ମାତ୍ର ୧ କିମି ଦୂରରେ ଅବସ୍ଥିତ ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟ। ଏଠାରେ ଶ୍ରେଣୀ ଗୃହ ଓ ଶିକ୍ଷକ ଅଭାବ ଜନିତ ସମସ୍ୟାକୁ ନେଇ ପରିଚାଳନା କମିଟି ପକ୍ଷରୁ ଚଳିତ ୫ ତାରିଖର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୦୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ୧୦ଟି ଶ୍ରେଣୀ ଗୃହ ବଦଳରେ ମାତ୍ର ୫ଟି ଅଛି। ୧୯୩୦ ମସିହାରୁ ସ୍ଥାପିତ ଏହି ବିଦ୍ୟାଳୟଟି ଜାତୀୟ ରାଜପଥ ନଂ. ୫୭ କଡ଼ରେ ରହିଛି। ଶ୍ରେଣୀ ଗୃହ ଅଭାବରୁ ପିଲାମାନେ ବିଦ୍ୟାଳୟର ବାରଣ୍ଡାରେ ଅତି ଦୟନୀୟ ଅବସ୍ଥାରେ ପାଠ ପଢୁଛନ୍ତି। ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ ମାତ୍ର ଗୋଟିଏ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଯଦି ବିଦ୍ୟାଳଟିକୁ ୫–ଟି ଅଧୀନରେ ରୂପାନ୍ତରିତ କରାଯାଇ ପାରନ୍ତା ତେବେ ଏହି ସର୍ବପୁରାତନ ଅନୁଷ୍ଠାନଟି ନୂଆ ରୂପ ପାଇ ପାରନ୍ତା।



ଛାତ୍ରମାନେ ବାରଣ୍ଡାରେ ବସି ପଢୁଛନ୍ତି।

### ଶ୍ରେଣୀଗୃହ, ଶିକ୍ଷକ ଅଭାବକୁ ନେଇ ୫ରେ ଧାରଣା

ପ୍ରକାଶ ଯେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ସ୍ତରରେ ମୋଟ ୨୩୯ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ୩୦ଜଣ ଛାତ୍ରୀଛାତ୍ରଙ୍କୁ ଜଣେ ହାରରେ ୮ଜଣ ଏଲିମେଣ୍ଟାରୀ କ୍ୟାଡରର ଶିକ୍ଷକ ଆବଶ୍ୟକ ରହିଛି। ହେଲେ ଗତ ୨ମାସ ମଧ୍ୟରେ ୨ଜଣଙ୍କୁ ପଦୋନ୍ନତି ଦେଇ ଅନ୍ୟତ୍ର ବଦଳି କରାଯିବା ପରେ ଜଣେ ଉର୍ଦ୍ଦୁ ଶିକ୍ଷକଙ୍କୁ ମିଶାଇ ଅଛନ୍ତି ୭ ଜଣ ଅଛନ୍ତି। ଉର୍ଦ୍ଦୁ ଶିକ୍ଷକ କେବଳ ଉର୍ଦ୍ଦୁ ଶିକ୍ଷା ଦେଉଥିବା ବେଳେ ଅନ୍ୟ ବିଷୟରେ ପାଠ ପଢ଼ାଉ ନାହାନ୍ତି। ବଦଳି ହୋଇଥିବା ଶିକ୍ଷକଙ୍କ ମଧ୍ୟରେ ଜଣେ ବିଜ୍ଞାନ ଶିକ୍ଷକ ହୋଇଥିବା ବେଳେ ବର୍ତ୍ତମାନ ୬ଷ୍ଠ ଓ ୭ମ ଶ୍ରେଣୀ ପାଇଁ ବିଷୟ ଭିତ୍ତିକ ବିଜ୍ଞାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏ ନେଇ ପରିଚାଳନା କମିଟି ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରି ବିଜ୍ଞାନ ଶିକ୍ଷକ ନିଯୁକ୍ତି ପାଇଁ ଅନୁରୋଧ କରାଯାଇଥିଲା। ତେବେ ଶିକ୍ଷାଧିକାରୀ ସମସ୍ୟା ସମାଧାନ କରିବା ପରିବର୍ତ୍ତେ କମିଟି ସଭାପତି ଓ ଅନ୍ୟ ସଦସ୍ୟମାନଙ୍କୁ ରୁକ୍ଷ ବ୍ୟବହାର ପ୍ରଦର୍ଶନ କରିବା ସହ ନାସ୍ତିବାଣୀ ଶୁଣାଇ ବିଦା କରି ଦେଇଥିଲେ। ପରବର୍ତ୍ତୀ ସମୟରେ ପରିଚାଳନା କମିଟି ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ଡକାଯାଇ ଆସନ୍ତା ୪ ତାରିଖ ମଧ୍ୟରେ ବିଜ୍ଞାନ ଶିକ୍ଷକ ନିଯୁକ୍ତି ଦିଆ ନ ଗଲେ ୫ ତାରିଖରୁ ପରିଚାଳନା କମିଟି ବାଧ୍ୟ ହୋଇ ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ତଥା କମିଟି ସଦସ୍ୟମାନଙ୍କ ପକ୍ଷରୁ ଧାରଣା ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଦରକାର ପଡିଲେ ୫୭ନଂ. ଜାତୀୟ ରାଜପଥ ଅବରୋଧ କରାଯିବାକୁ କମିଟି ସଭାପତି ନାରାୟଣ ସାହୁ ଲିଖିତ ଭାବେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଛତ୍ରପୁର,୧।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ଏହି ଯୁଗ୍ମ ଶୁଣାଣିରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କିତ ଅଭିଯୋଗର ଶୁଣି ଥିଲେ। ଜିଲା ସଦର ମହକୁମା ଛତ୍ରପୁରଠାରେ ମୋଟ ୨୦ଟି ଅଭିଯୋଗରୁ ୧୨ଟି ପେନସନ ସମ୍ବନ୍ଧୀୟ, ୨ଟି ପ୍ରମାଣପତ୍ର ସମ୍ବନ୍ଧୀୟ, ଗୋଟିଏ ଜୀବନଜୀବିକା, ୩ଟି ଡି.ଆର୍.ଆଇ. ଲୋନ, ଶିକ୍ଷା ସମ୍ବନ୍ଧୀୟ ଗୋଟିଏ, ସୁଷମ ବଣ୍ଟନ ନିମନ୍ତେ ୩ଟି ଆବେଦନ, ଉପକରଣ ବାବଦରେ ୨ଜଣ ହିତାଧିକାରୀଙ୍କୁ ୩ ଚକିଆ ସାଇକେଲ ବଣ୍ଟନ ହୋଇଛି। ଅନ୍ୟ ୩ ଗୋଟି ଆବେଦନ ଗ୍ରହଣ କରାଯାଇଥିଲା। ଆବେଦନ ଶୁଣାଣି ବୈଠକରେ ୩ଟି ସମସ୍ୟାର ସମାଧାନ ଜିଲାପାଳଙ୍କ ଦ୍ୱାରା କରାଯାଇଥିଲା। ବଳକା ୧୭ଟି ଆବେଦନ ଶୁଣାଣି ନିମନ୍ତେ ନିର୍ଦ୍ଧାରୀତ ସମୟସୀମା ମଧ୍ୟରେ ଶେଷ କରିବାକୁ ଜିଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ, ଉପଖଣ୍ଡ ଏବଂ ସଦର ମହକୁମାରେ ସମୁଦାୟ ୫୮ଟି ଅଭିଯୋଗ ହୋଇଥିଲା। ଜଣେ ବ୍ୟକ୍ତିଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା।

# ନୂତନ ଲାଇବ୍ରେରି ଗୃହ ନିର୍ମାଣ



ନୀଳମାଧବ ମହାବିଦ୍ୟାଳୟରେ ନୂତନ ଲାଇବ୍ରେରୀ ଗୃହ ନିର୍ମାଣ ଚାଲିଛି।

**ଖଣ୍ଡପଡ଼ା,୧।୮(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଜଣେ ପୁରାତନ ଛାତ୍ର ସ୍ୱପ୍ନେଶ୍ୱର ଦଳେଇଙ୍କ ଦ୍ୱାରା ମୋ କଲେଜ ଯୋଜନା ପାଇଁ ପ୍ରଦାନ କରାଯାଇଥିବା ଅର୍ଥ ଏବେ ନୂତନ ଲାଇବ୍ରେରୀ ନିର୍ମାଣରେ ସହାୟକ ହୋଇଥିବା ଜଣାଯାଇଛି। ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପକ୍ଷରୁ ମୋ କଲେଜ ଅଭିଯାନରେ ୫ଲକ୍ଷ ଟଙ୍କା ଜମା କରାଯାଇଥିଲା। ମ୍ୟାଚିଙ୍ଗ ଗ୍ରାଣ୍ଟ ଭାବେ ମୋ କଲେଜ ଅଭିଯାନ ପରିଚାଳନା

### କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ

ସଙ୍ଗଠନ ପକ୍ଷରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସମ୍ପୃକ୍ତ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୨୭୩/୨୯।୧୦।୨୧ରୁ ଜଣାଯାଇଛି।

ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ସାହୁଙ୍କ ସୂଚନାକ୍ରମେ ମହାବିଦ୍ୟାଳୟର ଜଣେ ପୁରାତନ ଛାତ୍ର ଦଳାଇ ତାଙ୍କ ବାପାଙ୍କ ଗଚ୍ଛିତ ଅର୍ଥରୁ ମୋ କଲେଜ ଅଭିଯାନ କାର୍ଯ୍ୟକ୍ରମ ପାଇଁ ୫ଲକ୍ଷ ଟଙ୍କା ଜମା କରିଥିଲେ। ଦଳାଇଙ୍କ ୫ ଭାଇଙ୍କ ସହମତିକ୍ରମେ ଏହି ଅର୍ଥରେ କଲେଜ ପରିସରରେ ତାଙ୍କ ମାତାପିତାଙ୍କ ନାମରେ ଏକ ଲାଇବ୍ରେରୀ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ରଖିଥିଲେ। ତେବେ ଏହି ପ୍ରସ୍ତାବ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ୨୦୨୧ସେପ୍ଟମ୍ବର ୩୦ରେ ମୋ କଲେଜ ଅଭିଯାନ ପରିଚାଳନା ସଙ୍ଗଠନ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଏହି ପ୍ରକଳ୍ପର ସଫଳ ରୂପାୟନ ପାଇଁ ତଥା ମୋ କଲେଜ ଅଭିଯାନ ବିଧି ବ୍ୟବସ୍ଥାକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଥିଲା। ଏହି ୧୫ ଲକ୍ଷ ଟଙ୍କାକୁ ଦୃଷ୍ଟିରେ ରଖି ନୂତନ ଲାଇବ୍ରେରୀ ଗୃହର ଛାତ ପତନ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତେବେ ପୂର୍ଣ୍ଣାଙ୍ଗ ଗୃହ ସମ୍ପନ୍ନ ପାଇଁ ଆଉ ଅଧିକ ଅର୍ଥର ଆବଶ୍ୟକ ରହିଥିବା ବେଳେ ଏଥିପାଇଁ ପୁରାତନ ଛାତ୍ରୀଛାତ୍ରଙ୍କ ଆର୍ଥିକ ସହାୟତାର ଆବଶ୍ୟକ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଉକ୍ତ ପ୍ରକଳ୍ପକୁ ନୀତି ନିୟମ ତଥା ବୈଷୟିକ ଜ୍ଞାନ କୌଶଳକ୍ରମେ ୬ମାସ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବାକୁ ପରାମର୍ଶ ଦିଆଯାଇଥିବା ଜଣାପଡିଛି ।

## ନୟାଗଡ଼ ଜିଲାରେ ୫ହଜାର ଭୂତ ରାଶନ କାର୍ଡ

**ନାୟଗଡ଼ ଅଫିସ,୧।୮**

ଚାଉଳ, ଗହମ ଦୁର୍ନୀତିର ତଦନ୍ତ ପ୍ରାର୍ଥନା କରି ଲୋକଯୁକ୍ତଙ୍କ ଅଦାଲତରେ ରାଜ୍ୟ ଯୋଗାଣ ମନ୍ତ୍ରୀ, ଯୋଗାଣ ସଚିବ, ନୟାଗଡ଼ ଜିଲାପାଳ, ଜିଲା ଯୋଗାଣ ଅଧିକାରୀଙ୍କ ସମତ ଜିଲାର ସମସ୍ତ ବ୍ଲକ ଏନ୍‌ଏସିର ମାର୍କେଟିଂ ଇନ୍ସପେକ୍ଟରଙ୍କୁ ପକ୍ଷଭୁକ୍ତ କରି ମାମଲା ଦାଏର ହୋଇଛି। ଆଇନଜୀବୀ ରଣଜିତ ଦାଶ ଏ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ରାଶନ କାର୍ଡଧାରୀମାନଙ୍କୁ ରାଜ୍ୟ ସରକାର ପ୍ରତ୍ୟେକ ହଜାର ଟଙ୍କା ଲେଖାଏ କୋଭିଡ ସହାୟତା ଅର୍ଥରାଶି ପ୍ରଦାନ କରିଥିଲେ। ଜିଲାର ସମସ୍ତ ରାଶନ କାର୍ଡ ହିତାଧିକାରୀ ସେମାନଙ୍କର ପ୍ରାପ୍ୟ ନେଇଯିବା ପରେ ବଳକା ଭୂତ କାର୍ଡ ଭାବେ ୩୦୮୬ ହିତାଧିକାରୀ ଓ ରଣପୁର ବ୍ଲକ ଏନ୍‌ଏସିକୁ ମିଶାଇଲେ ଏହି ସଂଖ୍ୟା ୫୦୦୦କୁ ଟପିଯାଉଛି। ତେବେ ଜାତୀୟ

### ଚାଉଳ,ଗହମ ଦୁର୍ନୀତିର ତଦନ୍ତ ପାଇଁ ଲୋକାଯୁକ୍ତଙ୍କୁ ପ୍ରାର୍ଥନା

ଖାଦ୍ୟ ନିରାପତ୍ତା ଆଇନ ୨୦୧୩ ପରଠାରୁ ପ୍ରତ୍ୟେକ ଗରିବ ପରିବାର ସଭ୍ୟମାନଙ୍କ ପ୍ରତି ମମାସରେ ୫ କେଜି ଚାଉଳ, ଗହମ କିଲୋ ପିଛା ୧ ଟଙ୍କାରେ ଯୋଗାଇ ଦିଆଯାଉଛି। ଯଦି ଜିଲାରେ ୫୦୦୦ ଭୂତ ରାଶନ କାର୍ଡ ହିତାଧିକାରୀମାନଙ୍କ ନାଁରେ ଚାଉଳ, ଗହମ ପ୍ରତି କାର୍ଡ ପିଛା ଅନ୍ୟୁନ ୨୦ରୁ୨୫ କେଜି ହଡପ ହେଉଥାଏ ତେବେ କାର୍ଡ ପିଛା ମାସିକ ୭୫୦ ଟଙ୍କା ହେବ। ତେବେ ୫୦୦୦ କାର୍ଡରେ ମାସକୁ ୩,୭୫୦,୦୦୦ ବର୍ଷକୁ ୪ କୋଟି ୫୦ ଲକ୍ଷ ହଡପ ହେଉଛି। କେତେବର୍ଷ ହେଲା ଏମିତି ଭୂତ କାର୍ଡରେ ଚାଉଳ, ଗହମ ହଡପ ହେଉଛି ତାହା ତଦନ୍ତ ହେଲେ ଜଣାପଡ଼ିବ ବୋଲି ଆନଜୀବୀ ଦାଶ କହିଛନ୍ତି।

## ବୟସ୍କ ବ୍ୟକ୍ତିଙ୍କ ଆତ୍ମହତ୍ୟା

**ଆସିକା: ୧।୮ (ଡି.ଏନ.ଏ.)**

ଆସିକା ଏନ୍‌ଏସିର ଖମ୍ବେଶ୍ୱରୀପାଟଣା ସାହିରେ ସୋମବାର ଜଣଙ୍କର ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ବିପ୍ରଚରଣ ଦାସ (୮୦)। ହାପ ପ୍ୟାଣ୍ଟ ପରିହିତ ବ୍ୟକ୍ତି ଜଣକ ନିଜ ଧରିଥିବା ଗାମୁଛାକୁ ବେକରେ ବାନ୍ଧି ରେଲିଂରେ ଝୁଲିପଡ଼ିଥିଲେ। ରବିବାର ରାତ୍ର ପ୍ରାୟ ୩ଟାରେ ଏହା ଘଟିଥିବା ମୃତକଙ୍କ ପକ୍ଷରୁ ଲିଖିତ ଏକ ମୃତ୍ୟୁଲେଖରୁ ଜଣାପଡିଛି। ଗତ ୭ ରୁ ୮ ବର୍ଷ ତଳେ ମୃତକଙ୍କ ସ୍ତ୍ରୀ ଓ ଏକମାତ୍ର ପୁତ୍ରର ବିୟୋଗ ପରେ ସେ ଏକାକି ଘରେ ରହିଥିଲେ। ଏଭଳି ପରିସ୍ଥିତିରେ ମାନସିକ ଭାରସାମ୍ୟ ହରାଇ ସେ ଆତ୍ମହତ୍ୟା କରିଥିବା ଓ ଏହା ସ୍ୱଇଚ୍ଛାରେ କରିଥିବା ମୃତ୍ୟୁ ଲେଖାରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ମୃତକଙ୍କ ପୁତୁରା ହରେକୃଷ୍ଣ ଦାସ ଆସିକା ପୋଲିସରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହକୁ ଜବତ କରି ସ୍ଥାନୀୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି ।

## ୪ ବଖରା ଜଳିଗଲା

**ଦିଗପହଣ୍ଡି,୧।୮(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ତଲାସିଙ୍ଗି ଗାଁରେ ସୋମବାର ବିଦ୍ୟୁତ୍ ସର୍ଟସର୍କିଟରୁ ଅଗ୍ନିକାଣ୍ଡରେ ସାରଦା ପାଣିଗ୍ରାହୀ, ମାଧବ ଶୁକ୍ଳ ଦୁଇ ପରିବାରଙ୍କ ୪ ବଖରା ବାସଗୃହ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଦିଗପହଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ପ୍ରାୟ ୪୦ ହଜାର ଟଙ୍କାର କ୍ଷୟକ୍ଷତି ହୋଇଥିବା କୁହାଯାଉଛି।

# ଲଡୁବାବାଙ୍କ ପୀଠରେ ୪,୭୯୪ କାଉଡ଼ିଆ

**ନୟାଗଡ଼ ଅଫିସ,୧।୮**

ଶ୍ରାବଣ ମାସର ୩ୟ ସୋମବାରରେ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଶରଣକୁଳର ଲଡୁବାବାଙ୍କ ପୀଠରେ ଜଳଲାଗି କରିଥିଲେ ୪,୭୯୪ କାଉଡିଆ। ବୋଲବମ୍ ଭକ୍ତମାନେ ଜଳାଭିଷେକ ଲାଗି ୨ଟି ଲମ୍ବା ଧାଡିରେ ଠିଆ ହୋଇ ରହିଥିଲେ। ସେମାନଙ୍କୁ ପାଣି ଢାଳିବା ଲାଗି ଦୀର୍ଘ ସମୟ ଲାଗି ଥିଲା। ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଏଠାକୁ ଆସି ଜଳଲାଗି କରିଥିଲେ। ଅପରପକ୍ଷରେ ନୟାଗଡ଼ ଜିଲାରେ ୩୫୬ ଶିବ ମନ୍ଦିର ରହିଥିବାବେଳେ ୧୨ ଶମ୍ଭୁ ରହିଛନ୍ତି। ଏହି ୧୨ ଶମ୍ଭୁ ବଡପଣ୍ଡୁସରର ଉଗ୍ରେଶ୍ୱର, ନଛିପୁରର ଧବଳେଶ୍ୱର, ଚନ୍ଦ୍ରଶେଖରପୁରର ନୀଳକଣ୍ଠେଶ୍ୱର, ଗୁଞ୍ଜୁବାରଣର କପିଳେଶ୍ୱର, ବାହାଡାଝୋଲାର ଫୁଲେଶ୍ୱର, ଯଦୁପୁରର ସିଙ୍ଘେଶ୍ୱର, ରାବେରୋର ମଧୁକେଶ୍ୱର, କଲ୍ୟାଣପୁରର ମୁକ୍ତେଶ୍ୱର, ଯାମୁପାଟଣାର ଦୂତୀକେଶ୍ୱର, ମାଳିସାହିର ଗଡେଶ୍ୱର, ଗୋବିନ୍ଦପୁରର ସୋମନାଥଦେବ ଓ ଶରଣକୁଳର ଲଡୁବାବାଙ୍କ ପୀଠରେ ପ୍ରତି ସୋମବାର କାଉଡିଆମାନଙ୍କର ଭିଡ ଲାଗି ରହିଥିଲା।



ଲଡୁବାବାଙ୍କ ପାଖରେ ଜଳ ଲାଗି କରୁବାକୁ କାଉଡିଆମାନେ ଲମ୍ବା ଧାଡିରେ ଠିଆ ହୋଇଛନ୍ତି।

## ଲୋକେ କୁଳରୁ ବାସନ୍ଦ ହେଲେ କର୍ମକର୍ତ୍ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ଭଞ୍ଜନଗର,୧।୮ (ଡି.ଏନ.ଏ)**

ଭଞ୍ଜନଗର ଆମ ପୋଲିସ ସମିତି ପକ୍ଷରୁ ରବିବାର ଲାଲସିଂ କାହ୍ନୁ ରାଉତ ଉଚ୍ଚ ବିଦ୍ୟାଳୟରେ ଏକ ବୈଠକ ହୋଇଥିଲା। କୁଳ ସମାଜଗୁଡ଼ିକ ଅନେକ ଭଲ କାର୍ଯ୍ୟ କରିଥାନ୍ତି । କିନ୍ତୁ ବେଳେବେଳେ କୁଳ କର୍ମକର୍ତ୍ତାମାନେ ଜାତିର ଲୋକଙ୍କ ବିଚାରଣ କରିବା ସମୟରେ ସେମାନଙ୍କୁ କୁଳରୁ ସାମାଜିକ ବାସନ୍ଦ କରନ୍ତି। ଯାହାକି ବେନିୟମ କାର୍ଯ୍ୟ। ଏହିଭଳି କାର୍ଯ୍ୟରୁ କୁଳ କର୍ମକର୍ତ୍ତାମାନେ ଦୁରେଇ ରହନ୍ତୁ। ନଚେତ ଏହିଭଳି ବେନିୟମ କାର୍ଯ୍ୟ ପାଇଁ କୁଳ ସଭାପତି, ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ଧିରେଶ ଦାସ ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଲୋକେ ଅପରାଧିଙ୍କ ଗତିବିଧି ସମ୍ପର୍କରେ ପୋଲିସକୁ ସୂଚନା ଦେଲେ ଅପରାଧ କମିବ। ଆବଶ୍ୟକ ପଡ଼ିଲେ ୧୧୨ ନମ୍ବରକୁ ଫୋନ କରି ଜଣାଇପାରିବେ। ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜି ସଭାକୁ ସଂଯୋଜନା କରିଥିଲେ । ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ.ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ବରିଷ୍ଠ ସାମାଜିକ କର୍ମୀ ବିଷ୍ଣୁ ପ୍ରସାଦ ପ୍ରଧାନ, ସରପଞ୍ଚ ଶିବରାମ ସାହୁ, ଶିକ୍ଷକ ନେତା ଜଗବନ୍ଧୁ ଜେନା, ଶିକ୍ଷକ ସଞ୍ଜୟ କୋଠିଆ, ବିଶ୍ୱ ଜନନୀ କଳା ପରିଷଦ ସମ୍ପାଦକ ଜଗଦିଶ୍ ପାଣିଗ୍ରାହୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବି ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ସମ୍ପୃକ୍ତ ଅଞ୍ଚଳର ବହୁ ମହିଳା ଆଲୋଚନାରେ ଭାଗନେଇ ନିଜର ସମସ୍ୟା ସମ୍ପର୍କରେ କହିଥିଲେ। ପ୍ରଧାନ ଶିକ୍ଷକ ଧ୍ରୁବ ମହାରଣା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଚାରାରୋପଣ ହୋଇଥିଲା । ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ଅନିଲ ରାଉତ, ଶିକ୍ଷକ ବୁଦ୍ଧ ନାୟକ, ପ୍ରସନ୍ନ ପ୍ରଧାନ, ସନ୍ତୋଷ ଗୌଡ଼,କାହ୍ନୁ ଚରଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

## ୫.୮୩ କୋଟି ଆଇଟିଆର୍ ଦାଖଲ

**ନୂଆଦିଲ୍ଲୀ:** ଗତ ଆର୍ଥିକ ବର୍ଷ (୨୦୨୧-୨୨)ର ଆୟକର ରିଟର୍ନ (ଆଇଟିଆର୍) ଦାଖଲର ଶେଷ ତାରିଖ ୨୦୨୨ ଜୁଲାଇ ୩୧ ରହିଥିଲା। ଏହି ସମୟ ସୀମା ମଧ୍ୟରେ ଦେଶର ୫.୮୩ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ ଆୟକର ରିଟର୍ନ ଦାଖଲ କରିଥିବା ନେଇ ସୋମବାର ଆୟକର ବିଭାଗର ବିଭାଗୀୟ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେହିଭଳି ଜୁଲାଇ ୩୧ ରବିବାର ସତ୍ତ୍ୱେ ମଧ୍ୟ ୭୨ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ ଆୟକର ଦାଖଲର ଶେଷ ସମୟ ସୀମା ସୁଦ୍ଧା ଦାଖଲ କରିଥିବା ବିଭାଗୀୟ ୱେବସାଇଟରେ ଉଲ୍ଲେଖ କରାଯାଇଛି। ସେହିପରି ରିଟର୍ନ ଦାଖଲ ତାରିଖ ବୃଦ୍ଧି ନେଇ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ସୂଚନା ଦିଆଯାଇନାହିଁ।

**ସଂକ୍ଷେପରେ**

## ଏମ୍‌ଏସ୍‌ଆଇଏଲ୍‌ର ୮.୨୮% ବିକ୍ରି

**ନୂଆଦିଲ୍ଲୀ,୧।୮:** ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକୀ ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଏଲ୍‌ଆଇ) ପକ୍ଷରୁ ସୋମବାର ଘୋଷଣା କରାଯାଇଛି ଯେ ଚଳିତ ବର୍ଷ ଜୁଲାଇରେ ମୋଟ ବିକ୍ରିରେ ୮.୨୮ ପ୍ରତିଶତ ବୃଦ୍ଧି ହୋଇ ୧,୭୫,୯୧୬ ୟୁନିଟ୍ ହୋଇଛି। ସେହିଭଳି ଗତ ବର୍ଷ ସମାନ ଅବଧି ମଧ୍ୟରେ କମ୍ପାନୀ ମୋଟ ୧,୬୨,୪୬୨ ୟୁନିଟ୍ ଯାନ ବିକ୍ରି କରିଥିଲା ବୋଲି ଜଣାପଡିଛି। ଅପରପକ୍ଷରେ କମ୍ପାନୀର ଘରୋଇ ଯାତ୍ରୀବାହୀ ଯାନ ବିକ୍ରି ଗତ ମାସରେ ୬.୮୨% ବୃଦ୍ଧି ପାଇ ୧,୪୨,୮୫୦ ୟୁନିଟ୍‌ରେ ପହଞ୍ଚିଛି। ୨୦୨୧ ଜୁଲାଇରେ କମ୍ପାନୀ ୧,୩୩,୭୩୨ ୟୁନିଟ୍ ଯାନ ବିକ୍ରି କରିଥିଲା। ସେହିଭଳି ଇଲେକ୍ଟ୍ରୋନିକ୍ ଉପାଦାନଗୁଡ଼ିକର ଅଭାବ ମୁଖ୍ୟତଃ ଘରୋଇ ବଜାର ଯାନ ଉତ୍ପାଦନ ଉପରେ ସାମାନ୍ୟ ପ୍ରଭାବ ପକାଇଥିଲା ବୋଲି କମ୍ପାନୀ ମତବ୍ୟକ୍ତ କରିଛି।

## ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୧।୮:** ଲଗାତର ୪ର୍ଥ ଦିନ ପାଇଁ ଷ୍ଟକ୍ ବଜାର ଶେୟାର ବୃଦ୍ଧି ପାଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଅନ୍ତର୍ଜାତୀୟ ତୈଳ ବଜାରରେ କ୍ରମାଗତ ଦର ହ୍ରାସ ଏବଂ ଭାରତୀୟ ମୁଦ୍ରାର ସୁଧାର ଯୋଗୁ ଷ୍ଟକ୍ ମାର୍କେଟର ୧ମ କାର୍ଯ୍ୟ ଦିବସରେ ମଧ୍ୟ କାରବାର ଭଲ ରହିଛି। ସୋମବାର ଉଭୟ ସେନ୍‌ସେକ୍ସ ଓ ନିଫ୍ଟିରେ ୧% ରୁ ଊର୍ଦ୍ଧ୍ୱ ଶେୟାର ବୃଦ୍ଧି ଘଟିଛି। ଫଳରେ ସେନ୍‌ସେକ୍ସ ୫୪୫ (୫୪୫.୨୫) ପଏଣ୍ଟ ବୃଦ୍ଧି ଘଟି ୫୮,୧୧୫ (୫୮,୧୧୫.୫୦) ଅଙ୍କରେ କାରବାର ବନ୍ଦ ହୋଇଥିବା ବେଳେ ନିଫ୍ଟି-୫୦ରେ ୧୮୨ (୧୮୧.୮୦) ପଏଣ୍ଟ ବଢ଼ି ୧୭,୩୪୦ (୧୭,୩୪୦.୦୫) ଅଙ୍କରେ କାରବାର ଶେଷ କରିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଷ୍ଟକ୍ ବଜାରର ୧ମ କାର୍ଯ୍ୟ ଦିବସରେ ବିଶେଷ କରି ବ୍ୟାଙ୍କ, ଆଇଟି ଓ ମେଟାଲ ଏପରିକି ସେକ୍ଟୋରିଆଲ କ୍ଷେତ୍ରରେ ମଧ୍ୟ ଉନ୍ନତି ପରିଲକ୍ଷିତ ହୋଇଛି।

# ଜୁଲାଇରେ ଜିଏସ୍‌ଟି ସଂଗ୍ରହ ୨୮% ବୃଦ୍ଧି

### ୨ୟ ସର୍ବାଧିକ ଟିକସ ୧.୪୯ ଟ୍ରିଲିୟନରେ ରହିଛି

**ନୂଆଦିଲ୍ଲୀ,୧।୮**




ଭାରତୀୟ ଅର୍ଥନୀତିକୁ ମଜଭୁତ କରିବା ସହ ଦେଶର ବିକାଶ ପାଇଁ ଆବଶ୍ୟକ ପାଣ୍ଠି ସରକାର ଦେଶବାସୀଙ୍କ ଟିକସଦାତାଙ୍କଠାରୁ ଟିକସ ଆକାରରେ ଆଦାୟ କରିଥାନ୍ତି। ଏପରିକି ଦେଶବାସୀଙ୍କୁ ଉତ୍ତମ ସେବା ଓ ବିଭିନ୍ନ କର ପ୍ରଦାନରୁ ମୁକ୍ତ କରି ସାରା ଦେଶରେ ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ନାମରେ ଏକକ ଟିକସ ପ୍ରଣୟନ କରିଥିଲେ। ଦେଶରେ ଜିଏସ୍‌ଟି ବ୍ୟବସ୍ଥା ଲାଗୁ ହେବା ପରଠାରୁ ପ୍ରତି ବର୍ଷ ଏବଂ ମାସରେ ମଧ୍ୟ ଟିକସ ସଂଗ୍ରହ ପୂର୍ବାପେକ୍ଷା ଭଲ ରହୁଛି। ବିଶେଷକରି ପ୍ରତି ମାସ ଜିଏସ୍‌ଟି ଟିକସ ସଂଗ୍ରହ ବୃଦ୍ଧି ପାଉଛି। ଫଳରେ ଚଳିତବର୍ଷ ଜୁଲାଇରେ ଜିଏସ୍‌ଟି ସଂଗ୍ରହ ପ୍ରାୟ ୧.୪୯ ଟ୍ରିଲିୟନ ଟଙ୍କା ହୋଇଛି। ଗତବର୍ଷ ଜୁଲାଇ ତୁଳନାରେ ଚଳିତବର୍ଷ ଏହା ୨୮% ବୃଦ୍ଧି ଘଟିଛି।

ସେହିଭଳି ଜୁଲାଇରେ ସଂଗୃହୀତ ଟିକସ ଦେଶର ୨ୟ ସର୍ବାଧିକ ଟିକସ ସଂଗ୍ରହ ବୋଲି କୁହାଯାଉଛି। ଗତ ଏପ୍ରିଲରେ ସର୍ବାଧିକ ଜିଏସ୍‌ଟି ସଂଗ୍ରହ ୧.୬୮ ଟ୍ରିଲିୟନ ଟଙ୍କା ରେକର୍ଡ ହୋଇଛି। ସେହିପରି ଲଗାତାର ୫ମାସ ପାଇଁ ଜିଏସ୍‌ଟିର ମାସିକ ସଂଗ୍ରହ ୧.୪ ଟ୍ରିଲିୟନରୁ ଅଧିକ ହୋଇଛି ବୋଲି ସୋମବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଅପରପକ୍ଷରେ ସରକାରଙ୍କ ସୂଚନା ଅନୁଯାୟୀ ଚଳିତବର୍ଷ ଜୁଲାଇ ପର୍ଯ୍ୟନ୍ତ ଜିଏସ୍‌ଟି ରାଜସ୍ୱ ବର୍ଷ ତୁଳନାରେ ୩୫% ବୃଦ୍ଧି ପାଇଛି। ନିକଟ ଅତୀତରେ ଜିଏସ୍‌ଟି ପରିଷଦ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକର ଏହା ଏକ ସ୍ପଷ୍ଟ ପ୍ରଭାବ, ଅର୍ଥନୈତିକ ପୁନରୁଦ୍ଧାର ସହ ଉତ୍ତମ ରିପୋର୍ଟ ଜିଏସ୍‌ଟି ରାଜସ୍ୱ ଉପରେ ଏକ ସକାରାତ୍ମକ ପ୍ରଭାବ ପକାଉଛି ବୋଲି ମନ୍ତ୍ରଣାଳୟ ମତବ୍ୟକ୍ତ କରିଛି।

ସରକାରୀ ତଥ୍ୟ ଅନୁଯାୟୀ ଚଳିତବର୍ଷ ଜୁନ୍‌ରେ ୭୪.୫ ନିୟୁତ ଇ-ୱେ ବିଲ୍ ସୃଷ୍ଟି ହୋଇଥିଲା। ମେ' ମାସରେ ୭୩.୬ ମିଲିୟନ ତୁଳନାରେ ସାମାନ୍ୟ ଅଧିକ ରହିଛି ବୋଲି କୁହାଯାଇଛି।

ଚଳିତ ମାସର ମୋଟ ରାଜସ୍ୱ ସଂଗ୍ରହ ମଧ୍ୟରୁ କେନ୍ଦ୍ରୀୟ ଜିଏସ୍‌ଟି ୨୫,୭୫୧ କୋଟି ଟଙ୍କା ଥିବାବେଳେ ରାଜ୍ୟ ଜିଏସ୍‌ଟି ୩୨,୮୦୭ କୋଟି, ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି ୭୯,୫୧୮ କୋଟି ଟଙ୍କା ଏବଂ ସେସ୍ ସଂଗ୍ରହ ୧୦,୯୨୦ କୋଟି ଟଙ୍କା ରହିଛି। ସେହିପରି ମନ୍ତ୍ରଣାଳୟ କହିବା ଅନୁସାରେ ସରକାର ସିଜିଏସ୍‌ଟିକୁ ୩୨,୩୬୫ କୋଟି ଏବଂ ଏସ୍‌ଜିଏସ୍‌ଟିକୁ ୨୬,୭୭୪ କୋଟି ଟଙ୍କା ଆଇଜିଏସ୍‌ଟିରୁ ପ୍ରଦାନ କରାଯିବ। ସେହିଭଳି ନିୟମିତ ସମାଧାନ ପରେ ଜୁଲାଇରେ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ମୋଟ ରାଜସ୍ୱ ସିଜିଏସ୍‌ଟି ପାଇଁ ୫୮,୧୧୬ କୋଟି ଏବଂ ଏସ୍‌ଜିଏସ୍‌ଟି ପାଇଁ ୫୯,୫୮୧ କୋଟି ଟଙ୍କା ହେଉଛି। ଜୁଲାଇରେ ସାମଗ୍ରୀ ଆମଦାନୀରୁ ଆୟ ୪୮%ରୁ ଊର୍ଦ୍ଧ୍ୱ ଥିବାବେଳେ ଘରୋଇ କାରବାରରୁ ଆୟ (ସେବା ଆମଦାନୀକୁ ଅନ୍ତର୍ଭୁକ୍ତ କରି) ଗତବର୍ଷ ସମାନ ଅବଧିର ଏହି ଉତ୍ସରୁ ଆୟଠାରୁ ୨୨% ଅଧିକ ଥିଲା ବୋଲି କୁହାଯାଇଛି।



ହାଇ ଲାଇଫ୍ ଏକ୍‌ଜିବିଶନ ପକ୍ଷରୁ ଆୟୋଜିତ ୨ ଦିନିଆ ଫ୍ୟାଶନ ଆଣ୍ଡ୍ ଲାଇଭ ଷ୍ଟାଇଲ ପ୍ରଦର୍ଶନୀର ଶେଷ ଦିନରେ ଜାତୀୟସ୍ତରର ଡିଜାଇନରଙ୍କ ଦ୍ୱାରା ପ୍ରସ୍ତୁତ ଭିନ୍ନ ଭିନ୍ନ ଅଳଙ୍କାରକୁ ମହିଳା ଡିଜାଇନରମାନେ ପ୍ରଦର୍ଶନ କରୁଛନ୍ତି।

## ଆପୋଲୋରେ ଅଭିନବ ପରୀକ୍ଷା ବ୍ୟବସ୍ଥା




**ଭୁବନେଶ୍ୱର,୧।୮**

ରକ୍ତ ପରୀକ୍ଷାରୁ ହିଁ ଚିହ୍ନଟ ହୋଇପାରିବ ସ୍ତନ କର୍କଟ ରୋଗ। ରକ୍ତ ପରୀକ୍ଷା କ୍ଷେତ୍ରରେ ଏହି ବୈପ୍ଳବିକ ପରିବର୍ତ୍ତନ ସହ କର୍କଟ ରୋଗରୁ ମହିଳାମାନଙ୍କର ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ଭୁବନେଶ୍ୱର ସ୍ଥିତ ଆପୋଲୋ ହସ୍ପିଟାଲ ପକ୍ଷରୁ ଆରମ୍ଭ ହୋଇଛି 'ଇଜି ଚେକ୍ ବ୍ରେଷ୍ଟ କ୍ୟାନସର୍' ଭଳି ଏକ ଅଭିନବ ପରୀକ୍ଷା ବ୍ୟବସ୍ଥା। ଏହା କର୍କଟ ରୋଗ ଚିହ୍ନଟ କ୍ଷେତ୍ରରେ ସର୍ବବୃହତ ବୈଷୟିକ ସଫଳତା ବୋଲି କୁହାଯାଉଛି। ଭାରତରେ ଅତ୍ୟାଧୁନିକ ପଦ୍ଧତିରେ କ୍ୟାନସର ଚିକିତ୍ସା ପ୍ରଦାନ କରୁଥିବା ଅଗ୍ରଣୀ ଘରୋଇ ଡାକ୍ତରଖାନା ଆପୋଲୋ ହସ୍ପିଟାଲ ଓ ଡାଟା କ୍ୟାନସର ଜେନେଟିକ୍ସର ସହଭାଗିତାରେ ଏହି ବୈପ୍ଳବିକ ରକ୍ତ ପରୀକ୍ଷା ପଦ୍ଧତି ଆରମ୍ଭ ହୋଇଛି। ଏହି ପଦ୍ଧତିରେ ଲକ୍ଷଣବିହୀନ ମହିଳାଙ୍କଠାରେ ପ୍ରାଥମିକ ଅବସ୍ଥାରୁ ହିଁ ସ୍ତନ କର୍କଟ ହୋଇଛି କି ନାହିଁ ସ୍ପଷ୍ଟ ଜଣାପଡୁଛି। ଏ ସମ୍ପର୍କରେ ଆପୋଲୋ ଭୁବନେଶ୍ୱରର ସିଓଓ ଆଣ୍ଡ ଡିଏମ୍‌ଏସ୍ ଡା. ଆଲୋକ ଶ୍ରୀବାସ୍ତବ କହିଛନ୍ତି, ଆମ ସମାଜରେ ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ପ୍ରବେଶ କରି କାର୍ଯ୍ୟ କରୁଛନ୍ତି। ତେଣୁ ସେମାନଙ୍କ ପାଇଁ ସର୍ବୋତ୍ତମ ଚିକିତ୍ସା ସୁବିଧା ଉପଲବ୍ଧ ହେବା ନିଶ୍ଚିତ ଜରୁରୀ। ଏହାଦ୍ୱାରା ଅନେକ ମହିଳାଙ୍କଠାରେ କର୍କଟର ଶୀଘ୍ର ଚିହ୍ନଟ ଏବଂ ଚିକିତ୍ସା ତଥା ପ୍ରତିରୋଧ ଦ୍ୱାରା ସ୍ତନ କର୍କଟର ଭୟାବହତାଠାରୁ ମୂଲ୍ୟବାନ ଜୀବନ ରକ୍ଷା କରିହେବ। ଆପୋଲୋ ହସ୍ପିଟାଲ୍ ସମସ୍ତ ଆପୋଲୋ ଡାକ୍ତରଖାନାଗୁଡ଼ିକରେ ଏହି ସେବା ଉପଲବ୍ଧ କରାଇବା ପାଇଁ ଡାଟାର ଜେନେଟିକ୍ସ ସଂସ୍ଥା ସହ ମିଳିତ ଭାବେ କାର୍ଯ୍ୟ କରୁଛିବୋଲିଶ୍ରୀବାସ୍ତବମତବ୍ୟକ୍ତକରିଛନ୍ତି।

## ଟଙ୍କା ମୂଲ୍ୟରେ ୨୨ ପଇସା ଉନ୍ନତି

**ନୂଆଦିଲ୍ଲୀ,୧।୮**

ଗତ କିଛି ମାସ ହେବ ବିଭିନ୍ନ କାରଣ ଯୋଗୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଜାରି ରହିଛି। ସେହିଭଳି ସୋମବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ୨୨ ପଇସା ବୃଦ୍ଧି ଘଟି ୭୯.୦୨ ଟଙ୍କାରେ ରହିଛି। ଉଲ୍ଲେଖଯୋଗ୍ୟ ଯେ ଅନ୍ତର୍ଜାତୀୟ ତୈଳ ବଜାରରେ କ୍ରମାଗତ ଭାବେ ଦର ହ୍ରାସ ହେବା ସହ ଆନ୍ତଃବ୍ୟାଙ୍କ ବୈଦେଶିକ ମୁଦ୍ରା ବଜାର କାରବାରରେ ମଧ୍ୟ ଭାରତୀୟ ମୁଦ୍ରା ତୁଳନାରେ ଡଲାରର ମୂଲ୍ୟ ହ୍ରାସ ଘଟିଥିଲା।

## ୭ ଦିନରେ ୧.୫ଲକ୍ଷ କୋଟି ରାଜସ୍ୱ ଆଦାୟ

**ନୂଆଦିଲ୍ଲୀ,୧।୮**

ଗତ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୫-ଜି ସ୍ପେକ୍ଟ୍ରମ ନିଲାମି ସପ୍ତମ ଦିନରେ ପହଞ୍ଚିଛି। ସୋମବାର ମୋଟ ୯ ରାଉଣ୍ଡ ନିଲାମି ପ୍ରକ୍ରିୟା ହୋଇଥିବାବେଳେ ପ୍ରାୟ ୪୩ କୋଟି ଟଙ୍କାର ବିଡିଂ ଆଦାୟ ହୋଇଥିଲା। ଫଳରେ ସ୍ପେକ୍ଟ୍ରମ ବିକ୍ରିରୁ ସରକାର ମୋଟ ଆକାରରେ ୭ ଦିନ ମଧ୍ୟରେ ୧,୫୦,୧୭୩ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛନ୍ତି। ଉକ୍ତ ନିଲାମିରୁ ସରକାର ୮୦,୦୦୦ କୋଟି ଟଙ୍କା ଆୟ କରିବା ନେଇ ଅନୁମାନ କରିଥିଲେ। ସେହିଭଳି ନିଲାମି ପ୍ରକ୍ରିୟାରେ ସାମିଲ କମ୍ପାନୀଗୁଡିକ ୭୫୦୦ କୋଟି ଟଙ୍କା ଦେବାର ଅଛି। ଏହା ପରେ ସରକାର କମ୍ପାନୀଗୁଡିକୁ ଅଗଷ୍ଟ ୧୫ ପୂର୍ବରୁ ପ୍ରଥମ ପର୍ଯ୍ୟାୟ ସ୍ପେକ୍ଟ୍ରମ ଆବଣ୍ଟନ କରିବେ ବୋଲି ଜଣାପଡ଼ିଛି। ସେହିପରି କମ୍ପାନୀଗୁଡ଼ିକ ସେପ୍ଟେମ୍ବରରୁ ଅକ୍ଟୋବର ଶେଷ ସୁଦ୍ଧା ୫-ଜି ସେବା ଦେଶର ପ୍ରମୁଖ ସହରଗୁଡ଼ିକରେ ଆରମ୍ଭ କରିପାରନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ ଆକଳନ କରାଯାଇଛି। ୫ଜି ସ୍ପେକ୍ଟ୍ରମ ନିଲାମିରେ ରିଲାଏନ୍ସ ଜିଓ ଓ ଭାରତୀୟ ଏୟାରଟେଲ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ଭୋଡାଫୋନ-ଆଇଡିଆ ଏବଂ ଆଦାନୀ ଗ୍ରୁପର ମଧ୍ୟ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ବିଡିଂ କରିଥିଲେ। ଜୁଲାଇ ୨୬ରୁ ଆରମ୍ଭ ହୋଇଥିବା ୫-ଜି ସ୍ପେକ୍ଟ୍ରମ ନିଲାମରେ ମୋଟ ୭୨ ଗିଗାହର୍ଜ୍ ସ୍ପେକ୍ଟ୍ରମ ନିଲାମ ହୋଇଛି। ଆସନ୍ତା ୨୦ ବର୍ଷ ପାଇଁ ଏସବୁ ସ୍ପେକ୍ଟ୍ରମ ନିଲାମ ହୋଇଛି।

**ଫୁରସତ୍**

# ଚର୍ଚ୍ଚାରେ ମାନବ ଚାଲାଣ ପୀଡ଼ିତା

**କୋଲକାତା:** ପଶ୍ଚିମବଙ୍ଗର ୨୨ ବର୍ଷୀୟା ଯୁବତୀ ଖୁବ୍ କମ୍ ବୟସରେ ବହୁ ଦୁଃଖ ଓ କଷ୍ଟର ମୁହୂର୍ତ୍ତ ଦେଇ ଗତି କରିଛନ୍ତି। ବର୍ତ୍ତମାନ ଯୁବତୀ ଜଣଙ୍କ ନୂଆ କରି ନିଜ ଜୀବନ ଆରମ୍ଭ କରିଥିବାବେଳେ ଉଚ୍ଚଶିକ୍ଷା ପାଇଁ ମନବଳାଇଛନ୍ତି। ବହୁ ଘାତ ପ୍ରତିଘାତ ପରେ ଚଳିତବର୍ଷ ସେ ଯୁକ୍ତ ଦୁଇ ପାସ୍ କରିଛନ୍ତି। ଏବେ ସ୍ନାତକ ଡିଗ୍ରୀ ପଢ଼ିବା ଆଗ୍ରହ ପ୍ରକାଶ କରିଛନ୍ତି। ୨୨ ବର୍ଷ ବୟସରେ ଯେଉଁଠି +୩ ପାଠପଢ଼ା ସରିବା କଥା ସେ ବୟସରେ ଡିଗ୍ରୀ ପାଠ ପଢ଼ା ଆରମ୍ଭ କରିବା କଥା ଅଜବ ଲାଗୁଥାଇପାରେ। କିନ୍ତୁ ଯେଉଁ ବୟସରେ ସ୍କୁଲ ଓ କଲେଜ ପଢ଼ିବା କଥା ସେ ବୟସରେ ଯୁବତୀ ଜଣଙ୍କ ତାଙ୍କ ଜୀବନର ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରିଥିଲେ। ମାନବଚାଲାଣ ଜରିଆରେ ଯୁବତୀ ଜଣଙ୍କୁ ୩ ଥର ବିକ୍ରି କରାଯାଇଥିବାବେଳେ ଏକାଧିକ ଥର ତାଙ୍କୁ ବଳାତ୍କାର କରାଯାଇଛି। ଖାଲି ସେତିକି ନୁହେଁ ନିଜ ବୟସର ତିନିଗୁଣା ବୟସର ବ୍ୟକ୍ତିଙ୍କ ସହ ତାଙ୍କ ବାହାଘର ମଧ୍ୟ ହୋଇଥିଲା। ସୋସିଆଲ ମିଡିଆ ଜରିଆରେ ଜଣେ ଯୁବକଙ୍କ ସହ ପ୍ରେମରେ ପଡ଼ିବା ପରେ ୨୦୧୫ ଜାନୁୟାରୀ ୭ରେ କୋଲକାତା ସାଇନ୍ସ ସିଟି ନିକଟରେ ତାଙ୍କୁ ଭେଟିଥିଲେ। ସେଠାରୁ ଦୁହେଁ ବସରେ ୧୦ କି.ମି. ଦୂର ବାବୁଘାଟ ଯାଇଥିଲେ। ସେ ସମୟରେ ଯୁବତୀଙ୍କୁ ମାତ୍ର ୧୫ ବର୍ଷ।



■ ଦେଢ଼ ଲକ୍ଷରେ ବିକିଥିଲେ ପ୍ରେମିକ

■ ନର୍କ ଯନ୍ତ୍ରଣାରୁ ମୁକ୍ତି ପରେ ଜୀବନ ଗଢ଼ୁଛନ୍ତି ଯୁବତୀ

ପ୍ରେମିକ ରାହୁଲ ତାଙ୍କୁ ବସ୍‌ରେ ଛାଡ଼ିଦେଇ ସଙ୍ଗେ ସଙ୍ଗେ ଆସୁଛି କହି କେଉଁଆଡେ ଚାଲିଯାଇଥିଲେ। କିଛି ସମୟ ପରେ ଆଉ ଜଣେ ଯୁବକ ସେଠାକୁ ଆସି ରାହୁଲଙ୍କ ସାଙ୍ଗର ପରିଚୟ ଦେଇ ଯୁବତୀଙ୍କୁ ଟ୍ରେନ୍‌ରେ ବସେଇ ବିହାର ନେଇଯାଇଥିଲେ। ଉକ୍ତ ଯୁବକଙ୍କୁ ରାହୁଲ ୧.୫ ଲକ୍ଷ ଟଙ୍କାରେ ଯୁବତୀଙ୍କୁ ବିକ୍ରି କରିଦେଇଥିଲେ। ବିହାରରେ ପହଞ୍ଚି ଉକ୍ତ ଯୁବତୀଙ୍କୁ ରାହୁଲଙ୍କ ସାଙ୍ଗ ବୋଲି ପରିଚୟ ଦେଇଥିବା ବ୍ୟକ୍ତି କମଲ ନାମକ ଆଉ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଲେ। ଏହାପରେ କମଲ ଉତ୍ତର ପ୍ରଦେଶ ବିଜନୋରର ଚିତ୍ରା ନାମ୍ନୀ ମହିଳାଙ୍କୁ ନାବାଳିକାଙ୍କୁ ବିକ୍ରି କରିଦେଲେ। ଚିତ୍ରା ତାଙ୍କ ୪୫ ବର୍ଷୀୟ ଭାଇଙ୍କ ସହ ନାବାଳିକାଙ୍କୁ ବାହା କରିଦେଲେ। ବିବାହର ଗୋଟିଏ ମାସ ପରେ ତାଙ୍କ ସ୍ୱାମୀ ଯୁବତୀଙ୍କୁ ଛାଡ଼ି ଚାଲିଗଲେ। ଏହାପରେ ଚିତ୍ରାଙ୍କ ପୁଅ ବାରମ୍ବାର ନାବାଳିକାଙ୍କୁ ବଳାତ୍କାର କରିଥିଲେ। ବହୁ ନିର୍ଯାତନା ପାଇବା ପରେ ଦିନେ ଯୁବତୀ ଜଣଙ୍କ ଚିତ୍ରାଙ୍କ ମୋବାଇଲରୁ ପଶ୍ଚିମବଙ୍ଗରେ ରହୁଥିବା ତାଙ୍କ ମା'ଙ୍କୁ ଫୋନ୍ କରି ସବୁ କଥା କହିଥିଲେ। ପୋଲିସକୁ ଘଟଣା ସମ୍ପର୍କରେ ସୂଚନା ଦେବା ପରେ ପୀଡ଼ିତାଙ୍କ ମୋବାଇଲ ତଦନ୍ତକାରୀ ଅଧିକାରୀ ଟ୍ରେସ୍ କରିଥିଲେ। ତାଙ୍କ ଫୋନ୍‌ର ଲାଷ୍ଟ ଲୋକେଶନ୍ ବିହାର ଦେଖାଇଥିବାବେଳେ ପୋଲିସ ସେଠାରୁ ପ୍ରଥମେ ଯୁବତୀଙ୍କ ପ୍ରେମିକ ରାହୁଲଙ୍କୁ ଗିରଫ କଲେ। ଏଥିରେ ଡରିଯାଇ ଚିତ୍ରା କମଲ ସାହାଯ୍ୟରେ ନାବାଳିକାଙ୍କୁ ଅନ୍ୟ ସ୍ଥାନକୁ ପଠାଇବାର ବନ୍ଦୋବସ୍ତ କଲେ। କମଲ ତାଙ୍କର ଜଣେ ସହଯୋଗୀ ବିଶମ ସହ ମିଶି ପୀଡ଼ିତାଙ୍କୁ ଉତ୍ତରାଖଣ୍ଡ କାଶିପୁରର ରେଳ ଜଙ୍କଶନ୍‌ରେ ନେଇ ଛାଡ଼ିଦେଇଥିଲେ। ଠିକ୍ ସମୟରେ ସିଆଇଡିର ଏକ ଟିମ୍ ସେଠାରେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରି ପଶ୍ଚିମବଙ୍ଗ ନେଇ ଆସିଥିଲେ। ଘଟଣାରେ ମୋଟ ୬ ଜଣଙ୍କୁ ଗିରଫ କରିଛି ସିଆଇଡି। ରାହୁଲ ଓ କମଲଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡ ମିଳିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ୨୦ ବର୍ଷ ଦଣ୍ଡାଦେଶ ମିଳିଛି। ପ୍ରବଳ ମାନସିକ ଆଘାତ ପାଇବା କାରଣରୁ ପାଖାପାଖି ୧ ମାସ କାଳ ଯୁବତୀ ଜଣଙ୍କ କାହାରି ସହ କଥା ହୋଇ ନ ଥିଲେ କି କହିବାର କ୍ଷମତା ତାଙ୍କ ପାଖରେ ନ ଥିଲା। ଏହାପରେ ଏକ ସରକାରୀ ଆବାସରେ ରହି ଯୁବତୀ ଜଣକ ପାଠପଢ଼ା ଆରମ୍ଭ କରିଥିଲେ।

## 'ଲାଲ୍ ସିଂ ଚଢ୍ଢା': ରିଲିଜ୍ ପୂର୍ବରୁ ବିବାଦ



ଆମିର ଖାନ୍

**ମୁମ୍ବାଇ:** ବଲିଉଡ୍ ଅଭିନେତା ଆମିର ଖାନ୍‌ଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଲାଲ୍ ସିଂ ଚଢ୍ଢା' ରିଲିଜ୍ ହେବା ପୂର୍ବରୁ ବିବାଦରେ ଛନ୍ଦି ହୋଇପଡ଼ିଛି। ଟୁଇଟର ହାଣ୍ଡେଲରେ ଫିଲ୍ମ ଓ ଅଭିନେତା ଆମିର ଖାନ୍‌ଙ୍କୁ ବଏକଟ୍ କରିବା ପାଇଁ ଏକ ଟ୍ରେଣ୍ଡ ଆରମ୍ଭ ହୋଇଛି। ତେବେ ଏ ନେଇ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ରଖିଛନ୍ତି ଆମିର ଖାନ୍। ସେ କହିଛନ୍ତି, ମୋ ଫିଲ୍ମକୁ କିମ୍ବା ମୋତେ ବୟକଟ କରା ନ ଯାଉ। କେତେଜଣ ଦେଶବାସୀ ଭାବୁଛନ୍ତି ଯେ, ମୁଁ ଭାରତକୁ ପସନ୍ଦ କରେ ନାହିଁ। ସେହି ବ୍ୟକ୍ତି ବିଶେଷଙ୍କ ଏ ପ୍ରକାର ମନୋବୃତ୍ତି ପାଇଁ ମୁଁ ଦୁଃଖିତ। ସେମାନଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ମିଥ୍ୟା। ମୋତେ ଓ ମୋ ଫିଲ୍ମକୁ ଗୋଟିଏ ସୁଯୋଗ ଦିଆଯାଉ ବୋଲି ଦର୍ଶକଙ୍କ ସମ୍ମୁଖରେ ଆମିର ଗୁହାରି କରିଛନ୍ତି। ୨୦୧୫ରେ ଆମିର ନିଜର ଏକ ସାକ୍ଷାତ୍‌କାରରେ ଦେଇଥିବା ମନ୍ତବ୍ୟକୁ ଆଧାର କରି ବର୍ତ୍ତମାନ ଟୁଇଟରରେ ବଏକଟ ଟ୍ରେଣ୍ଡ ଆରମ୍ଭ ହୋଇଛି। ଇଣ୍ଟରଭ୍ୟୁରେ ଆମିର କହିଥିଲେ ଦେଶରେ ଅସହିଷ୍ଣୁତା ବଢ଼ିବାରେ ଲାଗିଛି ସେଥିପାଇଁ ଦେଶ ଛାଡ଼ି ଅନ୍ୟ ଦେଶକୁ ସ୍ଥାନାନ୍ତର ହେବା ପାଇଁ ମୋ ସ୍ତ୍ରୀ କିରଣ ରାୟ ମୋତେ କହିଥିଲେ। କିଛିଦିନ ତଳେ ଏହାର ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିବାଦ ଆରମ୍ଭ ହୋଇଛି। ଫିଲ୍ମରେ ଆମିର ଖାନ୍ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ କରୀନା କପୁର ଖାନ୍ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି। ସାଉଥ୍ ଫିଲ୍ମ ଅଭିନେତା ନାଗା ଚୈତନ୍ୟଙ୍କର ଏହା ବଲିଉଡ୍ ଡେବ୍ୟୁ। ଫିଲ୍ମରେ ଅଭିନୟ ସାଙ୍ଗକୁ ଏହାର ସହ ପ୍ରଯୋଜକ ମଧ୍ୟ ଆମିର। ହଲିଉଡ୍ ଫିଲ୍ମ 'ଫୋରେଷ୍ଟ ଗମ୍ପ'ର ରିମେକ୍ ହେଉଛି ଲାଲ୍ ସିଂ ଚଢ୍ଢା।

## ସଂଗ୍ରହାଳୟରେ ପରିଣତ ହେବ ପୁଷ୍ପାବନ୍ତ ରାଜପ୍ରାସାଦ

**ଅଗରତାଲା:** ପ୍ରତିଷ୍ଠିତ ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ପାଇଁ ରାଜପ୍ରାସାଦର ଦରବାର ସବୁବେଳେ ଖୋଲା। କିନ୍ତୁ ତ୍ରିପୁରାର ଶତାଧିକ ବର୍ଷ ପୁରୁଣା ପୁଷ୍ପାବନ୍ତ ରାଜପ୍ରାସାଦ ଏବେ ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। କାରଣ ଏହି ପ୍ୟାଲେସ୍‌କୁ ଜାତୀୟ ସ୍ତରୀୟ ସଂଗ୍ରହାଳୟରେ ପରିଣତ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ତେବେ ଏହି ରାଜପ୍ରାସାଦ ସହିତ ପ୍ରସିଦ୍ଧ ଲେଖକ ରବୀନ୍ଦ୍ରନାଥ ଟାଗୋରଙ୍କ ସମ୍ପର୍କ ଖୁବ୍ ମଧୁର ଓ ପୁରୁଣା। ନିଜ ଜୀବନ କାଳ ମଧ୍ୟରେ ରବିନ୍ଦ୍ର ନାଥ ପାଖାପାଖି



୭ ଥର ଏହି ରାଜପ୍ରାସାଦକୁ ଯାଇଛନ୍ତି। ଶହେ ବର୍ଷର ପୁରୁଣା ଏହି ରାଜପ୍ରାସାଦକୁ ୧୯୧୭ରେ ମହାରାଜା ବୀରେନ୍ଦ୍ର କିଶୋର ମାନିକ୍ୟଙ୍କ ତତ୍ତ୍ୱାବଧାନରେ ନିର୍ମାଣ କରାଯାଇଥିବାବେଳେ ଏହାର ଡିଜାଇନ୍ ମଧ୍ୟ ସେ ନିଜେ ତିଆରି କରିଥିଲେ। ମହାରାଜା ବୀରେନ୍ଦ୍ର ଜଣେ ଉତ୍ତମ ଚିତ୍ରକର। ପ୍ରାସାଦର ପ୍ରତ୍ୟେକ ପ୍ରକୋଷ୍ଠରେ ତାଙ୍କ ଦ୍ୱାରା ଚିତ୍ରିତ ପେଣ୍ଟିଂ ସଜାଇ ହୋଇ ରଖାଯାଇଛି। ୧୯୨୬ରେ ରବୀନ୍ଦ୍ରନାଥ ଶେଷ ଥର ପାଇଁ ତ୍ରିପୁରା ଯାଇଥିବାବେଳେ ପୁଷ୍ପାବନ୍ତ ରାଜପ୍ରାସାଦରେ ସେ ରହିଥିଲେ। ୧୯୪୧ରେ ମହାରାଜା ବୀର ବୀକ୍ରମ କିଶୋର ମାନିକ୍ୟ ପ୍ୟାଲେସ୍‌ରେ ରବୀନ୍ଦ୍ରନାଥ ଟାଗୋରଙ୍କର ୮୦ ତମ ଜନ୍ମ ବାର୍ଷିକ ପାଳନ କରାଯାଇଥିଲା। ୧୯୪୯ରେ ରାଜାଙ୍କ ଦ୍ୱାରା ଶାସିତ ପ୍ରଦେଶ ସବୁ ଭାରତ ସହ ମିଶିଥିଲା। ପୁଷ୍ପାବନ୍ତ ରାଜ ପ୍ରାସାଦର ପ୍ରାୟ ୪.୩୧ ଏକର ପରିମିତ ସ୍ଥାନ ମଧ୍ୟ ଏଥିରେ ସାମିଲ ହୋଇଥିଲା। ଏହାପରେ ରାଜପ୍ରାସାଦକୁ ମୁଖ୍ୟ କମିଶନରଙ୍କ ବଙ୍ଗଳା ଭାବେ କାର୍ଯ୍ୟକାରୀ କରାଗଲା।



କ୍ଷେତ ମୁଲିଆଙ୍କ ପାଇଁ କେନ୍ଦ୍ରୀୟ ଆଇନ ପ୍ରଣୟନ ସକାଶେ ଭାରତୀୟ କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ବିକ୍ଷୋଭ କରାଯାଉଛି।

# ଦ୍ରୌପଦୀ ମୁର୍ମୁଙ୍କୁ ସମ୍ବର୍ଦ୍ଧନା

## ଆଜି ଦିଲ୍ଲୀ ଗସ୍ତ କରିବ ୨୬ ଜଣିଆ ବିଧାୟକ ଟିମ୍

ଭୁବନେଶ୍ୱର,୧୮(ବ୍ୟୁରୋ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ପାଇଁ ମଙ୍ଗଳବାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ବିଧାନସଭାର ୨୬ ଜଣିଆ ବିଧାୟକ ଟିମ୍ ନୂଆଦିଲ୍ଲୀ ଗସ୍ତ କରି ରାଷ୍ଟ୍ରପତିଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ୧୫ ଜଣ, ଭାଜପାର ୬, କଂଗ୍ରେସର ୩ ଏବଂ ଜଣେ ସିପିଏମ୍ ସଦସ୍ୟ ଯିବେ ବୋଲି ଚୂଡ଼ାନ୍ତ ହୋଇଛି। ଏହି ଟିମ୍‌ରେ ଉପବାଚସ୍ପତି ରଜନୀକାନ୍ତ ସିଂ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ବିଧାୟକ ସୁଦାମ ମାର୍ଣ୍ଡି, ଦେବୀ ପ୍ରସାଦ ମିଶ୍ର, ସ୍ନେହାଙ୍ଗିନୀ ଛୁରିଆ, ପଦ୍ମିନୀ ଦିଆନ, ନରସିଂହ ମିଶ୍ର, ତାରା ପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା, ମୋହନ ଚରଣ ମାଝୀ, କୁସୁମ ଟେଟେ, ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଦିଲ୍ଲୀ ଯିବେ। ଅଗଷ୍ଟ ୩ ଅର୍ଥାତ୍ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଧାୟକ ଦଳ ଭେଟି ସମ୍ବର୍ଦ୍ଧନା ଜଣାଇବ। ଦେଶର ସର୍ବୋଚ୍ଚ ଆସନରେ ଅଭିଷିକ୍ତା ଦ୍ରୌପଦୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ନିମନ୍ତେ ଜୁଲାଇ ୨୫ରେ ସର୍ବସମ୍ମତିକ୍ରମେ ବିଧାନସଭାରେ ଆଗତ ସଙ୍କଳ୍ପ ଗୃହୀତ ହୋଇଥିଲା। ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏ ସମ୍ପର୍କିତ ସଙ୍କଳ୍ପକୁ ଗୃହରେ ଆଗତ କରିଥିଲେ। ରାଷ୍ଟ୍ରପତିଙ୍କୁ ଭେଟିବା ପୂର୍ବରୁ ସମସ୍ତ ବିଧାୟକଙ୍କ କୋଭିଡ୍ ପରୀକ୍ଷା କରାଯିବ ବୋଲି ସୂଚନା ମିଳିଛି।

ସପ୍ତଦଶ ଜନ୍ମଦିନ ଶୁଭେଚ୍ଛା

ସ୍ୱୀକୃତି ପଟ୍ଟନାୟକ
ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର
ତୋର ସପ୍ତଦଶ ଜନ୍ମଦିବସ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶିରିଡି ବାବାଙ୍କ ନିକଟରେ ପ୍ରାର୍ଥନା ସେ ତୋର ଚଲାପଥ ସର୍ବଦା କୁସୁମିତ କରିବା ସହ ତୋତେ ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ: ବୋଉମା, ମାମି, ପାପା, ମାମା, ମଷ୍ଟୁକାକୁ, ସାନମା, ଚଣ୍ଟୁକାକୁ, କାକୀ, ଚିଣ୍ଟୁକାକୁ, ସାନକାକୀ, ବୁଲୁ ଭାଇନା, ଅପା, ଗୁଡୁ ଭାଇ, ପ୍ରେମ୍, ରାଜ୍, ଶ୍ୱେତା, ସିଦ୍ଧେଶ, ଅଜା, ଆଈ, ବନ୍ଧୁ ଓ ପରିବାରବର୍ଗ।
ଧ-୧୧୬୭

## ରାଜ୍ୟପାଳଙ୍କୁ ଭେଟିଲେ ଭାଜପା ପ୍ରତିନିଧି ଦଳ

# ନଦୀ ପାଇଁ ଚିନ୍ତା ନାହିଁ

ଭୁବନେଶ୍ୱର, ୧୮(ବ୍ୟୁରୋ)

ନଦୀଗୁଡ଼ିକ ଉପରେ ମାନବ ସଭ୍ୟତା ସର୍ବଦା ନିର୍ଭରଶୀଳ। ଓଡ଼ିଶାର ପ୍ରାୟ ସାଢ଼େ ୪ କୋଟି ଲୋକ ତାଙ୍କ ଦୈନନ୍ଦିନ ଜୀବନରେ ନଦୀ ଉପରେ ନିର୍ଭର କରିବା ସହ କୃଷି, ପଶୁପାଳନ ପାଇଁ ମଧ୍ୟ ସର୍ବଦା ନିର୍ଭର କରିଥାଆନ୍ତି। ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବଂଶଧାରା, ଋଷିକୁଲ୍ୟା, ଇନ୍ଦ୍ରାବତୀ, ନାଗାବଳୀ ଓ ତେଲ୍ ନଦୀ ଓଡ଼ିଶାରେ ପ୍ରବାହିତ ହେଉଛି। କିନ୍ତୁ ଅପାରଗ ରାଜ୍ୟ ସରକାରଙ୍କ ଲାଗି ଓଡ଼ିଶାର ନଦୀ ଶୁଷ୍କ ଓ ପ୍ରଦୂଷିତ ହୋଇଗଲାଣି ବୋଲି ଭାଜପା ଅଭିଯୋଗ କରିଛି।

ଭାଜପାର ଏକ ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି ଯେ, ବିଭିନ୍ନ କଳ କାରଖାନା ଓ ଶିଳ୍ପଗୁଡ଼ିକ ନଦୀରୁ ମାତ୍ରାଧିକ ଜଳ ଶୋଷି ନେଉଛନ୍ତି। ହେଲେ ରାଜ୍ୟ ସରକାର ଜାଣିଶୁଣି ଏ ଦିଗରେ ଚୁପ୍ ରହୁଛନ୍ତି। ନଦୀକୁ ସୁରକ୍ଷା ଦେବା ଲାଗି ଭାଜପାର ନଦୀ ସୁରକ୍ଷା ସମିତିର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଶିଳ୍ପ କାରଖାନା ନଦୀଜଳ ବ୍ୟବହାର ପରେ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଯୋଗେ ପରିଷ୍କାର କରି ପୁନର୍ବାର ବ୍ୟବହାର କରିବା କଥା, ମାତ୍ର କମ୍ପାନୀଗୁଡ଼ିକ ମଇଳା ଜଳକୁ ସଫା ନ କରି ସିଧାସଳଖ ନଦୀକୁ ଛାଡୁଛନ୍ତି। ଫଳରେ ନଦୀଜଳ ପ୍ରଦୂଷିତ ହେଉଛି। ଫଳରେ ବିଭିନ୍ନ ଚର୍ମରୋଗ, ହଇଜା, କଲେରା ଓ ଅନ୍ୟାନ୍ୟ ରୋଗ ବ୍ୟାପୁଥିଲେ ମଧ୍ୟ ସରକାର ଏନେଇ କୌଣସି ପଦକ୍ଷେପ ନେଉନାହାନ୍ତି।

# ୪ କଂଗ୍ରେସ ଏମ୍‌ପିଙ୍କ ଉପରୁ ନିଲମ୍ବନ ଉଠିଲା

ନୂଆଦିଲ୍ଲୀ,୧୮

ଲୋକ ସଭାରୁ ନିଲମ୍ବିତ ହୋଇଥିବା ୪ କଂଗ୍ରେସ ସଦସ୍ୟଙ୍କ ଉପରୁ ବାଚସ୍ପତି ଓମ୍ ବିର୍ଲା ସୋମବାର ନିଲମ୍ବନ ହଟାଇ ଦେଇଛନ୍ତି। ଗୃହରେ ବିଶୃଙ୍ଖଳିତ ଆଚରଣ ନ କରିବା ଏବଂ ପ୍ଲାକାର୍ଡ ନ ଆଣିବା ପାଇଁ ସେମାନଙ୍କୁ ଚେତାବନୀ ଦିଆଯାଇଛି। ଗୃହରେ ପ୍ଲାକାର୍ଡ ଦେଖାଇଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଚସ୍ପତି କହିଛନ୍ତି।

ଗୃହରେ ପ୍ରତିବାଦ କରିବା ସହ ସ୍ଲୋଗାନ ଦେବା ଏବଂ ପ୍ଲାକାର୍ଡ ଓ ପୋଷ୍ଟର ଦେଖାଇଥିବା କଂଗ୍ରେସ ଏମପି ମାଣିକମ ଟାଗୋର, ରମ୍ୟା ହରିଦାସ, ଜୋଥିମାନି ଏବଂ ଟି.ଏନ୍. ପ୍ରଥାପନଙ୍କୁ ଜୁଲାଇ ୨୫ରୁ ମୌସୁମୀ ଅଧିବେଶନ ଶେଷ ପର୍ଯ୍ୟନ୍ତ ନିଲମ୍ବନ କରାଯାଇଥିଲା। ସୋମବାର ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ବାଚସ୍ପତିଙ୍କ ଅନୁରୋଧ କ୍ରମେ ୪ ଏମ୍‌ପିଙ୍କ ଉପରୁ ନିଲମ୍ବନ ଉଠାଇବା ପାଇଁ ସରକାର ପ୍ରସ୍ତାବ ଆଣିଥିଲେ। ଗୃହରେ ସେମାନଙ୍କ ଆଚରଣ ସମସ୍ତଙ୍କୁ ଆଘାତ ଦେଇଥିଲା। ଗୃହର ମର୍ଯ୍ୟାଦା ଓ ଶିଷ୍ଟତା ରକ୍ଷା କରିବା ଆମ ସମସ୍ତଙ୍କର ମିଳିତ ଦାୟିତ୍ୱ ବୋଲି ବାଚସ୍ପତି ବିର୍ଲା କହିଥିଲେ।

# ଆରମ୍ଭ ହେଲା ଭୋଟର ତାଲିକା ସଂଶୋଧନ

ଭୁବନେଶ୍ୱର, ୧୮(ବ୍ୟୁରୋ)

- ୧୭ରୁ ଉର୍ଦ୍ଧ୍ୱ ବର୍ଷ ଯୁବକଙ୍କ ଲାଗି ଆଗୁଆ ଆବେଦନ ସୁବିଧା
- ଭୋଟର ତାଲିକାରେ ଆଧାର ସଂଯୋଗୀକରଣ ପ୍ରକ୍ରିୟା ଆରମ୍ଭ
- ପ୍ରତି ୩ ମାସରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ହେବ: ମୁଖ୍ୟ ନିର୍ବାଚନ ଅଧିକାରୀ

କେନ୍ଦ୍ର ସରକାରଙ୍କ ଆଇନ ଓ ବିଚାର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଲୋକପ୍ରତିନିଧି ଆଇନ ୧୯୫୦/୧୯୫୧ର ପରିବର୍ତ୍ତନ କରାଯାଇ ଭୋଟର ତାଲିକାରେ କେତେଗୁଡ଼ିଏ ସଂଶୋଧନ କରାଯାଇଛି। ଏହା ସୋମବାରଠାରୁ କାର୍ଯ୍ୟକାରୀ ହୋଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କହିବାନୁଯାୟୀ, ଭୋଟର ତାଲିକାରେ ନାମ ପଞ୍ଜୀକରଣ ଲାଗି କେବଳ ଫର୍ମ ନମ୍ବର-୬ରେ ଆବେଦନ କରାଯିବ। ପ୍ରବାସୀ ଭାରତୀୟ ନାଗରିକମାନେ ନାମ ପଞ୍ଜୀକରଣ ପାଇଁ ଫର୍ମ ନମ୍ବର-୬(କ)ରେ ଆବେଦନ କରିପାରିବେ। ଫର୍ମ ନମ୍ବର-୭ ଦ୍ୱାରା ଭୋଟର ତାଲିକାରୁ ନାମ ବାଦ୍‌ଦେବା ସହିତ ମୃତ୍ୟୁ ପ୍ରମାଣପତ୍ର ସଂଲଗ୍ନ କରାଯାଇପାରିବ। ସେହିପରି ଫର୍ମ ନମ୍ବର-୮ରେ ନିର୍ବାଚନମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତର ନିମନ୍ତେ ଆବେଦନ କରିବା, ଭୋଟର ତାଲିକାରେ ଥିବା ବିବରଣୀଗୁଡ଼ିକର ସଂଶୋଧନ, ପରିଚୟପତ୍ର ବଦଳ ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ନିମନ୍ତେ ଆବେଦନ କରିହେବ। ସେହିପରି ଆଧାର ସଂଯୋଗୀକରଣ ନିମନ୍ତେ ଫର୍ମ ନମ୍ବର-୬(ଖ)ରେ ଆବେଦନ କରାଯିବ। ବୁଥ୍‌ସ୍ତରୀୟ ଅଧିକାରୀ ଭୋଟରଙ୍କଠାରୁ ଆଧାର ତଥ୍ୟ ଫର୍ମ ନମ୍ବର-୬(ଖ)ରେ ସଂଗ୍ରହ କରିବେ। ୨୦୨୩ ଏପ୍ରିଲ ୧ ସୁଦ୍ଧା ତାଲିକାଭୁକ୍ତ ଭୋଟରମାନେ ସେମାନଙ୍କ ଆଧାର ବିବରଣୀ ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଯାଇଛି। ଭୋଟର ତାଲିକାରେ ନାମ ପଞ୍ଜୀକରଣ ଲାଗି ୪ଟି ଯୋଗ୍ୟତାସୂଚକ ତାରିଖ ତଥା ଜାନୁୟାରୀ ୧, ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ ତାରିଖ ରହିବ। ପୂର୍ବରୁ କେବଳ ଜାନୁୟାରୀ ୧କୁ ଯୋଗ୍ୟତାସୂଚକ ତାରିଖ ଧରାଯାଉଥିଲା। ୧୭ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଯୁବବର୍ଗ ବର୍ତ୍ତମାନ ସେମାନଙ୍କ ନାମ ଭୋଟର ତାଲିକାରେ ପଞ୍ଜୀକରଣ କରିବା ପାଇଁ ଆଗୁଆ ଆବେଦନ କରିପାରିବେ। ଯେଉଁ ନୂତନ ଭୋଟରଙ୍କ ବୟସ ଉପରୋକ୍ତ ୪ଟି ତାରିଖ ସୁଦ୍ଧା ୧୮ ବର୍ଷ ପୂରଣ ହେଉଥିବ ସେମାନେ ନିଜ ନାମ ପଞ୍ଜୀକରଣ କରିପାରିବେ। ବର୍ତ୍ତମାନଠାରୁ ପ୍ରତି ୩ ମାସରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ ହୋଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

## ବିଧାନସଭା ସମାଚାର

# ରାଜ୍ୟରେ ମୁଣ୍ଡ ପିଛା ଋଣ ୨୨,୦୪୨ଟଙ୍କା

ଭୁବନେଶ୍ୱର, ୧୮(ବ୍ୟୁରୋ)

ଓଡିଶାର ଏ.ଜି(ମହାଲେଖାକାର)ଙ୍କ ତଥ୍ୟ ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟ ସରକାରଙ୍କ ମୋଟ ଋଣ ଭାର୯୭,୭୦୨.୦୩ କୋଟି ଟଙ୍କା ରହିଛି। ଚଳିତ ବର୍ଷ ଅର୍ଥାତ୍ ୨୦୨୨-୨୩ରେ ରାଜ୍ୟ ସରକାର ୨୫,୫୮୯ କୋଟି ଟଙ୍କାର ଋଣ ଆହରଣ କରିବାକୁ ଯୋଜନା ରଖିଛନ୍ତି। ସେହିପରି ୧୪,୦୦୧.୩୧ କୋଟି ଟଙ୍କା ଋଣ ପରିଶୋଧ କରିବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି। ତେବେ ସରକାରଙ୍କ ଏଭଳି ୨୫ ହଜାର କୋଟିରୁ ଅଧିକ ଋଣ ଆଣି ୧୪ ହଜାର କୋଟି ଶୁଝିବାର ଅର୍ଥ କ'ଣ ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ବିଧାନସଭା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ମହାଲେଖାକାରଙ୍କ ତଥ୍ୟ ମୁତାବକ, ୨୦୨୧-୨୨ ଆର୍ଥିକ ବର୍ଷ ଶେଷସୁଦ୍ଧା ରାଜ୍ୟରେ ମୁଣ୍ଡପିଛା ଋଣ ଭାର ପରିମାଣ ୨୨,୦୪୨ ଟଙ୍କା ଅଟେ। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ସରକାର ରାଜ୍ୟରେ ମୋଟ୍ ରାଜସ୍ୱ ବାବଦରେ ୧,୬୩,୯୬୬ କୋଟି ୫୨ ଲକ୍ଷ ଟଙ୍କା ସଂଗ୍ରହର ଲକ୍ଷ୍ୟ ରଖିଛନ୍ତି। ସେଥିରୁ ନିଜସ୍ୱ ରାଜସ୍ୱ ଟିକସ ରାଜସ୍ୱ ବାବଦରେ ମୋଟ୍ ୪୬ ହଜାର କୋଟି ଏବଂ ନିଜସ୍ୱ ଅଣରାଜସ୍ୱ ବାବଦକୁ ମୋଟ ୪୮,୨୦୦ କୋଟି ଟଙ୍କା ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି।

ମନ୍ତ୍ରୀ ତାଙ୍କ ଉତ୍ତରରେ ଆହୁରି କହିଛନ୍ତି ଯେ, ୧୦୧ ତମ ସମ୍ବିଧାନ ସଂଶୋଧନ ଅଧିନିୟମ ୨୦୧୬ ଅନୁସାରେ ଜିଏସ୍‌ଟି ପ୍ରଚଳନ ଫଳରେ ରାଜସ୍ୱ ଆଦାୟରେ କ୍ଷତତି ଘଟିଲେ ୫ ବର୍ଷ ପାଇଁ କ୍ଷତି ପୂରଣ ଦିଆଯିବାର ବ୍ୟବସ୍ଥା ରହିଛି। ଏଥିଲାଗି ଜିଏସ୍‌ଟି ଆକ୍ଟ ୨୦୧୭ର ପରିବର୍ତ୍ତନ ହୋଇଛି। କ୍ଷତିପୂରଣ ବାବଦକୁ ୨୦୧୫-୧୬ ଆର୍ଥିକ ବର୍ଷର ସଂଗୃହିତ କର ପରିମାଣକୁ ମୂଳବର୍ଷ ରୂପେ ଗ୍ରହଣ କରାଯାଇଥିଲା। ୧୪ ପ୍ରତିଶତ ବାର୍ଷିକ ଅଭିବୃଦ୍ଧି ହାର ନିଆଯାଇଛି। ୨୦୧୫-୧୬ ବର୍ଷରାଜ୍ୟ ସରକାର ଜିଏସ୍‌ଟିରେ ମିଶ୍ରଣ ଘଟିଥିବା ଟିକସ ବାବଦକୁ ୧୧,୦୪୯.୩୪ କୋଟି ଟଙ୍କା ପାଇଥିଲେ। କ୍ଷତିଭରଣା ପ୍ରତି ୨ ମାସରେ ମିଳୁଛି। ୨୦୧୫-୧୬ ଆର୍ଥିକ ବର୍ଷରେ ସଂଗୃହିତ ରାଜସ୍ୱରେ ବାର୍ଷିକ ୧୪ ପ୍ରତିଶତ ଅଭିବୃଦ୍ଧି ହାର ପ୍ରୟୋଗ କରି ୨୦୧୭-୧୮ ଆର୍ଥିକ ବର୍ଷର ଜୁଲାଇ ୨୦୧୭ରୁ ମାର୍ଚ୍ଚ ୨୦୧୮ ପାଇଁ ୧୦,୭୬୯.୭୯ କୋଟି ଟଙ୍କା ସୁନିଶ୍ଚିତ ରାଜସ୍ୱ ଆକଳନ କରାଯାଇଥିଲା। ରାଜ୍ୟ ସରକାର ଉକ୍ତ ବର୍ଷ ପାଇଁ ୮୪୨୧.୭୧ କୋଟି ଟଙ୍କା ରାଜସ୍ୱ ପାଇଥିଲେ।


ବିଧାନସଭାରେ ସୋମବାର ମରୁଡ଼ି, ଚିଟ୍‌ଫଣ୍ଡ ପ୍ରସଙ୍ଗରେ ବିରୋଧୀ ଭାଜପା ଓ କଂଗ୍ରେସ ବିଧାୟକଙ୍କ ହଙ୍ଗାମା।

# ବିରୋଧୀଙ୍କ ହଟ୍ଟଗୋଳ

**ଚିଟ୍‌ଫଣ୍ଡ, ଫସଲବୀମା, ମରୁଡ଼ି ପ୍ରସଙ୍ଗ**

**ଭୁବନେଶ୍ୱର,୧୮(ବ୍ୟୁରୋ)**ଫସଲ ବୀମା, ବର୍ଷା ଅଭାବରୁ ରାଜ୍ୟର କେତେକ ସ୍ଥାନରେ ମରୁଡ଼ି ପରିସ୍ଥିତି ଏବଂ ଚିଟ୍‌ଫଣ୍ଡ ପ୍ରସଙ୍ଗରେ ମୁଲତବୀ ଆଲୋଚନା ଅଗ୍ରାହ୍ୟକୁ ନେଇ ବିରୋଧୀ ଦଳ ବିଧାନସଭାକୁ ଅଚଳ କରିଦେଇଥିଲେ। ପ୍ରଶ୍ନକାଳ ବାତିଲ କରି ଚାଷୀ ପ୍ରସଙ୍ଗ ଆଲୋଚନା କରିବାକୁ କଂଗ୍ରେସ ଦାବି କରିଥିବା ବେଳେ ଚିଟ୍‌ଫଣ୍ଡ ମୁଲତବୀ ପ୍ରସ୍ତାବକୁ କାହିଁକି ଅଗ୍ରାହ୍ୟ କରାଗଲା ବୋଲି ଅଭିଯୋଗ ଆଣି ଭାଜପା ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଥିଲା। ବିରୋଧୀଙ୍କ ନାରାବାଜି ଯୋଗୁ ପ୍ରଶ୍ନୋତ୍ତର, ମୁଲତବୀ, ଶୂନ୍ୟକାଳ ମିଳେଇ ଯାଇଥିଲା। ବାଚସ୍ପତି ବିକ୍ରମ କେଶରୀ ଆରୁଖ ବାଧ୍ୟହୋଇ ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ସୋମବାର ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ କଂଗ୍ରେସ ଓ ଭାଜପା ସଦସ୍ୟମାନେ ନିଜ ନିଜର ପ୍ରସଙ୍ଗକୁ ନେଇ ଗୃହର ମଧ୍ୟଭାଗରେ ହଟ୍ଟଗୋଳ କରିଥିଲେ। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ୧୦ଟା ୩୩ ମିନିଟ୍‌ରେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ପୁଣି ୧୧ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ପରିସ୍ଥିତିରେ କୌଣସି ସୁଧାର ଆସି ନ ଥିଲା। ଭାଜପା ସଦସ୍ୟମାନେ ଚିଟ୍‌ଫଣ୍ଡ ଦୁର୍ନୀତିକୁ ନେଇ ସରକାର ବିରୋଧୀ ନାରାବାଜି କରିଥିଲେ। ବାଚସ୍ପତି କହିଥିଲେ, ୨୦୧୪ ନଭେମ୍ବର ୧୧ରେ ତତ୍କାଳୀନ ବାଚସ୍ପତି ଚିଟ୍‌ଫଣ୍ଡ ପ୍ରସଙ୍ଗ ହାଇକୋର୍ଟରେ ବିଚାରାଧୀନ ଥିବାରୁ ଗୃହରେ ଏହାକୁ ଆଲୋଚନା ନ କରିବାକୁ ରୁଲିଂ ଦେଇଥିଲେ। ସେହି ରୁଲିଂ ଏବେ ବଳବତ୍ତର ରହିଛି। ମାମଲା କୋର୍ଟରେ ଥିବାରୁ ବିଧାନସଭାର କାର୍ଯ୍ୟବିଧି ଧାରା ୧୦ (iii) ଏବଂ (iv) ଅନୁଯାୟୀ ଏହାକୁ ଆଲୋଚନା ଲାଗି ଗ୍ରହଣ କରାଯାଇପାରିବ ନାହିଁ। ଗୃହରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ସେ ବିଷୟରେ ଆଲୋଚନା ହେବ। ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାଚସ୍ପତି ଭାଜପା ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ପୁଣି ହଟ୍ଟଗୋଳ ହେବାରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକିଥିଲେ। ପରେ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରାଯାଇଥିଲା। ଅପରାହ୍ନରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

CLASSIFIED DISPLAY ALL EDITION - B/W (Everyday)
MORE SPACE * SAME PRICE

DHANLAXMI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭତ୍ତା, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
4% ସୁଧ ଏବଂ 50% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403044

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବଢୁଛି କର୍କଟ ରୋଗୀ, ମୃତକଙ୍କ ସଂଖ୍ୟା

ଭୁବନେଶ୍ୱର, ୧୮(ବ୍ୟୁରୋ):

- ୩ ବର୍ଷରେ ମୋଟ ୯୧,୬୯୯ ରୋଗୀ ଚିହ୍ନଟ, ମରିଛନ୍ତି ୩୧,୬୯୨ ଜଣ
- ଗତବର୍ଷ ତୁଳନାରେ ୧୮୪୬ ଅଧିକ ରୋଗୀ ମୃତ
- ୭୫୮୨ରୁ ଅଧିକ ରୋଗୀ ଚିହ୍ନଟ

କର୍କଟ ରୋଗ ଏବେ ରାଜ୍ୟରେ ବଢ଼ିଚାଲିଛି। ଗତ ୩ ବର୍ଷର ସରକାରୀ ରିପୋର୍ଟ ଉପରେ ନଜର ପକାଇଲେ ଏକଥା ସ୍ପଷ୍ଟ ହୋଇଛି। ତେବେ କର୍କଟ ଭଳି ରୋଗକୁ ହ୍ରାସ କରିବା ପାଇଁ ସରକାର ରାଜ୍ୟରେ ପଦକ୍ଷେପ ନେବାରେ ବିଫଳ ହେଉଥିବା ସୋମବାର ବିଧାନସଭରେ ବିରୋଧୀ ଯୁକ୍ତି ରଖିଛନ୍ତି। ରାଜ୍ୟରେ ଗତ ୩ ବର୍ଷ ମଧ୍ୟରେ ୩୧,୬୯୨ ଜଣ କର୍କଟ ଭଳି ଭୟାବହ ରୋଗରେ ମୃତ୍ୟୁବରଣ କରିସାରିଲେଣି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ତେବେ ସେହି ୩ ବର୍ଷରେ ରାଜ୍ୟରେ ମୋଟ କର୍କଟ ରୋଗୀଙ୍କ ସଂଖ୍ୟା ୯୧,୬୯୯ରେ ପହଞ୍ଚିଛି ବୋଲି ସେ କହିଛନ୍ତି।

ବିଧାୟକ ପ୍ରଶାନ୍ତ ବେହେରା ବିଧାନସଭାରେ ରାଜ୍ୟରେ ଗତ ୩ ବର୍ଷରେ କେତେ ବ୍ୟକ୍ତି କର୍କଟ ରୋଗାକ୍ରାନ୍ତ ହୋଇଛନ୍ତି ଏବଂ ସେଥିରୁ କେତେଜଣ ମୃତ୍ୟୁବରଣ କରିଛନ୍ତି ବୋଲି ପଚାରିଥିଲେ। ବିଧାୟକ ବେହେରାଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦାସ କହିଛନ୍ତି, ୨୦୧୯-୨୦ରେ ରାଜ୍ୟରେ ୧୦,୯୮୪ ଜଣ କର୍କଟରେ ମୃତ୍ୟୁବରଣ କରିଥିବା ବେଳେ୨୦୨୧-୨୨ରେ ମୋଟ ୧୧,୨୭୭ ଜଣ କର୍କଟରେ ମୃତ୍ୟୁବରଣ କରିଛନ୍ତି। ଅର୍ଥାତ୍ ୨୦୧୯-୨୦ ବର୍ଷ ଅପେକ୍ଷା ୨୦୨୧-୨୨ରେ ଅଧିକ ୨୯୩ ଜଣଙ୍କ ମୃତ୍ୟୁ ଘଟିଛି। ତେବେ ସରକାର କର୍କଟ ରୋଗ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା କଥା କହୁଥିବା ବେଳେ ବର୍ଷକୁ ବର୍ଷ ଅଧିକ ରୋଗୀ ମୃତ୍ୟୁବରଣ କରିବାର କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ସରକାର କର୍କଟ ରୋଗୀଙ୍କ ସହିତ ସେଥିରୁ ମୃତ୍ୟୁବରଣ କରୁଥିବା ପ୍ରକୃତ ସଂଖ୍ୟା ଲୁଚାଉଛନ୍ତି। ବାସ୍ତବରେ କର୍କଟ ରୋଗୀ ଏବଂ ସେଥିରୁ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ସରକାର ଦେଉଥିବା ତଥ୍ୟ ତୁଳନାରେ ଯଥେଷ୍ଟ ଅଧିକ ହେବ ବୋଲି ସେ କହିଛନ୍ତି।

ଅନ୍ୟପଟେ ମନ୍ତ୍ରୀ କହିଛନ୍ତି, ୨୦୨୦-୨୧ ବର୍ଷରେ ମୋଟ ୨୬,୧୭୫ ଜଣ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ସେଥିରୁ ୯୪୩୧ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦୨୧-୨୨ରେ ମୋଟ ୩୩,୭୫୭ ଜଣ କର୍କଟ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୧୧,୨୭୭ ଜଣଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ଗତ ବର୍ଷ ତୁଳନାରେ ୭୫୮୨ ଜଣ ଅଧିକ କର୍କଟ ରୋଗୀ ଚିହ୍ନଟ ହୋଇଥିବା ବେଳେ ୧୮୪୬ ଅଧିକ ରୋଗୀଙ୍କ ମୃତ୍ୟୁ ଘଟିଛି। ତେବେ ୨୦୧୯-୨୦ ବର୍ଷ ତୁଳନାରେ ୨୦୨୦-୨୧ ବର୍ଷ କର୍କଟ ରୋଗୀ ଏବଂ ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ରୋଗୀଙ୍କ ସଂଖ୍ୟାରେ ସାମାନ୍ୟ ହ୍ରାସ ପାଇଥିବା ବେଳେ ୨୦୨୧-୨୨ରେ ଏହାର ସଂଖ୍ୟା ଗତ ଦୁଇ ବର୍ଷ ତୁଳନାରେ ବଢିଯିବା ସାଧାରଣ ଲୋକଙ୍କ ମନରେ ଚିନ୍ତା ବଢାଇବା ସାଙ୍ଗକୁ ସରକାରୀ ବ୍ୟବସ୍ଥା ଆଡକୁ ମଧ୍ୟ ଅଙ୍ଗୁଳି ଉଠିଛି।

ତେବେ ମନ୍ତ୍ରୀ ଦାସ ଆହୁରି କହିଛନ୍ତି, ରାଜ୍ୟରେ କର୍କଟ ରୋଗର ଉନ୍ନତମାନର ଚିକିତ୍ସା ପାଇଁ ଏଏଚ୍‌ପିଜିଆଇସି, କଟକ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲରେ ଅନ୍ତେବାସୀ ରୋଗୀଙ୍କ ପାଇଁ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇଛି। ଏହାସହ କର୍କଟ ଶଲ୍ୟ ଚିକିତ୍ସା ବ୍ୟବସ୍ଥା ମଧ୍ୟ କରାଯାଇଛି। ଏତଦ ବ୍ୟତୀତ ଓଡ଼ିଶା କମ୍ପ୍ରେହେନସିଭ କ୍ୟାନସର୍ କେୟାର ପ୍ରୋଗ୍ରାମ ଦ୍ୱାରା ରାଜ୍ୟରେ ୧୧ଟି ଉନ୍ନତମାନର କର୍କଟ ରୋଗ ନିରୂପଣ ଓ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯିବାର କାର୍ଯ୍ୟ ଆରମ୍ଭ ହୋଇସାରିଛି। ଝାରସୁଗୁଡାଠାରେ ମଧ୍ୟ ୧୨୦ ଶଯ୍ୟା ବିଶିଷ୍ଟ କର୍କଟ ରୋଗ ଚିକିତ୍ସା କେନ୍ଦ୍ର(ପିପିପି ମୋଡ୍)ରେ ପ୍ରତିଷ୍ଠା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଜିଲା ସଦର ମହକୁମା ଚିକିତ୍ସାଳୟଗୁଡିକରେ ୩୨ଟି ସ୍ଥାନରେ ତାଲିମପ୍ରାପ୍ତ ଡାକ୍ତର ଓ ନର୍ସଙ୍କ ଦ୍ୱାରା ଡେ କେୟାର କେମୋଥେରାପି ସେଣ୍ଟରରେ କର୍କଟ ରୋଗୀଙ୍କୁ କେମୋଥେରାପି ଚିକିତ୍ସା ପ୍ରଦାନ କରାଯାଉଥିବା ସେ ଉଲ୍ଲେଖ କରିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ପ୍ରଭାତୀ ସେଠୀ
ଗ୍ରାମ: ସିଉଳା, ପିପିଲି, ପୁରୀ
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ: କୁଞ୍ଜବିହାରୀ, ପୁତ୍ର: ସିଦ୍ଧାର୍ଥ, ଝିଅ: ଦେବୀଶ୍ରୀ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୧୬୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ଗିରି
ଶାକୁଆ, ବଡ଼ସାହି, ମୟୂରଭଞ୍ଜ
ଆବିର୍ଭାବ: ୧୩।୦୩।୧୯୩୨
ତିରୋଧାନ: ୧୩।୦୮।୨୦୨୧
ପ୍ରଭୁ ମହିମା ଅଲେଖଙ୍କ ନିକଟରେ ଅଶେଷ ଭକ୍ତି ରଖିଥିବା ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛି। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ମତତ୍ପରତା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ।
ଶୋକସନ୍ତପ୍ତ: ପୁତ୍ର: ସନ୍ତୋଷ, ଦିଲ୍ଲୀପ, ବୋହୂ: ସୁସ୍ମିତା, ସୀମା, ଝିଅ: ମଞ୍ଜୁ, ଜ୍ୱାଇଁ: ବିଜୟ, ନାତି: ସିବାଶିଷ, ଅରିନ, ସ୍ୱରାଜ, ପୁତୁରା: ବୀର, ବାବୁଲି ଓ ମଙ୍ଗୁଲୁ, ସାନଭାଇ: ରତିକାନ୍ତ ଓ ଆତ୍ମୀୟସ୍ୱଜନ।
ଧ-୧୧୭୦

ଦ୍ୱାଦଶାହ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି

୰ନିରୁପମା ମିଶ୍ର
୧୨୧, ସହିଦ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୧।୦୪।୧୯୪୧
ତିରୋଧାନ: ୨୨।୦୭।୨୦୨୨
ଶ୍ରାବଣ ମାସ କୃଷ୍ଣପକ୍ଷ ନବମୀ
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ବିନମ୍ର ଶ୍ରଦ୍ଧାଞ୍ଜଳି ସହ: ଶୋକସନ୍ତପ୍ତ ମିଶ୍ର ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ।
ଧ-୧୧୬୫



ବିଶ୍ୱ ସ୍ତନ୍ୟପାନ ସପ୍ତାହ (ଅଗଷ୍ଟ ୧-୭) ଅବସରରେ ବିଶେଷ ଉପସ୍ଥାପନା...

# ଅମୃତ ଧାରା

ପ୍ରତ୍ୟେକ ମା' ନିଜ ଜନ୍ମିତ ଶିଶୁ ଉପରେ ଯେଉଁ ଅନାବିଳ ସ୍ନେହ ଅଜାଡ଼ିଦିଏ ତାହା ହେଲା-ମାତୃସ୍ତନ୍ୟ। ଏହା ହିଁ ଶିଶୁକୁ ମା'ର ପ୍ରଥମ ଆଶୀର୍ବାଦ। ଏହି ଅମୃତଧାରାକୁ ପ୍ରଦାନ କରିବାରେ ମା' ଯେଉଁ ଆନନ୍ଦ ଅନୁଭବ କରେ ତାହା ଅବର୍ଣ୍ଣନୀୟ ଓ ଯେଉଁ ଶିଶୁଟି ଜୀବନର ପ୍ରଥମ ୬ ମାସ ମାତୃସ୍ତନ୍ୟ ପାନ କରିବାର ସୁଯୋଗ ପାଏ ସେ ହିଁ ପ୍ରକୃତରେ ଭାଗ୍ୟବାନ୍ ... -ପୌର୍ଣ୍ଣମାସୀ



## ମା' କ୍ଷୀର -ଶିଶୁ ସୁରକ୍ଷା କବଚ

ଜନ୍ମପରେ ପ୍ରଥମେ ମା'ର ଛାତି ଉପରେ ଶିଶୁକୁ ପ୍ରସବ କକ୍ଷରେ ଶୁଆଇ ଦିଆଯାଏ ଓ ସ୍ତନ୍ୟପାନ ଏହିଠାରୁ ହିଁ ଆରମ୍ଭ ହୋଇଥାଏ। ଶିଶୁ ଆପଣାଛାଏଁ ମାତୃସ୍ତନ୍ୟରୁ କ୍ଷୀର ଖାଇବା ଆରମ୍ଭ କରେ। ଏହାକୁ ବେବିକ୍ରଲ୍ କୁହାଯାଏ। ପ୍ରଥମ ୬ମାସ କେବଳ ମା'କ୍ଷୀର, ପାଣି କିମ୍ବା ଅନ୍ୟ କୌଣସି ଖାଦ୍ୟ ଏପରିକି ପାଣି ମଧ୍ୟ ଦିଆଯାଏ ନାହିଁ।

କେବଳ ଦରକାରୀ ଔଷଧ ଡାକ୍ତରଙ୍କ ପରାମର୍ଶକ୍ରମେ ଦିଆଯାଏ। ଏହାକୁ ଏକ୍ସକ୍ଲୁସିଭ୍ ବ୍ରେଷ୍ଟ ଫିଡିଂ କୁହାଯାଏ। ଏହା ଶିଶୁ ପାଇଁ ଅତ୍ୟନ୍ତ ଉପକାରୀ। ଏହା ଜାଣି ସୁଦ୍ଧା ସ୍ତନ୍ୟପାନ କରାଇବାରେ ଅନେକ ମନୁଷ୍ୟକୃତ ସମସ୍ୟା ରହିଛି ଯାହା ମା'ର ମନକୁ ଆନ୍ଦୋଳିତ କରି ସନ୍ଦେହ ଘେରକୁ ନେଇଯାଇଥାଏ। ତା'ର ଏହି ନୟନ ପିତୁଳା ଜୀବନ ସଙ୍ଖାଳି ପାଇଁ କେଉଁଟି ଠିକ୍ ସେ ବୁଝିପାରେ ନାହିଁ। ସ୍ତନ୍ୟପାନ ଦ୍ୱାରା ନିଜର ଉପକାର ଓ ଶିଶୁର ଉପକାର ଗୁଡ଼ିକ ବିଷୟରେ ଅଜ୍ଞ ରହିବା ଫଳରେ ତା' ଜୀବନର ପ୍ରଥମ ଦିନରୁ ହିଁ ବିଭିନ୍ନ ଡବା କ୍ଷୀର ଦେଇ ନ୍ୟାଯ୍ୟ ଅଧିକାରରୁ ଶିଶୁକୁ ବଞ୍ଚିତ କରିଥାଏ।

ଏଥିରେ ଅବଶ୍ୟ ମା'ର କୌଣସି ଦୋଷ ନାହିଁ, କାରଣ ସ୍ତନ୍ୟପାନ ଉପକାରିତା ବିଷୟରେ ଅବଗତ କରାଇବା ବ୍ୟକ୍ତି କିମ୍ବା ସଂସ୍ଥାର ଉପଦେଶ ତାକୁ ମାନସିକ ଦୃଢ଼ତା ଦେବା ସହିତ ମାତା ଓ ଶିଶୁର ଭବିଷ୍ୟତକୁ ମଧୁମୟ କରିଥାନ୍ତି । ତେଣୁ ପ୍ରତ୍ୟେକ ଡାକ୍ତର, ନର୍ସ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀଙ୍କର ଦାୟିତ୍ୱ ରହିଛି ମା'ଙ୍କୁ ଉପଦେଶ ଦେବା ଜନ୍ମର ପ୍ରଥମ ଏକ ଘଣ୍ଟା ମଧ୍ୟରେ । ଏହି ଉଷ୍ମତାର ଶିକୁଳି ଉପରେ ନିର୍ଭର କରୁଛି ମା' ଓ ଶିଶୁର ଭବିଷ୍ୟତ । ଆମେ ସମସ୍ତେ ଜାଣିଛେ ଶିଶୁର ମୁଖଟି ମାତୃ ସ୍ତନ୍ୟାଗ୍ର ସ୍ପର୍ଶ କଲାପରେ ଦୁଗ୍ଧ ପ୍ରସ୍ତୁତିର ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ସ୍ତନରୁ ଶିହରଣ ଯାଇ ମସ୍ତିଷ୍କର ପିଟ୍ୟୁଟାରି ଗ୍ରନ୍ଥିରୁ ପ୍ରୋଲାକ୍ଟିନ୍ ହର୍ମୋନ କ୍ଷରଣ ହୋଇଥାଏ। ତେଣୁ କ୍ଷୀର ବଢ଼ାଇବାର ଉପାୟ ହେଲା ବାରମ୍ବାର ଶିଶୁକୁ କ୍ଷୀର ପିଆଇବା। ମା' ଅଧିକ ଜଳପାନ କରିବା ଆବଶ୍ୟକ ପ୍ରାୟ ଦିନକୁ ୨ ଲିଟର । ପାଣି ପିଇବା ସହିତ ଅଧିକ ପୁଷ୍ଟିକର ଖାଦ୍ୟ ଖାଇବା ଆବଶ୍ୟକ।

ବର୍ତ୍ତମାନ କର୍ମଜୀବୀ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେମାନେ ସ୍ତନ୍ୟପାନ କରାଇବାରେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେତେଜଣ ମା'ଙ୍କୁ ୩ମାସ କିମ୍ବା ୬ମାସ ପ୍ରସବୋତ୍ତର ଛୁଟି ମିଳୁଛି। ୬ମାସ ଛୁଟି ମିଳୁଥିବା ମାଆମାନେ ଏହାପରେ ନିଜ ସମୟକୁ ଆଡଜଷ୍ଟ କରି ମାତୃସ୍ତନ୍ୟ ଓ ବହଳ ଖାଦ୍ୟ ଦେଇପାରିବେ। ଯେପରି ୧୦ଟା ପର୍ଯ୍ୟନ୍ତ ମାଆ କ୍ଷୀର ପାନକରାଇ ୧୨ଟା ସମୟରେ ଭାତଡାଲି ଖୁଆଇପାରିବେ। ୩ମାସ ଛୁଟି ପାଉଥିବା ମାଆ ନିଜ ଘରକୁ ଆସି କିମ୍ବା ଶିଶୁକୁ ନିଜ ପାଖକୁ ନେଇ ସ୍ତନ୍ୟପାନ କରାଇପାରିବେ କିମ୍ବା ନିଜ କ୍ଷୀରକୁ ବାହାରକରି କାଚପାତ୍ରରେ ବାହାରେ ୪ଘଣ୍ଟାରୁ ୮ଘଣ୍ଟା ମଧ୍ୟରେ କିମ୍ବା ବରଫ ବାକ୍ସରେ ୨୪ଘଣ୍ଟା ପର୍ଯ୍ୟନ୍ତ ଓ ଫ୍ରିଜ୍‌ରେ ୩ଦିନ ପର୍ଯ୍ୟନ୍ତ ରଖି ବ୍ୟବହାର କରାଯାଇପାରିବେ ଏବଂ ଏହାକୁ କାଢ଼ି ଉଷ୍ମଜଳରେ ରଖିଦେଲେ ତାହା ସାଧାରଣ ଉତ୍ତାପକୁ ଆସି ଶିଶୁକୁ ଦିଆଯାଇପାରିବ।

**ମା' କ୍ଷୀରକୁ ୫ ଭାଗରେ ବିଭକ୍ତ କରାଯାଇଛି: ୧. କଷ କ୍ଷୀର** (୩ ଦିନରୁ ୪ଦିନ): ଏହା ଜନ୍ମ ପରେ ବାହାରିଥାଏ, ବହଳିଆ ଓ ଈଷତ୍ ହଳଦିଆ ରଙ୍ଗର ହୋଇଥାଏ। ୨୪ଘଣ୍ଟାରେ ୧୫ରୁ ୨୦ମି.ଲି. ବାହାରିଥାଏ। ଏଥିରେ ରୋଗ ପ୍ରତିରୋଧକ ଶକ୍ତି ଭରପୂର ଥାଏ। ତେଣୁ ରୋଗରୁ ରକ୍ଷା କରିବା ପାଇଁ ଏହା ଶିଶୁର ପ୍ରଥମ ଟିକା। ଏଥିରେ ଶରୀର ବୃଦ୍ଧି ପାଇଁ ସମସ୍ତ ଉପାଦାନ ଥାଏ।

**୨. ଟ୍ରାଞ୍ଜିସନ୍ ମିଲ୍କ:** ଏହା ୩ ଦିନରୁ ସପ୍ତାହେ ପର୍ଯ୍ୟନ୍ତ କ୍ଷରିତ ହୋଇଥାଏ। ଏଥିରେ ଲାକ୍ଟୋଜ,ଚର୍ବି ଓ ବି କମ୍ପ୍ଲେକ୍ସ ଭିଟାମିନ୍ ଅଧିକ ଥାଏ।

**୩.ପରିପକ୍ୱ କ୍ଷୀର ବା ମାଚ୍ୟୁଅର ମିଲ୍କ:** ଏହା ପ୍ରଚୁର ପରିମାଣରେ ବାହାରେ। ଏଥିରେ ପ୍ରତି ୧୦୦ମି.ଲି. କ୍ଷୀରରେ ପୁଷ୍ଟିସାର ୧.୨ଗ୍ରାମ, ଲାକ୍ଟୋଜ ୬.୫ଗ୍ରାମ, ସ୍ନେହସାର ୩.୫ଗ୍ରାମ, କ୍ୟାଲସିୟମ୍ ୩୪ମିଲି ଗ୍ରାମ, ଫସ୍‌ଫେଟ୍ ୧୫ମିଲି ଗ୍ରାମ, ୬୦-୭୫ କିଲୋ କ୍ୟାଲୋରି ଥାଏ। ଏହାଛଡ଼ା ଭିଟାମିନ୍ ଏ, ଡି, ଇ, ସି ମଧ୍ୟ ଥାଏ ଏବଂ ଜଳୀୟ ଅଂଶ ୮୭.୫% ଥାଏ।

**୪. ଫୋର ମିଲ୍କ:** ସ୍ତନ୍ୟପାନ ସମୟରେ ପ୍ରଥମେ ଆସୁଥିବା କ୍ଷୀରର ରଙ୍ଗ ଈଷତ୍ ନୀଳ। ଏହା ଅଧିକ ପରିମାଣରେ ବାହାରିଥାଏ ଓ ଅଧିକ ଜଳୀୟ ଅଂଶ, ପୁଷ୍ଟିସାର, ଲାକ୍ଟୋଜ ଥାଏ, ଯାହାକି ଶିଶୁର କ୍ଷୁଧା ମେଣ୍ଟାଇବା ସହିତ ତୃଷା ମଧ୍ୟ ମେଣ୍ଟାଇଥାଏ।

**୫.ହାଇଣ୍ଡ ମିଲ୍କ:** ଏଥିରେ ଅଧିକ ପରିମାଣର ଚର୍ବି ଥାଏ ଓ ଦେଖିବାକୁ ଧଳା ରଙ୍ଗର । ତେଣୁ ଏହି ଦୁଇ ପ୍ରକାର କ୍ଷୀର ଶିଶୁ ପାନକରିବା ଆବଶ୍ୟକ।

**ମା' କ୍ଷୀରର ଉପକାରିତା:** ମା' କ୍ଷୀର ଶିଶୁର ସନ୍ତୁଳିତ ଆହାର। ଏଥିରେ ଥିବା ସମସ୍ତ ଉପାଦାନ ବୟସ ତଥା ଆବଶ୍ୟକତା ଅନୁସାରେ ଶିଶୁକୁ ପ୍ରାପ୍ତ ହୋଇଥାଏ। ଏହା ସମ୍ପୂର୍ଣ୍ଣ ଶୁଦ୍ଧ, ଜୀବାଣୁ ଶୂନ୍ୟ ଏବଂ ଦେୟମୁକ୍ତ। ମା'କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଶିଶୁକୁ ତରଳଝାଡ଼ା ଓ ନିମୋନିଆ ରୋଗରୁ ରକ୍ଷାକରେ। ସ୍ତନ୍ୟପାନ ମା'ଓ ଶିଶୁର ବନ୍ଧନକୁ ନିବିଡ଼ କରେ ଓ ଶିଶୁ ମନରେ ସୁରକ୍ଷା ଭାବନା ଜାଗ୍ରତକରେ । ମା'କ୍ଷୀର ପିଉଥିବା ଶିଶୁଙ୍କଠାରେ ଡାଇବେଟିସ୍, ହୃଦ୍‌ରୋଗ, ଏକ୍‌ଜିମା, ଆଜ୍‌ମା, ରୁ୍ୟମାଟଏଡ୍ ଆର୍ଥ୍ରାଇଟିସ୍ ଓ ଆଲର୍ଜି ରୋଗ ହୁଏ ନାହିଁ। ମା' କ୍ଷୀରରେ ଥିବା ପ୍ୟୁରିନ୍ ଓ ସିଷ୍ଟିନ୍ ଆମିନୋଏସିଡ୍ ହେତୁ ପିଲାର ମସ୍ତିଷ୍କ ଠିକ୍ ଭାବେ ବିକଶିତ ହୋଇଥାଏ ଓ ପିଲା ବୁଦ୍ଧିଆ ହୁଏ। ଏହାଦ୍ୱାରା ପିଲା ଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଦେଖାଇ ଅର୍ଥନୈତିକ ଓ ସାମାଜିକ ପ୍ରତିଷ୍ଠା ଲାଭ କରିଥାଏ।

ସେହିପରି ସ୍ତନ୍ୟପାନ କରାଇବା ଦ୍ୱାରା ମା'ର ମେଦବହୁଳତା, ରକ୍ତହୀନତା ରୋଗ, ସ୍ତନ କର୍କଟ, ଜରାୟୁ କର୍କଟ ରୋଗର ଆଶଙ୍କା ହ୍ରାସ ପାଇଥାଏ।

ଏହି ସମସ୍ତ ଉପକାରକୁ ଅନୁଧ୍ୟାନକଲେ ସ୍ତନ୍ୟପାନ ଶିଶୁ ପାଇଁ ବରଦାନ। ତେଣୁ ସମସ୍ତେ ସ୍ତନ୍ୟପାନ ପ୍ରଚାରରେ ସମର୍ଥନ କରିବା।

*- ଡା. ନରେଶ ଆଚାର୍ଯ୍ୟ*
*ଶିଶୁରୋଗ ବିଶେଷଜ୍ଞ,*
*ଜାତୀୟ ସ୍ୱାସ୍ଥ୍ୟ ମିଶନ, ଭୁବନେଶ୍ୱର*

**ମା'** କ୍ଷୀର ଶିଶୁ ପାଇଁ ଈଶ୍ୱରଙ୍କ ବରଦାନ । କାରଣ ଏହା ଶିଶୁ ନିମନ୍ତେ ସର୍ବୋତ୍ତମ ଖାଦ୍ୟ। ଏହା ଶିଶୁ ମୃତ୍ୟୁହାର କମାଇବା ସହ ମା' ଓ ଶିଶୁକୁ ଅନେକ ରୋଗରୁ ରକ୍ଷା କରିଥାଏ । ସ୍ତନ୍ୟପାନ ଲାଗି ସଚେତନତା ସୃଷ୍ଟି କରିବା ତଥା ଶିଶୁ ମୃତ୍ୟୁହାର କମାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ୟୁନିସେଫ୍ ଓ ଗ୍ଲୋବାଲ ବ୍ରେଷ୍ଟ ଫିଡିଂର ମିଳିତ ଆନୁକୂଲ୍ୟରେ ସାରା ବିଶ୍ୱରେ ଅଗଷ୍ଟ ୧ରୁ ୭ ତାରିଖ ଯାଏଁ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ୨୦୨୨ର ବାର୍ତ୍ତା ହେଉଛି 'ଷ୍ଟେପ୍ ଅପ୍ ଫର୍ ବ୍ରେଷ୍ଟ ଫିଡିଂ, ଏଜୁକେଟ ଆଣ୍ଡ ସପୋର୍ଟ' ସ୍ତନ୍ୟପାନ ପାଇଁ ସଚେତନତାର ମାତ୍ରାକୁ ଆହୁରି ବଢ଼ାଇ ଅନେକ ସାମାଜିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଅନ୍ତର୍ଭୁକ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ କରାଯିବା ଦରକାର।

ସମସ୍ତେ ଜାଣନ୍ତି ମା' କ୍ଷୀର ଶିଶୁମାନଙ୍କୁ ଉପଯୁକ୍ତ ମାତ୍ରାରେ ଆବଶ୍ୟକ ପୋଷକ ଯଥା ପୁଷ୍ଟିସାର, ସ୍ନେହସାର ଓ ଶ୍ୱେତସାର, ଭିଟାମିନ୍ ଏ, ଡି ତଥା ଇମ୍ୟୁନୋଗ୍ଲୋବୁଲିନ ଓ ରୋଗ ପ୍ରତିରୋଧକ ଶକ୍ତି ଯୋଗାଇଥାଏ ଏବଂ ଅନ୍ୟାନ୍ୟ ସଂକ୍ରମଣ ଦୂରକରିଥାଏ । ବଡ ହେଲେ ଏଇ ଶିଶୁମାନେ ବିଭିନ୍ନ ରୋଗରୁ ରକ୍ଷା ପାଇଥାନ୍ତି । ସ୍ତନ୍ୟପାନ କରାଇ ଥିବା ମା' ମାନେ ମଧ୍ୟ ଅନେକ ମାରାତ୍ମକ ରୋଗରୁ ରକ୍ଷା ପାଇଥାନ୍ତି ।

ତେବେ ଆଜିକାଲି ଅନେକ କର୍ମଜୀବୀ ମହିଳା ନିଜ ଶିକ୍ଷା ଶେଷକରି, ନିଜ କ୍ୟାରିୟର ପାଇଁ ବିଶେଷ ଧ୍ୟାନଦେଉଥିବାରୁ ବିଳମ୍ବରେ ବିବାହ କରୁଛନ୍ତି ଏବଂ ପରେ ପରେ ବନ୍ଧ୍ୟାଦୋଷ ମଧ୍ୟ ଭୋଗୁଛନ୍ତି । ତେଣୁ ବନ୍ଧ୍ୟାରୋଗର ଚିକିତ୍ସା ପାଇଁ ଔଷଧ ସେବନ ତଥା ବେଶି ବୟସରେ ଗର୍ଭଧାରଣ କରିବା ଦ୍ୱାରା ସେମାନେ ଯମଜ ସନ୍ତାନ ଜନ୍ମ ଦେଇଥାନ୍ତି । ଫଳରେ ଯାଆଁଳା ଶିଶୁମାନଙ୍କର ଜନ୍ମ ହାର ବଢ଼ିଯାଉଛି ଏବଂ ପ୍ରସବ ପରେ ପରେ ଦୁଇ ଦୁଇଟି ପିଲାଙ୍କୁ ସ୍ତନ୍ୟପାନ କରାଇବା ଏକ ସମସ୍ୟା ହୋଇ ପଡୁଛି। ଯାଆଁଳା ଶିଶୁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ମା'ର ଦୃଢ଼ ଇଚ୍ଛାଶକ୍ତି ଦରକାର । ଜନ୍ମର ବହୁ ପୂର୍ବରୁ ଏହା ଚିହ୍ନଟ ହେବା ଦ୍ୱାରା ମା' ମଧ୍ୟ ଶାରୀରିକ ଓ ମାନସିକ ସ୍ତରରେ ଦୁହିଁଙ୍କୁ ସ୍ତନ୍ୟପାନ କରାଇବା ପାଇଁ ପ୍ରସ୍ତୁତ ହୋଇଥାଏ । ଏହା ମା' ପାଇଁ ଖୁବ୍ ଚ୍ୟାଲେଞ୍ଜିଂ ହୋଇଥାଏ । କାରଣ ଗୋଟିଏ ଶିଶୁକୁ ଭଲ କରି ଖୁଆଇ ସାରିଲା ପରେ ଆର ଶିଶୁକୁ ଖୁଆଇବାକୁ ପଡ଼ିଥାଏ ଏବଂ ଦ୍ୱିତୀୟ ଶିଶୁକୁ ଖୁଆଇବାର ମାତ୍ର ଅଳ୍ପ ସମୟ ପରେ ପ୍ରଥମ ଶିଶୁଟି ଦ୍ୱିତୀୟ ଫିଡିଂ ପାଇଁ କାନ୍ଦ ଆରମ୍ଭ କରି ଦେଇଥାଏ । ତେଣୁ ସାରା ଦିନ ଓ ରାତି ମା'ଟି କେବଳ ଦୁଇଟି ଶିଶୁଙ୍କୁ ଖୁଆଉ ଖୁଆଉ ସରିଯାଇଥାଏ ଏବଂ ଏହାଦ୍ୱାରା ମା' ମଧ୍ୟ କ୍ଲାନ୍ତ ହୋଇଯାଏ । ତେଣୁ ଯାଆଁଳା ଶିଶୁ ଜନ୍ମହେବା ଆଗରୁ ଘରେ ଜଣେ ଦୁଇଜଣ ଆତ୍ମୀୟ ସ୍ୱଜନ ବା ପରିଚାରିକାଙ୍କୁ ପ୍ରସ୍ତୁତ ରଖିବା ଦରକାର ।



## ଯାଆଁଳା ଶିଶୁ ଓ ସ୍ତନ୍ୟପାନ

ମା'ମାନେ ଯାଆଁଳା ଶିଶୁଙ୍କର ଠିକ୍ ପୋଜିସନ ସହ ସପ୍ଲାଇ ଆଣ୍ଡ ଡିମାଣ୍ଡ ଭିତ୍ତିରେ ଖୁଆଇବା ଦରକାର। ସେଥିପାଇଁ ମା' ମନରେ ସାହସ ଓ ଦମ୍ଭ ସହିତ ଏନର୍ଜି ବା ଶକ୍ତିରେ ନିଜକୁ ଭରପୂର କରି ଖୁଆଇବା ଦରକାର। ଏଥିପାଇଁ ରାତି ରାତି ଅନିଦ୍ରା ରହିବାକୁ ମଧ୍ୟ ପ୍ରସ୍ତୁତ ହେବା ଦରକାର । ଜନ୍ମ ହେବା ପରେ (ଅବଶ୍ୟ ନର୍ମାଲ ଡେଲିଭରି ହୋଇଥିଲେ) ମା' ନିଜେ ଦୁଇ ଶିଶୁଙ୍କୁ ଦୁଇପଟେ ଖୁଆଇ ପାରିବ । ଯଦି ସିଜରିଆନ ହୋଇଥାଏ ତେବେ ଜଣେ ନର୍ସ ତାଙ୍କୁ ଏଥିରେ ସାହାଯ୍ୟ କରିବେ । ଏଥିରେ ଶିଶୁମାନେ ଉଷୁମ ରହିବା ସହ ମା' ଓ ଶିଶୁ ଦୁହିଁଙ୍କର ଏକ ଅତୁଟ ବନ୍ଧନ ସୃଷ୍ଟି ହୋଇଥାଏ । ଫିଡିଂରେ ନିଜ ସ୍ୱାମୀମାନେ ମଧ୍ୟ ମା'ଙ୍କୁ ସାହାଯ୍ୟ କରିବା ଆବଶ୍ୟକ।

ତେବେ ମା' ସାଷ୍ଟାମ ହେଲା ପରେ ଦୁଇ ହାତରେ ଦୁଇଟି ଶିଶୁଙ୍କୁ ଧରି ଖୁଆଇବ, ଏହାକୁ 'ଟାଣ୍ଡେମ ବ୍ରେଷ୍ଟ ଫିଡିଂ' କହିଥାନ୍ତି। ଦୁଇଜଣଙ୍କୁ ଏକାଠି ଦୁଇପଟ ଖୁଆଇଲେ ଏହାକୁ (ଡବଲ ରଗ୍‌ବିଲ) ପୋଜିସନ କହନ୍ତି। ପାରାଲାଲ ପୋଜିସନ ମା' ନିଜର ଦୁଇ ଶିଶୁଙ୍କ ଶରୀରର ସମାନ୍ତରାଳ ପୋଜିସନରେ ଖୁଆଇ ପାରିବେ ବା ଲେଡ୍ ବ୍ୟାକ୍ ପୋଜିସନ ଦୁଇ ଶିଶୁଙ୍କୁ ପେଟ ଉପରେ ପକାଇ ଖୁଆଇ ପାରିବେ। ଯଦି ନିହାତି ଅସୁବିଧା ହେବ, ତେବେ ଗୋଟିଏ ଶିଶୁକୁ ଗୋଟିଏ ସ୍ତନରୁ ସମ୍ପୂର୍ଣ୍ଣ ଭାବେ ଖୁଆଇ ଆର ସ୍ତନରୁ ଦ୍ୱିତୀୟ ଶିଶୁକୁ ଖୁଆଇବା ଦରକାର । ଖୁଆଇବା ସମୟରେ ମା' ଖଟକୁ ଆଉଜି କି ତଳେ ଆରାମଦାୟକ ପୋଜିସନରେ ବସି ପ୍ରଚୁର ପାଣି ପିଇବ ବା କ୍ଷୀର ପିଇ ଶିଶୁକୁ ଖୁଆଇବା ଦରକାର । ଆଜିକାଲି ଏଥିପାଇଁ ସ୍ୱତନ୍ତ୍ର ତକିଆ ମଧ୍ୟ ମିଳିଲାଣି। ତେବେ ଯାଆଁଳା ଶିଶୁ ହେଲେ ମଧ୍ୟ ସେମାନଙ୍କର ଶରୀରର ଚାହିଦା ଏକା ହୋଇ ନ ଥାଏ । ଗୋଟିଏ ଶିଶୁ ଖୁବ୍ ଶୀଘ୍ର ଖାଇଲେ ମଧ୍ୟ ଆର ଶିଶୁଟି ଖାଇପାରି ନ ଥାଏ । ତେଣୁ ପ୍ରଥମ ଶିଶୁର ଓଜନ ବଢ଼ିଗଲା ବେଳେ ଅନ୍ୟ ଶିଶୁଟିର ଓଜନ ବଢ଼ିପାରି ନ ଥାଏ । ଭୋକ ହେଲେ ପ୍ରଥମ ଶିଶୁଟି କାନ୍ଦିଥାଏ ବା ଏପଟ ସେପଟ ହୋଇଥାଏ ବାରମ୍ବାର ଜିଭ ବାହାର କରିଥାଏ ବା ହାତ ଚୁଚୁମିଥାଏ, କିନ୍ତୁ ଅନ୍ୟ ଶିଶୁଟି ଶୋଇ ରହିଥାଏ । ଏପରି ସ୍ଥଳରେ ମା'ଟି ଚେଷ୍ଟାକରି ଦୁଇ ଶିଶୁଙ୍କୁ ଖୁଆଇବା ଜରୁରୀ ।

**ସ୍ତନ୍ୟଦାତ୍ରୀଙ୍କ ଖାଦ୍ୟ**-ଜଣେ ଗର୍ଭବତୀ ମହିଳାଙ୍କର ଯେତିକି କ୍ୟାଲୋରି ଦରକାର ତା'ଠାରୁ ଆହୁରି ବେଶି କ୍ୟାଲୋରି ସ୍ତନ୍ୟପାନ ପାଇଁ ଦରକାର ହୋଇଥାଏ । ଯାଆଁଳା ଶିଶୁ ପାଇଁ ଆହୁରି ବେଶି କ୍ୟାଲୋରି ଦରକାର ହୋଇଥାଏ । ତେଣୁ ମା' ସୁଷମ ଓ ସୁପାଚ୍ୟ ଖାଦ୍ୟ ଯଥା ପୁଷ୍ଟିସାର, ଶ୍ୱେତସାର, ସ୍ନେହସାର ଓ ଭିଟାମିନ୍ ଯୁକ୍ତ ଖାଦ୍ୟ ଖାଇବା ଦରକାର। ସାଧାରଣତଃ ମା' ଲାଡୁ, ସନ୍ତୁଳା, ଶାଗ ଆଦି ଖାଇଲେ ଓ ସ୍ତନ୍ୟପାନ ପୂର୍ବରୁ କ୍ଷୀର ଓ ପାଣି ପିଇଲେ କ୍ଷୀର ପରିମାଣ ବଢ଼ିଥାଏ ।

ବେଳେବେଳେ ଗୋଟିଏ ଶିଶୁ ସୁସ୍ଥ ହୋଇଥିଲା ବେଳେ ଅନ୍ୟ ଯାଆଁଳା ଶିଶୁଟି ଅସୁସ୍ଥ ଓ ଅଳ୍ପ ଓଜନର ହୋଇଥାଏ, ସେକ୍ଷେତ୍ରରେ ସ୍ତନରୁ କ୍ଷୀର କାଢ଼ି ପିଆଇବାକୁ ପଡ଼ିଥାଏ। ବେଳେ ବେଳେ ଦୁଇଟି ଶିଶୁଙ୍କୁ ମଧ୍ୟ କ୍ଷୀର କାଢ଼ି ଖୁଆଇବାକୁ ପଡ଼ିଥାଏ । ଅପରିଣତ ଶିଶୁଙ୍କୁ ଏହି ମା ' କ୍ଷୀର ନେକ୍ରୋଟାଇଜିଂ କୋଲାଇଟିସରୁ ରକ୍ଷା କରିଥାଏ । ତେବେ ଦୁଇଟି ଯାଆଁଳା ପିଲାଙ୍କୁ ମା' ନିୟମିତ ଭାବରେ ସ୍ତନକ୍ଷୀର ଖୁଆଇ ହୃଷ୍ଟପୁଷ୍ଟ କରି ରଖିବା ଖୁବ୍ କଷ୍ଟକର ପାଠ । ମା'ର ଅସୀମ ଧୈର୍ଯ୍ୟ, ଦୃଢ଼ ଇଚ୍ଛାଶକ୍ତି , ତ୍ୟାଗ ଓ ପରିବାରର ସହଯୋଗ ହିଁ ତାକୁ ଦୁଇ ଯାଆଁଳା ଶିଶୁକୁ ସ୍ତନ୍ୟପାନ କରାଇବା ପାଇଁ ସକ୍ଷମ କରିଥାଏ ।

**- ଡା. ସରୋଜିନୀ ଷଡ଼ଙ୍ଗୀ**
ଲିଙ୍କ୍‌ରୋଡ୍, କଟକ-୧୨
ମୋ-୯୪୩୭୦୫୫୦୦୭



## ସ୍ତନ୍ୟଦାତ୍ରୀ ମା' ଲାଗି ...

- ମା' ସ୍ତନରୁ ଝରୁଥିବା କଷକ୍ଷୀରକୁ ଅପରିଷ୍କାର ଭାବି ନ ଫିଙ୍ଗି ଶିଶୁକୁ ଖୁଆନ୍ତୁ। ଏଥିରେ ଶିଶୁ ପାଇଁ ଆବଶ୍ୟକ ପୋଷକ ତତ୍ତ୍ୱ ଏବଂ ରୋଗ ପ୍ରତିରୋଧକ ଶକ୍ତି ଭରପୂର ଥାଏ।
- ନୂଆ ନୂଆ ସ୍ତନ୍ୟପାନ କରାଉଥିବା ଅଧିକାଂଶ ମା' ଶିଶୁଙ୍କୁ କିଛି କିଛି ସମୟ ଅନ୍ତରାଳରେ କ୍ଷୀର ପିଆଇଥାନ୍ତି, ଯାହାଦ୍ୱାରା ଶିଶୁଠାରେ ଅରୁଚି, ବାନ୍ତି ଆଦି ଦେଖାଦେଇଥାଏ। ତେଣୁ ଶିଶୁକୁ ଭୋକ କଲେ ଅର୍ଥାତ୍ ସେ କାନ୍ଦିଲେ ଅବା ଦେଢ଼ରୁ ଦୁଇ ଘଣ୍ଟା ବ୍ୟବଧାନରେ କ୍ଷୀର ପିଆନ୍ତୁ। । ଏହାଦ୍ୱାରା ଶିଶୁର ଖାଦ୍ୟ ହଜମ କରିବା ସହଜ ହୋଇଥାଏ।
- ଶୋଇବା ଅବସ୍ଥାରେ ଶିଶୁକୁ ସ୍ତନ୍ୟପାନ କରାଇବା ଅନୁଚିତ। କାରଣ ଏହାଦ୍ୱାରା ଶିଶୁର ନାକରେ ଚାପ ପଡ଼ି ଶ୍ୱାସରୁଦ୍ଧ ହେବା ଆଶଙ୍କା ଥାଏ। ତେଣୁ ସର୍ବଦା ବସିରହି ସ୍ତନ୍ୟପାନ କରାଇବା ନିରାପଦ।
- କ୍ଷୀର ପିଇବା ପରେ ଶିଶୁକୁ ନିଜ କାନ୍ଧରେ ପକାଇ( ଯେପରି ଶିଶୁର ପେଟ ଚାପିହେବ) ତା' ପିଠିକୁ କିଛି ସମୟ ଥାପୁଡ଼ାନ୍ତୁ। ଏହାଦ୍ୱାରା ଶିଶୁ ପେଟରୁ ହାକୁଟି ଆକାରରେ ଗ୍ୟାସ୍ ବାହାରି ଆସିବ ଏବଂ ସେ ବାନ୍ତି କରିବ ନାହିଁ। ଏହାପରେ ଶିଶୁକୁ ଚିତ୍ କରି ନ ଶୁଆଇ କଡ଼ମାଡ଼ି ଶୁଆଇବାକୁ ଚେଷ୍ଟା କରନ୍ତୁ। କାରଣ ଚିତ୍ ହୋଇ ଶୋଇବା ଦ୍ୱାରା ଶିଶୁ ବାନ୍ତିକରିବା ସମୟରେ ଏହା ନାକ ଦେଇ ଭିତରକୁ ଯାଇ ନିଃଶ୍ୱାସ ବନ୍ଦ ହୋଇଯିବା ଆଶଙ୍କା ଥାଏ।
- ଶିଶୁକୁ ସର୍ବଦା ଦୁଇସ୍ତନରୁ ସମାନ ପରିମାଣରେ କ୍ଷୀର ପିଆଇବାକୁ ଚେଷ୍ଟା କରନ୍ତୁ। ନଚେତ୍ ଗୋଟିଏ ସ୍ତନରେ ଅଧିକ କ୍ଷୀର ଜମାହୋଇ ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ତା'ଛଡ଼ା ଶିଶୁ ଯଦି ଠିକ୍ ଭାବେ କ୍ଷୀର ନ ପିଉଛି କିମ୍ବା ମା'ର ଅଧିକ କ୍ଷୀର ହେଉଛି ତେବେ ତାହା ଯେପରି ରହି ନ ଯାଏ ସେଥିପ୍ରତି ଧ୍ୟାନଦେବା ଆବଶ୍ୟକ। କାରଣ ଏହା ରହିଯିବା ଫଳରେ ସ୍ତନରେ ଗୋଟାଳି ହୋଇ ବିନ୍ଧିବା, ପୂଯ ହେବା ଏବଂ କେବେ କେବେ ଏହା ଅଧିକ କ୍ଷତିକାରକ ମଧ୍ୟ ହୋଇଥାଏ।
- ମା' ଅତି ଦୁର୍ବଳ, ପୁଷ୍ଟିହୀନତାର ଶିକାର କିମ୍ବା ରୁଗ୍‌ଣ ହୋଇଥିଲେ ସ୍ତନ୍ୟପାନ କରାଇବା ଅନୁଚିତ।
- ସେହିପରି ମାନସିକ ରୋଗଗ୍ରସ୍ତ, କୁଷ୍ଠ, ଏଚ୍‌ଆଇଭି, ଯକ୍ଷ୍ମା, ହାଡ଼ଫୁଟି, ମିଳିମିଳା, ଜଣ୍ଡିସ୍ ଆଦି ରୋଗ ଥିଲେ କିମ୍ବା ମା' ସ୍ତନରେ ଘା' ହୋଇଥିଲେ ସ୍ତନ୍ୟପାନ କରାଇବା ଶିଶୁ ପ୍ରତି ବିପଜ୍ଜନକ।





ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨/୨୦୨୨ Bhubaneswar, Tuesday, August 2/ 2022




ବର୍ମିଂହାମରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମହିଳା ସ୍କ୍ୱାଶ୍ ସିଙ୍ଗଲ୍ସ ପ୍ଲେଟ୍ କ୍ୱାର୍ଟର ଫାଇନାଲ ଅବସରରେ ଭାରତର ସୁନୟନା କୁରୁଭିଲା।



ମହିଳା ଲନ୍‌ବୋଲ୍ସ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଥିବା ଭାରତୀୟ ଦଳ।

# ଜୁଡୋ: ସୁଶୀଳାଙ୍କୁ ରୌପ୍ୟ, ବିଜୟଙ୍କୁ ବ୍ରୋଞ୍ଜ

**ବର୍ମିଂହାମ,୧।୮(ପି.ଟି.)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଜୁଡୋ ଇଭେଣ୍ଟରୁ ଭାରତକୁ ସୋମବାର ୨ଟି ପଦକ ମିଳିଛି। ଜୁଡୋକା ଏଲ୍. ସୁଶୀଳା ଦେବୀ ମହିଳା ୪୮ କେଜି ବର୍ଗରେ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ୬୦ କେଜି ବିଭାଗରେ ବିଜୟ କୁମାର ଯାଦବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୋମବାର ଅନୁଷ୍ଠିତ ସେମିଫାଇନାଲରେ ମରିସସ୍‌ର ପ୍ରିସିଲା ମେରୋଣ୍ଡାଙ୍କୁ ପରାସ୍ତ କରିଥିବା ମଣିପୁରର ୨୭ ବର୍ଷୀୟା ସୁଶୀଳା ସ୍ୱର୍ଣ୍ଣ ପଦକ ମୁକାବିଲାରେ ଦକ୍ଷିଣ ଆଫ୍ରିକାର ମିଚେଲା ହ୍ୱାଇଟ୍‌ବୁଇଙ୍କଠାରୁ ହାରି ଯାଇଛନ୍ତି। ମଣିପୁର ପୋଲିସରେ ଜଣେ ସବ୍‌ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିବା ସୁଶୀଳା ମଲାୱିର ହାରିଟ୍ ବୋନ୍‌ଫେସ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ପୁରୁଷ ୬୦ କେଜି ରିପିଚେଜ୍‌ରେ ବିଜୟ କୁମାର ଯାଦବ ଚମତ୍କାର ପ୍ରଦର୍ଶନ ସହ ସ୍କଟ୍‌ଲାଣ୍ଡର ଡିଲନ ମୁନ୍‌ରୋଙ୍କୁ ପରାସ୍ତ କରି ବ୍ରୋଞ୍ଜ ପଦକ ମ୍ୟାଚ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ୨୦୧୮ ଓ ୨୦୧୯ରେ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ଜିତିଥିବା ୨୬ ବର୍ଷୀୟ ଯାଦବ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆର ଜୋଶୁଆ କାଜ୍‌ଙ୍କଠାରୁ ପରାଜିତ ହୋଇଥିଲେ ମଧ୍ୟ ରିପିଚେଜ୍‌ରେ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆଣିଥିଲେ। ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ସେ ସାଇପ୍ରସ୍‌ର ପେଟ୍ରୋସ୍ ଖ୍ରିଷ୍ଟୋଡୋଲିଡ୍ସଙ୍କୁ ହରାଇ ଦେଇଥିଲେ। ଯଶଲିନ୍ ସିଂ ସଇନି ପୁରୁଷ ୬୬ କେଜି ସେମିଫାଇନାଲରେ ସ୍କଟ୍‌ଲାଣ୍ଡର ଫିନ୍‌ଲେ ଆଲାନ୍‌ଙ୍କଠାରୁ ହାରିଯାଇଛନ୍ତି। ୨୪ ବର୍ଷୀୟ ସଇନି ବର୍ତ୍ତମାନ ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ଅଷ୍ଟ୍ରେଲିଆର ନାଥାନ କାଜ୍‌ଙ୍କ ସହ ମୁକାବିଲା କରିବେ। ସୁଚିକା ତାରିୟାଲ ମହିଳା ୫୭ କେଜି ରିପିଚେଜ୍‌ରେ ଦକ୍ଷିଣ ଆଫ୍ରିକାର ଡୋନି ବ୍ରେଟିନ୍‌ବ୍ୟାଚ୍‌ଙ୍କୁ ପରାସ୍ତ କରି ବ୍ରୋଞ୍ଜ ପଦକ ରାଉଣ୍ଡରେ ପ୍ରବେଶ କରିସାରିଛନ୍ତି।

**ଫାଇନାଲରେ ମହିଳା ଦଳ**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ମହିଳା ଲନ୍‌ବୋଲ୍ସ ଇଭେଣ୍ଟରୁ ପ୍ରଥମଥର ଏକ ପଦକ ଜିତିବାକୁ ଯାଉଛି। ସୋମବାର ମହିଳା ଫୋର୍ ଇଭେଣ୍ଟର ସେମିଫାଇନାଲରେ ୧୬-୧୩ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତାର ମହିଳା ଫୋର୍ ଫର୍ମାଟ୍‌ରେ ଭାରତ ପ୍ରଥମଥର ଫାଇନାଲକୁ ଉନ୍ନୀତ ହୋଇଛି। ଲଭ୍‌ଲି ଚୌବେ (ଲିଡ୍), ପିଙ୍କି (ସେକେଣ୍ଡ), ନୟନମୋନି ସାଇକିଆ (ଥାର୍ଡ) ଓ ରୂପାରାଣୀ ତିର୍କୀ (ସ୍କିପ୍)ଙ୍କୁ ନେଇ ମହିଳା ଫୋର୍ ଟିମ୍ ମଙ୍ଗଳବାର ସ୍ୱର୍ଣ୍ଣ ପଦକ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ତିର୍କୀଙ୍କ ଚମତ୍କାର ଶଟ୍ ସହାୟତାରେ ଭାରତ ୧୬-୧୩ ସ୍କୋର ଲାଇନ୍‌ରେ ବିଜୟଲାଭ କରିଥିଲା। ଭାରତୀୟ ପୁରୁଷ ଯୋଡ଼ି ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ନର୍ଦ୍ଦର୍ନ ଆୟର୍ଲାଣ୍ଡଠାରୁ ୮-୨୬ରେ ହାରି ଯାଇଛନ୍ତି।

**ପଙ୍ଘାଲ, ହୁସାମୁଦ୍ଦିନ କ୍ୱାର୍ଟରରେ**

ଭାରତୀୟ ବକ୍ସର ଅମିତ ପଙ୍ଘାଲ ବିଜୟ ସହ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ତାଙ୍କର ଅଭିଯାନ ଆରମ୍ଭ କରିଛନ୍ତି। ସୋମବାର ସେ ପୁରୁଷ ଫ୍ଲାଇୱେଟ୍ (୫୧କେଜି) କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପଙ୍ଘାଲ ହେଉଛନ୍ତି ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା। ସେ ଏକ ସର୍ବସମ୍ମତ ରାୟଭିତ୍ତିରେ ଭାନୁଆଟୁର ନାମ୍ରି ବେରିଙ୍କୁ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ଫିଦରୱେଟ୍ ବକ୍ସର ମହମ୍ମଦ ହୁସାମୁଦ୍ଦିନ ପ୍ରି-କ୍ୱାର୍ଟରରେ ବାଂଲାଦେଶର ମହମ୍ମଦ ସଲିମ୍ ହୁସେନଙ୍କୁ ସମାନ ୫-୦ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ପଙ୍ଘାଲଙ୍କର ଏହା ହେଉଛି ପ୍ରଥମ ବଡ଼ ଟୁର୍ନାମେଣ୍ଟ। ସୋମବାର ୩ ରାଉଣ୍ଡବିଶିଷ୍ଟ ବାଉଟ୍‌କୁ ସେ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିଥିଲେ। ତାଙ୍କ ରାଇଟ୍ ଓ ଲେଫ୍ଟ ପଞ୍ଚ୍ କମ୍ବିନେଶନ ବେଶ୍ ପ୍ରଭାବଶାଳୀ ଥିଲା। ବେରିଙ୍କଠାରୁ ଦୂରତା ବଜାୟ ରଖି ତାଙ୍କୁ ସୁଯୋଗ ଦେଉ ନ ଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଦ୍ୱିତୀୟ ପଦକ ପାଇଁ ତାଙ୍କୁ ଆଉ ଗୋଟିଏ ବିଜୟ ଆବଶ୍ୟକ। ଗତ ଗୋଲ୍ଡକୋଷ୍ଟ ସଂସ୍କରଣରେ ସେ ଏକ ରୌପ୍ୟ ପଦକ ଲାଭ କରିଥିଲେ।

**ଭାରୋତ୍ତୋଳନ: ଅଜୟ ସିଂ ଅଳ୍ପକେ ପଦକରୁ ବଞ୍ଚିତ**

ଭାରତୀୟ ଭାରୋତ୍ତୋଳକ ଅଜୟ ସିଂ(୮୧କେଜି) ଅଳ୍ପକେ ବ୍ରୋଞ୍ଜ ପଦକରୁ ବଞ୍ଚିତ ହୋଇଛନ୍ତି। ୨୫ ବର୍ଷୀୟ ଅଜୟ ମୋଟ ୩୧୯ (୧୪୩+୧୭୬) କେଜି ଓଜନ ଉଠାଇ ପୁରୁଷ ୮୧ କେଜି ଇଭେଣ୍ଟରେ ଚତୁର୍ଥ ହୋଇଥିଲେ। ସ୍ଥାନୀୟ ଫେଭରାଇଟ୍ ଇଂଲଣ୍ଡର କ୍ରିସ୍ ମୁରେ ୩୨୫ (୧୪୪+୧୮୧) କେଜି ସହ ସ୍ୱର୍ଣ୍ଣ ଜିତି ଟୋଟାଲ ଲିଫ୍ଟରେ ଗେମ୍ସ ରେକର୍ଡ ପ୍ରତିଷ୍ଠା କରିଥିଲେ। ଅଷ୍ଟ୍ରେଲୀୟ ଲିଫ୍ଟର କାଇଲ୍ ବ୍ରୁସ୍ (୧୪୩+୧୮) ୩୨୩ କେଜି ଉତ୍ତୋଳନ କରି ରୌପ୍ୟ ଏବଂ କାନାଡାର ନିକୋଲାସ ଭାଚୋନ ୩୨୦(୧୪୦+୧୮୦) କେଜି ଓଜନ ସହ ଏକ ବ୍ରୋଞ୍ଜ ପଦକ ପାଇଥିଲେ।

**ଜିମ୍ନାଷ୍ଟିକ୍: ପ୍ରଣତିଙ୍କୁ ୫ମ ସ୍ଥାନ**

ଭାରତର ପ୍ରଣତୀ ନାୟକ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଇଭେଣ୍ଟ ଫାଇନାଲରେ ୫ମ ସ୍ଥାନ ଅଧିକାର କରିଛନ୍ତି। ୨୦୧୯ ଓ ୨୦୨୨ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ପଶ୍ଚିମବଙ୍ଗର ଏହି ୨୭ ବର୍ଷୀୟା ଜିମ୍ନାଷ୍ଟ ତାଙ୍କ ପ୍ରଥମ ଭଲ୍ଟ ପ୍ରଚେଷ୍ଟାରେ ୧୩.୬୩୩ ଏବଂ ଦ୍ୱିତୀୟରେ ୧୧.୭୬୬ ସ୍କୋର କରିଥିଲେ। ତାଙ୍କର ଆଭରେଜ ୧୨.୬୯୯ ରହିଥିଲା। କ୍ୱାଲିଫିକେଶନରେ ୧୩.୨୭୫ ସ୍କୋର କରିଥିବା ପ୍ରଣତିଙ୍କୁ ତାଙ୍କର ଦୁଇ ପ୍ରଚେଷ୍ଟାରେ ୦.୧ ଓ ୦.୩ ପେନାଲ୍ଟି ହୋଇଥିଲା। ଅଷ୍ଟ୍ରେଲିଆର ଜର୍ଜିଆ ଗଡୱିନ ୧୩.୨୩୩ ସ୍କୋର ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ।

**ଘୋଷାଲ ସେମିରେ**

ଭାରତର ଅଗ୍ରଣୀ ସ୍କ୍ୱାଶ ଖେଳାଳି ଜ୍ୟୋତ୍ସ୍ନା ଚିନାପ୍ପା ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହିଳା ସିଙ୍ଗଲ୍ସ ଇଭେଣ୍ଟରୁ ବିଦାୟ ନେଇଛନ୍ତି। କ୍ୱାର୍ଟରଫାଇନାଲରେ ସେ କାନାଡାର ୨୭ ବର୍ଷୀୟା ହୋଲି ନଟନଙ୍କଠାରୁ ୯-୧୧, ୫-୧୧, ୧୩-୧୫ରେ ହାରିଯାଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଭାରତର ସୌରଭ ଘୋଷାଲ ସ୍କଟଲାଣ୍ଡର ଗ୍ରେଗ୍ ଲୋବାନଙ୍କୁ ୧୧-୫, ୮-୧୧, ୧୧-୭, ୧୧-୩ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୂର୍ବରୁ ଭାରତର ସୁନୟନା ସାନା କୁରୁଭିଲା ସିନାଲି ମହିଳା ସିଙ୍ଗଲ୍ସ ପ୍ଲେଟ-କ୍ୱାର୍ଟରଫାଇନାଲ୍ସରେ ଶ୍ରୀଲଙ୍କାର ଚାନିଥମା ସିନାଲିଙ୍କୁ ମାତ୍ର ୧୨ ମିନିଟ୍‌ରେ ୧୧-୩, ୧୧-୨, ୧୧-୨ରେ ପରାସ୍ତ କରିଥିଲେ।

# ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଦୂତୀଙ୍କ ହିଟ୍ସ

**ବର୍ମିଂହାମ୍,୧।୮(ପି.ଟି)**

ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ମଙ୍ଗଳବାରରୁ ଆରମ୍ଭ ହେବାକୁ ଯାଉଛି। ନୀରଜ ଚୋପ୍ରା ଆହତ ଥିବା କାରଣରୁ ନିଜ ଟାଇଟଲ ଡିଫେଣ୍ଡ କରିପାରିବେ ନାହିଁ ମାତ୍ର ଟ୍ରିପଲ ଜମ୍ପର ଏଲଧୋଶ ପଲ୍, ଲଙ୍ଗଜମ୍ପର ମୁରଲୀ ଶ୍ରୀଶଙ୍କର, ଡିସ୍‌କସ୍ ଥ୍ରୋୟର ସୀମା ପୁନିଆ, ଜାଭେଲିନ୍ ଥ୍ରୋୟର ଅନୁ ରାଣୀ ଓ ଷ୍ଟିପଲଚେଜ୍‌ରେ ଅବିନାଶ ସାବଲେଙ୍କଠାରୁ ଦଳ ଭଲ ପ୍ରଦର୍ଶନ ଆଶା କରିବ। ୨୦୧୦ ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଆଥ୍‌ଲେଟିକ୍ସରୁ ସର୍ବାଧିକ ୧୨ଟି ପଦକ( ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୭ ବ୍ରୋଞ୍ଜ) ହାସଲ କରିଥିଲା। ଏହାପରେ ପରବର୍ତ୍ତୀ ଦୁଇଟି ସଂସ୍କରଣରେ ଦଳ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଆସିଛି। ତେବେ ଚଳିତ ସଂସ୍କରଣରେ ଭାରତ ଏହାର ସର୍ବଶ୍ରେଷ୍ଠ ସ୍କୋର ହାସଲ ପ୍ରୟାସରେ ରହିଛି। ଓଡ଼ିଆ ଧାବିକା ଦୂତୀ ଚାନ୍ଦ ୧୦୦ ମିଟର, ୧୦୦ ମିଟର ହିଟ୍‌ରେ ଅଂଶଗ୍ରହଣ କରିବେ। ଫାଇନାଲ ଯୋଗ୍ୟତା ଅର୍ଜନ କଲେ ୩ ତାରିଖ ପାଇଁ ପଦକ ଦୌଡ଼ରେ ସାମିଲ ହେବେ।

**ମହିଳା ଡିସ୍‌କସ୍ ପଦକ ଆଶାରେ ଭାରତ**

ମଙ୍ଗଳବାର ଲଙ୍ଗଜମ୍ପ କ୍ୱାଲିଫାଇଂ ରାଉଣ୍ଡରେ ଅଂଶଗ୍ରହଣ କରିବେ ମୁରଲୀ ଶ୍ରୀଶଙ୍କର ଓ ମହମ୍ମଦ ଅନିଶ ୟାହିଆ। ସେହିପରି ଡିସ୍‌କସ୍ ଥ୍ରୋରେ ଅଂଶଗ୍ରହଣ କରୁଥିବା ସୀମା ପୁନିଆ ଓ ନବଜତ କୌର ଧିଲୋନଙ୍କଠାରୁ ଦଳ ପଦକ ଆଶା ରଖିବ। ୨୦୧୮ରେ ଉଭୟ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ପଞ୍ଚମଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରୁଥିବା ପୁନିଆ ନିଜର ପଞ୍ଚମ ପଦକ ଲାଗି ପ୍ରୟାସ କରିବେ। ଆଇନଗତ ଲଢ଼େଇ ପରେ ଆଥ୍‌ଲେଟିକ୍ସ ଦଳରେ ସାମିଲ ହୋଇଥିବା ତେଜସ୍ୱିନ ଶଙ୍କର ପ୍ରଥମ ଦିନରେ ଯୋଗ୍ୟତା ପର୍ଯ୍ୟାୟରେ ଅଂଶଗ୍ରହଣ କରିବେ। ଚଳିତ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିବା ଖେଳାଳିଙ୍କ ମଧ୍ୟରୁ ୫ ଜଣ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ ରହିଥିବା ବେଳେ ଭାରତର ପଦକ ସଂଖ୍ୟା ବୃଦ୍ଧି ପାଇବା ଆଶା କରାଯାଉଛି।

# ଭାଇଙ୍କୁ ପଦକ ଉତ୍ସର୍ଗ କଲେ ଅଚିନ୍ତ ଶେଉଲି

**ବର୍ମିଂହାମ୍,୧।୮(ପି.ଟି)**




ଭାରତ ପାଇଁ ତୃତୀୟ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଅଚିନ୍ତ ଶେଉଲି। ବେଙ୍ଗଲର ଏହି ୨୦ ବର୍ଷୀୟ ଭାରୋତ୍ତୋଳକ ଜଣଙ୍କ ୩୧୩ କିଗ୍ରା ଓଜନ (୧୪୩ ସ୍ନାଚ୍ ଓ ୧୭୦ କ୍ଲିନ୍ ଆଣ୍ଡ ଜର୍କ) ଉଠାଇଥିଲେ। ଏକଦା ସୂତାର ଏମ୍ବ୍ରୋଡୋରି କାମ କରୁଥିବା ହାତ ଲୁହାର ଓଜନ ଉଠାଇ ଦେଶ ପାଇଁ ଆଣିଥିଲେ ଗୌରବ। ସ୍ୱର୍ଣ୍ଣ ପଦକ ବିଜୟକୁ ସେ ନିଜ ଭାଇଙ୍କୁ ଉତ୍ସର୍ଗ କରିଥିଲେ। ଭାଇ ନ ଥିଲେ ଏହି ପଦକ କେବେ ବି ସମ୍ଭବ ହୋଇ ନ ଥାନ୍ତା ବୋଲି ସେ କହିଛନ୍ତି। ଅଚିନ୍ତଙ୍କ ପାଇଁ ଶକ୍ତିର ପ୍ରତୀକ ରହିଥିବା ବଡ଼ଭାଇ ଆଲୋକ ନିଜେ ଦିନମଜୁରିଆ ଭାବେ କାମ କରିଥିଲେ। ଆରମ୍ଭରୁ ନିଜେ ଜଣେ ଭାରୋତ୍ତୋଳକ ରହିଥିଲେ ହେଁ ପାରିବାରିକ କଷଣର ମୁକାବିଲା କରିବାକୁ ଖେଳ ଛାଡ଼ିବା ସହିତ ଦିନମଜୁରିଆ କାମ ଆରମ୍ଭ କରିଥିଲେ। ୨୦୧୪ରେ ପିତାଙ୍କ ବିୟୋଗ ପରେ ଆଲୋକ ଖେଳ ଛାଡ଼ିବା ସହିତ କାମ କରିବା ଆରମ୍ଭ କରିଥିଲେ।

ଅଚିନ୍ତ ଆରମ୍ଭରୁ ଏମ୍ବ୍ରୋଡୋରି କିମ୍ବା ଭାରୋତ୍ତୋଳନକୁ ପସନ୍ଦ କରୁ ନ ଥିଲେ। ଆଲୋକ ଘରପାଖ ଜିମ୍‌କୁ ଯାଉଥିବା ବେଳେ ସାଙ୍ଗରେ ଯାଆନ୍ତି ଅଚିନ୍ତ। ଧୀରେ ଧୀରେ ବିଭିନ୍ନ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିଲେ ଅଚିନ୍ତ। ସେ ସମୟରେ ପିତା ହାୱଡାରେ କାମ କରୁଥିବା ବେଳେ ପରିବାରର ଗୁଜରାଣ ମେଣ୍ଟିଯାଏ। ଏପ୍ରିଲ ୨୦୧୪ରେ ହୃଦ୍‌ଘାତ କାରଣରୁ ତାଙ୍କର ପରଲୋକ ପରେ ଦିନମଜୁରିଆ ଭାବରେ କାମ ଆରମ୍ଭ କରିଥିଲେ ଆଲୋକ। ସେହି ସମୟରେ ଏମ୍ବ୍ରୋଡୋରି କାମରୁ ସପ୍ତାହକୁ ୧୨୦୦ ଟଙ୍କା ମିଳୁଥିବା ବେଳେ ଦୁଇ ପୁଅଙ୍କ ସହିତ ମା’ ମଧ୍ୟ ଏହି କାମ କରନ୍ତି। ସକାଳ ଟ୍ରେନିଂ ପରେ ଅଚିନ୍ତଙ୍କୁ ସ୍କୁଲ ଯିବାକୁ ପଡୁଥିଲା। ହେଲେ ସ୍କୁଲରୁ ଫେରିବା ପରେ ଏମ୍ବ୍ରୋଡୋରି କାମ କରିବାକୁ ପଡୁଥିଲା।

## ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୭୨ ବର୍ଷୀୟ ଭଲ୍ୟୁଣ୍ଟିୟର

**ବର୍ମିଂହାମ୍, ୧।୮ (ପି.ଟି):** ଯେକୌଣସି କ୍ରୀଡ଼ା ଇଭେଣ୍ଟର ସଫଳତା ଏହାର ଭଲ୍ୟୁଣ୍ଟିୟରମାନଙ୍କ ଉପରେ ନିର୍ଭର କରିଥାଏ। ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୧୩ ହଜାରରୁ ଅଧିକ ସ୍ୱେଚ୍ଛାସେବୀ ଯୋଗଦେଇଥିବା ବେଳେ ଏହା ମଧ୍ୟରେ ଅଛନ୍ତି ଜଣେ ୭୨ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକ। ତେବେ କେବଳ ଏହି ବ୍ୟକ୍ତି ନୁହନ୍ତି, ଜଣେ ଟେକ୍ ଏକ୍ସପର୍ଟ, ଏନ୍‌ଏଚ୍‌ଏସ୍ ନର୍ସ ମଧ୍ୟ ଏହି ତାଲିକାରେ ସାମିଲ ଅଛନ୍ତି। ମୁଁ ବଞ୍ଚୁଥିବା ସହର ପାଇଁ କିଛି କରିବା ଲାଗି ଚାହୁଁଛି, ଆଉ କୌଣସି ସ୍ପୋର୍ଟିଂ ଇଭେଣ୍ଟରେ ଆଗରୁ କାମ କରି ନ ଥିବାରୁ ମୁଁ ଏହାର ଅଭିଜ୍ଞତା ହାସଲ କରିବାକୁ ଚାହୁଁଥିଲି ବୋଲି ପ୍ରକାଶ କରିଛନ୍ତି ୭୨ ବର୍ଷୀୟ ବ୍ୟାରି ଲେଗ୍ ପ୍ରିଭର।

# ଡୁରାଣ୍ଡ କପ୍ ଉପରେ ଫୋକସ ରହିଛି: ଗୋମ୍ବାଉ

**ଭୁବନେଶ୍ୱର, ୧।୮(କ୍ରୀଡ଼ା ପ୍ରତିନିଧି)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ସିଜନ ପାଇଁ ପ୍ରସ୍ତୁତ ହେଉଛି ଭୁବନେଶ୍ୱର ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫ୍‌ସି। ଏଥିପାଇଁ ପୂର୍ବରୁ ଦଳ ସହ କାମ କରିସାରିଥିବା ଯୋଶେଫ୍ ଗୋମ୍ବାଉଙ୍କୁ ପୁଣି ମୁଖ୍ୟ କୋଚ୍ ପଦକୁ ଫେରାଇ ଅଣାଯାଇଛି। ୨୦୧୯-୨୦ ସିଜନରେ ଗୋମ୍ବାଉଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି ଭଲ ପ୍ରଦର୍ଶନ କରିଥିଲା। ଏହାକୁ ଦୃଷ୍ଟିରେ ରଖି ତାଙ୍କୁ ପୁଣି କୋଚ୍ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଏସ୍‌ଏଲ ସିଜନ ପୂର୍ବରୁ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟ ଉପରେ ଫୋକସ କରାଯାଉଛି। ଏଥିପାଇଁ ଦଳର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି ସୋମବାର ଆୟୋଜିତ ଓଡ଼ିଶା ଏଫ୍‌ସିର ପ୍ରଥମ ଖବରଦାତା ସମ୍ମିଳନୀରେ ଗୋମ୍ବାଉ ସୂଚନା ଦେଇଛନ୍ତି। ନୂଆ ସିଜନର ଟୁର୍ନାମେଣ୍ଟଗୁଡ଼ିକ ଲାଗି କୋଚିଂ ଷ୍ଟାଫ୍‌ଙ୍କୁ ଟାର୍ଗେଟ ଦିଆଯାଇଛି। ସମୟକ୍ରମେ ଏହା ଉପରେ ତର୍ଜମା ମଧ୍ୟ କରାଯିବ। ଆଗାମୀ ସିଜନରେ ପ୍ରଭାବୀ ପ୍ରଦର୍ଶନର ଛାପ ଛାଡ଼ିବା ପାଇଁ ଓଡ଼ିଶା ଏଫ୍‌ସି ଦଳରେ ଅନେକ ଖେଳାଳି ପ୍ରସ୍ତୁତ। ସେମାନଙ୍କ ମଧ୍ୟରୁ ଶୁଭମ୍, ରେନିଏର, ଜେରୀ ପ୍ରମୁଖ ଅନ୍ୟତମ ବୋଲି ଗୋମ୍ବାଉ କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ରାଜ ଅଥୱାଲ, ସହକାରୀ କୋଚ୍ କ୍ଲିଫର୍ଡ ମିରାଣ୍ଡା ଓ ଜେନେରାଲ ମ୍ୟାନେଜର ଅଭିକ୍ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମ ଚଳିତମାସ ୧୨ ଓ ୧୩ ତାରିଖରେ ହେବାକୁ ରହିଛି। ପ୍ରକାଶଯୋଗ୍ୟ, ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟ କୋଲ୍‌କାତା, ଗୁଆହାଟୀ ଓ ଇମ୍ଫାଲରେ ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଏଫ୍‌ସିକୁ ମିଶାଇ ମୋଟ ୨୦ଟି ଦଳ ଅଂଶଗ୍ରହଣ କରିବେ।

୨ ବର୍ଷ ବ୍ୟବଧାନ ପରେ ଓଡ଼ିଶା ଏଫ୍‌ସି ଭୁବନେଶ୍ୱରକୁ ଏହାର ବେସ୍ କରିଛି। କୋଭିଡ୍-୧୯ ମହାମାରୀ ପାଇଁ କ୍ଲବ ଗୋଆରେ ବିନା ଦର୍ଶକରେ ଖେଳିବାକୁ ବାଧ୍ୟ ହୋଇଥିଲା। ଏଥର ଓଡ଼ିଶା ଏଫ୍‌ସି ଏକ ମହିଳା ଦଳ ମଧ୍ୟ ଗଠନ କରୁଛି। କ୍ରିସପିନ୍ ଛେତ୍ରୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। କ୍ରିସପିନ୍ ପୂର୍ବରୁ ଇଣ୍ଡିଆନ ଓମେନ୍ସ ଲିଗ୍‌ରେ ଓଡ଼ିଶା ରାଜ୍ୟ ମହିଳା ଦଳ ଏବଂ ସେଥୁ ଏଫ୍‌ସି ସହିତ କାର୍ଯ୍ୟ କରିଛନ୍ତି। କୋଭିଡ୍ ପାଇଁ କ୍ଲବ ୨ ବର୍ଷ ଧରି ଏହାର ପ୍ରଶଂସକଙ୍କ ସହ ଯୋଡ଼ି ହୋଇପାରି ନ ଥିଲା। ମାତ୍ର ଏବେ ସମୟ ବଦଳିଛି। ପ୍ରଶଂସକଙ୍କୁ ଆକୃଷ୍ଟ କରିବା ପାଇଁ କ୍ଲବ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ବୋଲି ଅଥୱାଲ ପ୍ରକାଶ କରିଛନ୍ତି।




ସୋମବାର ଖବରଦାତା ସମ୍ମିଳନୀ ଅବସରରେ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ଜୋସେଫ ଗୋମ୍ବାଉ ଓ ଅନ୍ୟ କର୍ମକର୍ତ୍ତା।




କଟକ ଡ୍ରିମ୍ସ ଗ୍ରାଉଣ୍ଡରେ ସୋମବାର ଓଡ଼ିଶା ମହିଳା ଟି୨୦ ଲିଗ୍ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଖେଳାଳି।

# ଓଡ଼ିଶା ମହିଳା ଟି୨୦ ଲିଗ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ୧।୮ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଓଡ଼ିଶା ମହିଳା ଟି୨୦ କ୍ରିକେଟ ଲିଗ୍ ସୋମବାର କଟକ ଟାଙ୍ଗୀସ୍ଥିତ ଡ୍ରିମ୍ସ ଗ୍ରାଉଣ୍ଡରେ ଉଦ୍‌ଘାଟିତ ହୋଇଛି। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିବସରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ଭାଓଲେଟ୍ ଏବଂ ଓଡ଼ିଶା ୟେଲୋ ବିଜୟ ହାସଲ କରିଛି।

ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ଓଡ଼ିଶା ଭାଓଲେଟ ୨୦ ଓଭରରେ ୬ ଉଇକେଟ ହରାଇ ୧୦୦ ରନ୍ କରିଥିଲା। ଜବାବରେ ଓଡ଼ିଶା ରେଡ୍ ୧୯.୪ ଓଭରରେ ୭୭ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ୧୫ ରନ୍ କରିବା ସହ ୩.୪ ଓଭର ବୋଲିଂରେ ମାତ୍ର ୯ ରନ୍ ଦେଇ ୨ଟି ଉଇକେଟ ନେଇଥିବା ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଡ୍ରିମ୍ସ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ଗେମ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ଓଡ଼ିଶା ପର୍ପଲ ୨୦ ଓଭରରେ ୫ ଉଇକେଟ ହରାଇ ୯୭ ରନ୍ କରିଥିଲା। ଶୁଭ୍ରା ନିର୍ଝରିଣୀ ସ୍ୱାଇଁ ସର୍ବାଧିକ ୩୬ ରନ୍ କରିଥିଲେ। ଓଡ଼ିଶା ୟେଲୋ ୧୯.୧ ଓଭରରେ ୧ ଉଇକେଟ ହରାଇ ୯୮ ରନ୍ ସଂଗ୍ରହ କରିନେଇଥିଲା। ୧୮ ବଲ୍‌ରୁ ୩୬ ରନ୍ କରିଥିବା କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। କଟକ ମେୟର ସୁବାସ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ରାତିରେ ଦୁର୍ବୃତ୍ତ ଘରେ ତାଲା ପକାଇ ବୁଲାଇଲେ କଳାକନା

ଭାପୁର,୧୮(ଡି.ଏନ.ଏ.): ନୟାଗଡ଼ ଜିଲା ଫତେଗଡ ଥାନା ଅନ୍ତର୍ଗତ ଭାପୁର ପଞ୍ଚାୟତ ଅଧୀନ ପାଟଣାସାହିରେ ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଜଣେ ବ୍ୟକ୍ତିଙ୍କ ଘରେ ତାଲା ପକାଇ କଳାକନା ବୁଲାଇଛନ୍ତି। ପାଟଣାସାହିର ଦୈତାରୀ ସାହୁଙ୍କ ପରିବାର ଲୋକେ ରବିବାର ରାତିରେ ଖାଇପିଇ ଶୋଇଥିଲେ। ତାଙ୍କ ପୁଅବୋହୂ ଗୋଟିଏ ଘରେ ଶୋଇଥିବା ବେଳେ ଦୈତାରୀ ଓ ତାଙ୍କ ସ୍ତ୍ରୀ ଅନ୍ୟ ଏକ ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବାରିପଟ କବାଟ ଭାଙ୍ଗି ଘରେ ପଶିଥିଲେ। ଦୈତାରୀ ଶୋଇଥିବା ଘର ଓ ପୁଅବୋହୂ ଶୋଇଥିବା ଘରକୁ ଦୁର୍ବୃତ୍ତମାନେ ତାଲା ପକାଇ ଘରୁ ସୁନା ଅଳଙ୍କାର, ଟଙ୍କା ଓ ଆସବାବପତ୍ର ଲୁଟି ନେଇଥିଲେ। ରାତି ସାଢ଼େ ୩ଟା ବେଳକୁ ପରିବାର ଲୋକେ ଉଠିଲା ବେଳକୁ ବାହାର ପଟ କବାଟ ବନ୍ଦ ଥିବାରୁ ପୁଅବୋହୂ ବାପାମା'ଙ୍କୁ ଫୋନ କରି ଡାକିଥିଲେ। ହେଲେ ସେମାନଙ୍କ ଶୋଇବା ଘର କବାଟ ମଧ ବନ୍ଦ ରହିଥିଲା। ପଡ଼ୋଶୀଙ୍କୁ ଫୋନ କରି ଡାକିଥିଲେ। ସେମାନେ ଆସି ତାଲା ଭାଙ୍ଗି ଉଦ୍ଧାର କରିଥିଲେ। ଏ ନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ଯୁବକଙ୍କ ଉନ୍ମତ୍ତ କାଣ୍ଡ

ଆସିକା,୧୮(ଡି.ଏନ.ଏ.):ଆସିକା ଏନଏସିର ସୁନାମ୍ଧ ସାହି ବାଲାଜୀ ମନ୍ଦିର ନିକଟରେ ରବିବାର ଜଣେ ଯୁବକ ନିଜ ମା'କୁ ଘର ଭିତରେ ବନ୍ଦ କରି ଅଗ୍ନି ସଂଯୋଗ କରିଦେଇଥିଲେ। ବୃଦ୍ଧା ମା'ଙ୍କ ଚିତ୍କାର ଶୁଣି ପଡ଼ୋଶୀମାନେ କବାଟ ଖୋଲି ତାଙ୍କୁ ଉଦ୍ଧାର କରିଥିଲେ । ଏହି ଘଟଣାରେ ସୋମବାର ପୋଲିସ ଅଭିଯୁକ୍ତ ପୁଅ ବିକ୍ରମ ପାଢୀଙ୍କୁ କୋର୍ଟ ଚାଲାଣ କରିଛି। ବିକ୍ରମ ମା'କୁ ମଦ ପିଇବା ଓ ଜୁଆ ଖେଳିବା ଲାଗି ପଇସା ମାଗିଥିଲେ। ମା' ପଇସା ନଥିବା କହିବା ପରେ ସେ ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗରେ ଦର୍ଶାଯାଇଛି । ଏ ନେଇ ଥାନାରେ ନଂ. ୪୬୭/୨୨ରେ ଏକ ମାମଲା ରୁଜୁ କରାଯାଇଛି ।

### ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

ଆସିକା,୧୮(ଡି.ଏନ.ଏ.):ଆସିକା ଥାନା ଅନ୍ତର୍ଗତ ବାବନପୁର ଗ୍ରାମରେ ଗତ ଗୁରୁବାର ରାତିରେ ସେହି ଗ୍ରାମର ସୀମାଞ୍ଚଳ ନାୟକଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ କାଳିଆ ଗୌଡ଼ଙ୍କୁ ସୋମବାର ପୋଲିସ କୋର୍ଟ ଚାଲାଣ କରିଛି। ଆକ୍ରମଣକାରୀଙ୍କ କାଠ ଫାଳିଆ ମାଡ଼ରେ ଗୁରୁତର ସୀମାଞ୍ଚଳଙ୍କୁ ପ୍ରଥମେ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ତାଙ୍କ ବାପା ସୁରେଶ ଚନ୍ଦ୍ର ନାୟକ ରବିବାର ଆସିକା ଥାନାରେ ଅଭିଯୋଗ କରିଛନ୍ତି । ଏତଲାକୁ ଭିତ୍ତି କରି ପୋଲିସ ନଂ. ୪୪୬/୨୨ରେ ଏକ ମାମଲା ରୁଜୁ କରିଛି ।

# କନ୍ଦା, ମୂଷା, ଗୋଧି ଖାଦ୍ୟ ଖାଇ ବିତେ ଜୀବନ

- ସରକାରୀ ସୁବିଧା ସୁଯୋଗ ସ୍ୱପ୍ନ
- ନାହିଁ ଭୋଟର କି ରାଶନ କାର୍ଡ
- ବଞ୍ଚିବା ପାଇଁ କେଳା ସମ୍ପ୍ରଦାୟର ସଂଗ୍ରାମ

ନୟାଗଡ ଅଫିସ,୧୮

ଅଭିଶପ୍ତ ଜୀବନ ଯାପନ କରୁଛନ୍ତି କେଳା ମାଟିଆ ପରିବାର। ବଣ ଜଙ୍ଗଲ ବୁଲି ଫଳମୂଳ ସଂଗ୍ରହ, କନ୍ଦା, ବିଲରୁ ମୂଷା ଓ ଗୋଧି ଖାଇ ବଞ୍ଚନ୍ତି ଏମାନେ। ଭୋଟର କାର୍ଡ, ଆବାସ ଯୋଜନାରେ ଘର, ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ପିଲମାନଙ୍କର ପାଠପଢ଼ା ଏମାନଙ୍କ ପାଇଁ ସ୍ୱପ୍ନ। ଏପରି କିଛି ପରିବାର ଓଡ଼ଗାଁ ବ୍ଲକ କଜଳାଇପଲ୍ଲୀରେ ଗୋଛା ଗାଁକୁ ପଡିଥିବା ରାସ୍ତା ପାର୍ଶ୍ୱରେ ରହି ଆସୁଛନ୍ତି। କିଛି ବର୍ଷ ହେଲା ଯାଯାବର ଜୀବନକୁ ଛାଡି କଜଳାଇପଲ୍ଲୀରେ ପ୍ରାୟ ୧୨ବର୍ଷ ହେଲା ସ୍ଥାୟୀ ଭାବେ ରହି ଆସୁଥିଲେ ମଧ ଏମାନଙ୍କର ସ୍ୱର ବ୍ଲକ, ପଞ୍ଚାୟତ, ଜିଲା ପ୍ରଶାସନ ପାଖରେ ପହଞ୍ଚି ପାରୁନି। ଭଙ୍ଗା ଛଣ ଛପର ଘରେ ଜରି ପାଲ ପକାଇ ଅଭିଶପ୍ତ ଜୀବନ ଜିଉଁଥିବାବେଳେ କେବେ କାହାରିକୁ ନିଜର ସୁବିଧା ଅସୁବିଧା ଜଣାନାହାନ୍ତି।

ପ୍ରକାଶ ଯେ, କଜଳାଇପଲ୍ଲୀରେ ରହୁଛନ୍ତି ୩ଟି କେଳା ପରିବାରର ୧୫ଜଣ। ଏମାନଙ୍କର ପିଲାମାନେ ପାଠ ନପଢ଼ି ବାପ, ଜେଜେ ଓ ଭଉଣୀଭାଇଙ୍କ ପରି ଜଙ୍ଗଲରେ ଘୂରି ବୁଲନ୍ତି। ଜଙ୍ଗଲ ଉପକରଣ ସଂଗ୍ରହ କରି ଲୋକଙ୍କୁ ବିକ୍ରି କରନ୍ତି। ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ନିଜେ ଖାଇଥାନ୍ତି। ମୂଷା, ଗୋଧି ଓ ପାରା ଏମାନେ ମଧ ଖାଇଥାନ୍ତି। ଏ ନେଇ ସିତା ନାମ୍ନୀ ଜଣେ ମହିଳା କୁହନ୍ତି, ବାହାର ଦୁନିଆ ଆମ ପାଇଁ ଅଜ୍ଞା। ଆମର ବଡବଡିଆ ଲୋକଙ୍କ ସହ ସମ୍ପର୍କ ନ ଥାଏ। ଆମ ପରିବାରର କେହି ବେକାର ନୁହନ୍ତି। ସମସ୍ତେ କିଛି ନା କିଛି ରୋଜଗାର କରି ଆମ୍ନ ନିର୍ଭରଶୀଳ। ସହର ଓ ଗାଁର ଚାକଚକ୍ୟ ଜୀବନ ନେଇ କୁହନ୍ତି, ଆମ ପାଖରେ କାହା ସହ ତୁଳନା କରିବାକୁ ସମୟ ନାହିଁ। ଆମେ ଯେପରି ଚଳୁଛୁ ଖୁସିରେ ଅଛୁ। ତେବେ ଆମ ପାଇଁ ସରକାର ଘର, ରାଶନ କାର୍ଡରେ ଚାଉଳ ଓ ଆବାସ ଯୋଜନାରେ ସାମିଲ କରିପାରିଲେ ଉପକୃତ ହୁଅନ୍ତୁ। ହେଲେ ଆମ କାହାରିକୁ କହି ପାରୁନାହିଁ କି ଆମକୁ କେହି ପଚାରୁ ନାହାନ୍ତି କହି କ୍ଷୋଭ ପ୍ରକାଶ କରିଥିଲେ। ଉପଜିଲାପାଳ ଲଗ୍ନଜିତ ରାଉତଙ୍କୁ ପଚାରିବାରେ ଆପଣଙ୍କଠାରୁ ଖବର ପାଇ ସମ୍ପୃକ୍ତ ପରିବାରକୁ ଚିହ୍ନଟ କରିବାକୁ ଉଦ୍ୟମ କରିଛୁ। ଏମାନଙ୍କୁ ସମାଜରେ କିପରି ଥଇଥାନ କରାଯାଇ ସରକାରୀ ସହାୟତା ଓ ଅନ୍ୟ ସୁବିଧା ସୁଯୋଗ ଦିଆଯିବ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



ଝୁମ୍ପୁଡି ଚାଳିଆ ଘରେ ରହୁଥିବା କେଳା ସମ୍ପ୍ରଦାୟର ଲୋକମାନେ।



ଜଣେ ମହିଳା ଖାଇବା ଲାଗି କନ୍ଦାକୁ ପ୍ରସ୍ତୁତ କରୁଛନ୍ତି।

# ଜିଲାସ୍ତରୀୟ ଜନଶୁଣାଣି ଶିବିରରେ ୧୧୦ ଅଭିଯୋଗ

ନୟାଗଡ଼ ଅଫିସ,୧୮

ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ସୋମବାର ଜିଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଲୋକମାନଙ୍କର ବିଭିନ୍ନ ଅଭିଯୋଗ ଶୁଣିଥିଲେ। ସୋମବାର ସମୁଦାୟ ୧୧୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲାବେଳେ ଏଥିରୁ ବ୍ୟକ୍ତିଗତ ଭାବେ ୮୫ ଟି ହୋଇଥିଲା। ସେହିପରି ସାମୂହିକ ଗ୍ରାମ ବିବାଦ ୨ଟିର ଶୁଣାଣି କରାଯାଇ ସମୁଦାୟ ୪୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା।

ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୧ଜଣ ଦରଖାସ୍ତକାରୀଙ୍କୁ ୯୭ ହଜାର ଟଙ୍କା ଆର୍ଥିକ ଅନୁଦାନ ଏବଂ ଜଲା ରେଡ୍‌କ୍ରସ ସଂସ୍ଥାରୁ ୧୨ଜଣ ଦରଖାସ୍ତକାରୀଙ୍କୁ ୧ ଲକ୍ଷ ୨୨ ହଜାର ଟଙ୍କା ଆର୍ଥିକ ଅନୁଦାନ ଅନୁମୋଦନ କରାଯାଇଛି। ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସାମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜନଶୁଣାଣି ଶିବିରରେ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ତହସିଲଦାର, ବିଡିଓ, ଜିଲାସ୍ତରୀୟ ପଦାଧିକାରୀ, ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟାଗୁଡ଼ିକ ଶୁଣାଣି କରିବାରେ ଜିଲାପାଳଙ୍କୁ ସହଯୋଗ କରିଥିଲେ।



ଉପଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ମହାନଦୀକୁ ଶୌଚ ହେବାକୁ ଯାଇ ବୃଦ୍ଧ ମୃତ

ଭାପୁର, ୧୮ (ଡି.ଏନ.ଏ.)

ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ କରବର ପଞ୍ଚାୟତ ଅଧୀନ ମଝିସାହିର ଜଣେ ବୃଦ୍ଧ ମହାନଦୀକୁ ଶୌଚ ହେବାକୁ ଯାଇ ଭାସି ଯାଇଥିଲେ। ବୃଦ୍ଧଙ୍କ ମୃତଦେହ ବାଙ୍କୀ ମହାନଦୀ କୂଳରୁ ଜବତ କରାଯାଇଛି। କରବର ଗ୍ରାମର ଡମ୍ବରୁ ସାହୁ(୬୦) ସୋମବାର ଭୋର ୫ଟାରେ ଗ୍ରାମ ନିକଟ ମହାନଦୀକୁ ଶୌଚ ପାଇଁ ଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ମହାନଦୀ କୂଳରେ ଗୋଟିଏ ଟର୍ଚ୍ଚ ଲାଇଟ୍ ଥୁଆ ହୋଇଥିବାରୁ ସନ୍ଦେହ ସୃଷ୍ଟି ହୋଇଥିଲା। ଫତେଗଡ଼ ଥାନା ଓ ଭାପୁର ଅଗ୍ନିଶମ ବିଭାଗକୁ ପରିବାର ଲୋକେ ଜଣାଇଥିଲେ। ଭାପୁର ଅଗ୍ନିଶମ ବିଭାଗ କର୍ମଚାରୀ ଗ୍ରାମବାସୀଙ୍କ ସହାୟତାରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ। ଡମ୍ବରୁଙ୍କୁ ନ ପାଇ ଫେରିଥିଲେ। ଅପରାହ୍ନ ୩ଟାରେ ବାଙ୍କୀ ଥାନା ଅନ୍ତର୍ଗତ ମହାନଦୀ କୂଳରୁ ଡମ୍ବରୁଙ୍କ ମୃତଦେହ ଜବତ କରି ବାଙ୍କୀ ମେଡିକାଲକୁ ନେଇଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ମୃତ ଡମ୍ବରୁଙ୍କ ଗୋଟିଏ ପୁଅ, ଦୁଇଟି ଝିଅ ଅଛନ୍ତି। ସାନ ଝିଅ କବିତା(୧୦)ଙ୍କ ୭ ବର୍ଷ ତଳେ ସେହି ମହାନଦୀରେ ଭାସିଯାଇ ମୃତ୍ୟୁ ହୋଇଥିବା ବେଳେ ସୋମବାର ବାପା ଡମ୍ବରୁଙ୍କ ମୃତ୍ୟୁ ଘଟିଛି। ସେହି ପଞ୍ଚାୟତର ଜଣେ ମହିଳା ଜୁଲାଇ ୧୪ରେ ମହାନଦୀରେ ଭାସିଯାଇ ମୃତ୍ୟୁବରଣ କରିଥିଲେ।



ମହାନଦୀରେ ଅଗ୍ନିଶମ କର୍ମଚାରୀମାନେ ବୋଟ୍‌ରେ ଭାସି ଯାଇଥିବା ବୃଦ୍ଧଙ୍କୁ ଖୋଜୁଛନ୍ତି।

# ନିଯୁକ୍ତି ନିମନ୍ତେ ବାହାର ଆବେଦନକାରୀଙ୍କ ତଦନ୍ତ ଆରମ୍ଭ

ଖଣ୍ଡପଡ଼ା,୧୮(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ରାଣୀଛେଲ୍ଲୀ ପଞ୍ଚାୟତ କଳପଙ୍ଗୀ ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଥିଲା। ଏ ପରିପ୍ରେକ୍ଷୀରେ ୮ଜଣ ପ୍ରାର୍ଥିନୀ ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରୁ ଆବେଦନକାରୀ ଉର୍ମିଳା ଜେନା ସ୍ଥାୟୀ ଭାବେ କଳପଙ୍ଗୀ ଗ୍ରାମରେ ନ ରହି ଭାପୁର ବ୍ଲକ ଅଧୀନ ଧାନଚେଙ୍ଗଡା ଗାଁରେ ଦୀର୍ଘବର୍ଷ ଧରି ରହି ଆସୁଥିବା ନେଇ ଅଭିଯୋଗ ଉଠିଥିଲା। ଉର୍ମିଳା ଓ ତାଙ୍କ ସ୍ୱାମୀଙ୍କ ନାମ ଧାନଚେଙ୍ଗଡା ପଞ୍ଚାୟତ ଭୋଟର ତାଲିକାରେ ଥିବା ବେଳେ ସେ ଚଞ୍ଚକତା କରି ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟରୁ ଏକ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ଯୋଗାଡ କରି ଅଙ୍ଗନୱାଡି କର୍ମୀ ପଦବୀ ନିମନ୍ତେ ଆବେଦନପତ୍ର ଦାଖଲ କରିଥିଲେ। ଏ ସମ୍ପର୍କରେ ଅଭିଯୋଗ ଉଠିବା ପରେ ଖଣ୍ଡପଡ଼ା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସତ୍ୟଭାମା ଦେବୀ, ସୁପରଭାଇଜର ଓ ଆଇସିଡିଏସ୍ କର୍ମଚାରୀମାନେ ସୋମବାର ଉକ୍ତ ଗ୍ରାମକୁ ପରିଦର୍ଶନରେ ଯାଇ ଅଭିଯୋଗର ତଦନ୍ତ କରିଛନ୍ତି। ଗ୍ରାମବାସୀଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରାଯାଇଥିବା ବେଳେ ଖୁବ୍‌ଶୀଘ୍ର ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।

# କ୍ରଶର ୟୁନିଟରୁ ଚୋରି, ଥାନାରେ ଅଭିଯୋଗ

ଖଣ୍ଡପଡ଼ା,୧୮(ସ୍ୱ.ପ୍ର.)

ଖଣ୍ଡପଡ଼ା-ନୟାଗଡ଼ ମୁଖ୍ୟରାସ୍ତା ପାର୍ଶ୍ୱ ଯୋଗିଆପଲ୍ଲୀ ଘାଟି ନିକଟରେ ଥିବା ବାବା ନୀଳକଣ୍ଠେଶ୍ୱର କ୍ରଶର ୟୁନିଟ୍‌ରୁ ସ୍ଥାନୀୟ ଅଞ୍ଚଳର କେତେଜଣ ଦୁର୍ବୃତ୍ତ ବହୁ ମୂଲ୍ୟବାନ୍ ସାମଗ୍ରୀ ଲୁଟି ନେଇଥିବା ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି। କ୍ରଶର ୟୁନିଟ୍‌ର ମାଲିକ ଆନନ୍ଦ ଚନ୍ଦ୍ର ଦଳେଇ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଚୋରି ହୋଇଥିବା ସାମଗ୍ରୀଗୁଡ଼ିକର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। କ୍ରଶର ୟୁନିଟ୍ ପରିସରରୁ ଦୁର୍ବୃତ୍ତମାନେ ଷ୍ଟାର୍ଟର, ବ୍ୟାଟେରି, ହାମର ସମେତ ଅନ୍ୟ ସାମଗ୍ରୀ ଚୋରିକରି ନେଇଛନ୍ତି। ଏହି ଚୋରି ଘଟଣା ପଛରେ ନିକଟସ୍ଥ ଗ୍ରାମର ଦୁର୍ବୃତ୍ତମାନେ ସମ୍ପୃକ୍ତ ଥିବା ନେଇ ଥାନାରେ ଦାଏର ହୋଇଥିବା ଲିଖିତ ଅଭିଯୋଗରୁ ଜଣାପଡ଼ିଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧାନ କରିବା ସହ ତଦନ୍ତ ଚଳାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଥାଉ କି, ଏହି ଚୋରି ଘଟଣା ପଛରେ କେତେଜଣ କବାଡ଼ିଆଙ୍କ ହାତ ଥିବା ନେଇ ପୋଲିସ ସନ୍ଦେହ କରୁଛି।



କ୍ରଶରରୁ ଚୋରି ଯନ୍ତ୍ରାଂଶକୁ ପୋଲିସ ଯାଞ୍ଚ କରୁଛନ୍ତି।

# ବର୍ଷକୁ ୪ ଥର ଭୋଟର ତାଲିକାରେ ନାମ ପଞ୍ଜୀକରଣ

- ଆଧାର କାର୍ଡ ସଂଯୋଗ ବାଧ୍ୟତାମୂଳକ ନୁହେଁ
- ସ୍ୱେଚ୍ଛାକୃତ ଭାବେ ଭୋଟରଙ୍କଠାରୁ ସଂଗ୍ରହ ହେଉଛି ଆଧାର ବିବରଣୀ

ନୟାଗଡ଼ ଅଫିସ,୧୮

କେନ୍ଦ୍ର ସରକାରଙ୍କର ଆଇନ ଓ ବିଚାର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଲୋକ ପ୍ରତିନିଧି ଆଇନ ୧୯୫୦/୧୯୫୧ର ପରିବର୍ତ୍ତନ କରାଯାଇ ଭୋଟର ତାଲିକାରେ ଫର୍ମ ସହ ଅନେକ କ୍ଷେତ୍ରରେ ସଂଶୋଧନ କରାଯାଇଛି। ଏହି ବ୍ୟବସ୍ଥା ୨୦୨୨ ଅଗଷ୍ଟ ୧ରୁ ଲାଗୁ କରାଗଲା ବୋଲି ସୋମବାର ଅପରାହ୍ନରେ ଇଲେକ୍‌ଟୋରାଲ ରେଜିଷ୍ଟ୍ରେଶନ ଅଧିକାରୀ ତଥା ଉପଜିଲାପାଳ ଲଗ୍ନଜିତ ରାଉତ ନିଜ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରାଇ କହିଛନ୍ତି। ନୟାଗଡ଼ ଜିଲାରେ ଭୋଟର ତାଲିକା ସଂଶୋଧନ, ନୂତନ ଭୋଟର ପଞ୍ଜୀକରଣ ଏବଂ ଆଧାର ସଂଯୋଗୀକରଣ ଆରମ୍ଭ ହେଲା ବୋଲି ସୂଚନା ଦେଇଛନ୍ତି। ଉପଜିଲାପାଳ ରାଉତ ଖବରଦାତାମାନଙ୍କୁ ସ୍ୱାଗତ ଜଣାଇ କହିଥିଲେ, ପୂର୍ବରୁ ଭୋଟର ତାଲିକା ପ୍ରକାଶନ ନିମନ୍ତେ ବ୍ୟବହାର କରାଯାଉଥିବା ଫର୍ମ ନଂ. ୬ ଓ ୭ ସରଳୀକରଣ କରାଯାଇ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ସେହିପର ଫର୍ମ ନଂ. ୮ରେ ଆଗରୁ ଭୋଟର ତାଲିକାରେ ତ୍ରୁଟି ଥିବା ବିବରଣୀଗୁଡିକର ସଂଶୋଧନ କରାଯାଉଥିଲା। କିନ୍ତୁ ବର୍ତ୍ତମାନର ଫର୍ମରେ ତ୍ରୁଟି ସଂଶୋଧନ ସହ ନିର୍ବାଚନ ମଣ୍ଡଳୀ ମଧ୍ୟରେ କିମ୍ବା ବାହାରକୁ ବାସସ୍ଥାନ ସ୍ଥାନାନ୍ତର, ଭୋଟର ପରିଚୟ ପତ୍ର ବଦଳ କରିବା ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ ନିମନ୍ତେ ମଧ ବ୍ୟବହାର କରାଯାଇପାରିବ। ଏତଦ୍‌ବ୍ୟତୀତ ପୂର୍ବରୁ ଭୋଟରେ ତାଲିକାରେ ନୂତନ ଭୋଟର ପଞ୍ଜୀକରଣ ନିମନ୍ତେ ପ୍ରତ୍ୟେକ ବର୍ଷ ଜାନୁୟାରୀ ୧କୁ ଭୋଟରଙ୍କ ଯୋଗ୍ୟତା ତାରିଖ ଭାବେ ଗ୍ରହଣ କରାଯାଉଥିଲା। କିନ୍ତୁ ତାହାକୁ ପରିବର୍ତ୍ତନ କରାଯାଇ ବର୍ତ୍ତମାନ ୨୦୨୨ ଅଗଷ୍ଟ ୧ରୁ ନୂତନ ଭୋଟର ପ୍ରବେଶ ତାରିଖ ଜାନୁୟାରୀ ୧ ସହ ଏପ୍ରିଲ ୧, ଜୁଲାଇ ୧ ଏବଂ ଅକ୍ଟୋବର ୧ ଏହିପରି ବର୍ଷକୁ ୪ଟି ପର୍ଯ୍ୟାୟରେ ଭୋଟର ତାଲିକାରେ ପ୍ରବେଶର ଯୋଗ୍ୟତା ଭାବେ ଗ୍ରହଣ କରାଯାଉଛି।

ସେ ଆହୁରି କହିଥିଲେ ଯେ, ୪।୮।୨୦୨୨ଠାରୁ ୨୪।୧୦।୨୦୨୨ ମଧ୍ୟରେ ଭୋଟର ତାଲିକା ସଂଶୋଧନର ପୂର୍ବ କାର୍ଯ୍ୟକ୍ରମଗୁଡ଼ିକ କରାଯିବ। ଏହାର ଉଦାହାରଣ ଦେଇ କହିଥିଲେ, ମତଦାନ କେନ୍ଦ୍ରର ନିର୍ଦ୍ଧାରଣ ଓ ପରିବର୍ତ୍ତନ, ଭୋଟର ତାଲିକାର ଅସଙ୍ଗତି ଦୂରୀକରଣ, ଭୋଟରମାନଙ୍କର ଉନ୍ନତମାନର ଫଟୋ ସଂଗ୍ରହ ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ହାତକୁ ନିଆଯିବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଅଗଷ୍ଟ ୯ରୁ ଆରମ୍ଭ କରାଯିବ। ଅଗଷ୍ଟ ୯ରୁ ୮।୧୨।୨୦୨୨ ପର୍ଯ୍ୟନ୍ତ ଭୋଟରମାନେ ସ୍ୱେଚ୍ଛାକୃତ ଭାବେ ସେମାନଙ୍କର ଫର୍ମ ପୂରଣ କରି ଦାଖଲ କରିପାରିବେ। ଏହି ସମୟ ମଧ୍ୟରେ ସେମାନଙ୍କ ଦ୍ୱାରା ପଞ୍ଜୀକରଣ ନିମନ୍ତେ ସ୍ୱତନ୍ତ୍ର ଅଭିଯାନମାନ କରାଯିବ। ୨୦୨୦ ଡିସେମ୍ବର ୨୬ରେ ଭୋଟରମାନଙ୍କଠାରୁ ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକର ସମାଧାନ କରାଯିବ। ୨୦୨୩ ଜାନୁୟାରୀ ୩ରେ ନିର୍ବାଚନ ଆୟୁକ୍ତଙ୍କଠାରୁ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନର ଅନୁମତି ପରେ ୨୦୨୩ ଜାନୁୟାରୀ ୫ରେ ଏହା ବିଧିବଦ୍ଧ ଭାବେ ପ୍ରକାଶ କରାଯିବ। ଏହି ସମ୍ମିଳନୀରେ ଉପସ୍ଥିତ ଖବରଦାତାମାନଙ୍କ ସହ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଭୋଟର ତାଲିକା କିଭଳି ପ୍ରସ୍ତୁତ କରାଯିବ ଦେଖାଉଛନ୍ତି।